

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ବାଲେଶ୍ୱର ❑ ଶନିବାର ୦୬ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 June 2026
Vol.No. 36 ■ No.148 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଯୁଦ୍ଧର ଚାରି ବର୍ଷ ପରେ ଚେତା ପଶିଲା: ରୁଷ୍ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବନ୍ଦ କରିବାକୁ ଅପିଲ

ନୂଆଦିଲ୍ଲୀ,୫/୬ : ରୁଷ୍ ଓ ୟୁକ୍ରେନ ମଧ୍ୟରେ ଗତ ଚାରି ବର୍ଷ ହେଲା ଯୁଦ୍ଧ ଚାଲିଥିବାବେଳେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଖୋଲା ଚିଠି ଲେଖି ମୁହାଁମୁହିଁ ସାକ୍ଷାତ ପ୍ରସ୍ତାବ ଦେଇଛନ୍ତି । ବାୟୁ ପ୍ରତିରକ୍ଷାକୁ ମଜବୁତ କରିବାକୁ ପଡିବ ବୋଲି କ୍ରେମଲିନ୍ ମୁଖ୍ୟ କହିବାର କିଛି ସମୟ ମଧ୍ୟରେ ଜେଲେନସ୍କି ଏହି ପ୍ରସ୍ତାବ ଦେଇଛନ୍ତି । ୟୁକ୍ରେନ ଉଭୟଙ୍କ ମଧ୍ୟରେ ସିଧାସଳଖ କଥାବାର୍ତ୍ତା ମାଧ୍ୟମରେ ଏହି ଯୁଦ୍ଧ ସମାପ୍ତ କରିବାକୁ ପ୍ରସ୍ତାବ ଦେଇଛି। ଚାରି ବର୍ଷ ମଧ୍ୟରେ ପ୍ରଥମ ଥର ଜେଲେନସ୍କି ଖୋଲା ଚିଠି ମାଧ୍ୟମରେ କଥାବାର୍ତ୍ତା କରିବାକୁ ପ୍ରସ୍ତାବ ଦେଇଛନ୍ତି। ସ୍ୱିଜରଲ୍ୟାଣ୍ଡ, ତୁର୍କୀ କିମ୍ବା ଆରବ ଦେଶରେ



କଥାବାର୍ତ୍ତା ପାଇଁ ଉପଯୁକ୍ତ ରହିବ ବୋଲି ପୁଟିନ୍ କହିଛନ୍ତି। ଶାନ୍ତି ଆଲୋଚନା ସମୟରେ ଯୁଦ୍ଧବିରତି ରହିବ ବୋଲି ମଧ୍ୟ ଜେଲେନସ୍କି କହିଛନ୍ତି। ଦୁଇପକ୍ଷ ମଧ୍ୟରେ କଥାବାର୍ତ୍ତା ମସ୍କୋ କିମ୍ବା କିବ୍‌ରେ ନ ହେଉ ବୋଲି ଜେଲେନସ୍କି କହିଛନ୍ତି । ବଡ଼ ପ୍ରସଙ୍ଗର ସମାଧାନ ଦୁଇ ଦେଶର ନେତା ହିଁ କରିପାରିବେ ବୋଲି ଜେଲେନସ୍କି କହିଛନ୍ତି । ଏହାସହିତ କେବଳ ଆମେରିକା ଉପରେ ନିର୍ଭର କରି ହାତ ଉପରେ ହାତ ରଖି ବସି ପଡ଼ିଲେ ଚଳିବ ନାହିଁ, ଆମେରିକାର ଧ୍ୟାନ ଏବେ ଇରାନ ଉପରେ ରହିଛି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି । ଜେଲେନସ୍କି ରୁଷ୍‌କୁ ସମାଲୋଚନା କରି କହିଛନ୍ତି ଯେ, ରୁଷ୍ ସ୍ଥଳଭାଗ ଯୁଦ୍ଧରେ ସଫଳ ହୋଇପାରିଲା ନାହିଁ ବୋଲି ଏବେ ବାଲିଷ୍ଟିକ କ୍ଷେପଣାସ୍ତ୍ର ଅଧିକ ବ୍ୟବହାର କରୁଛି। ସେ ଆହୁରି କହିଛନ୍ତି, ରୁଷ୍ ଚାହୁଁଛି ଏହି ଯୁଦ୍ଧ ଆହୁରି ବର୍ଷେ କିମ୍ବା ଦୁଇ ବର୍ଷ ଜାରି ରହୁ, ଯଦ୍ଦ୍ୱାରା ମସ୍କୋ ଯେକୌଣସି ପ୍ରକାରେ କିଛି ସଫଳତା ହାସଲ କରିପାରିବ। ଏପଟେ ଋଷ କହିଛି ଯେ ଆମେ ଶାନ୍ତିପୂର୍ଣ୍ଣ ଉପାୟରେ ୟୁକ୍ରେନ ସହିତ ଚୁକ୍ତି କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

## ଗଙ୍ଗୱାରଙ୍କୁ ଜେରା: ଦିଲ୍ଲୀ ଫେରିଲା ଏନ୍‌ଏଚ୍‌ଆରସି ଟିମ୍

ଭୁବନେଶ୍ୱର, ୦୫/୬ (ନି.ପ୍ର): ବହୁଚର୍ଚ୍ଚିତ ବାଲିଅନ୍ତାରେ ଜିଆରପି ପୁଲିସ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା ମାମଲାରେ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆରସି) ତଦନ୍ତକାରୀ ଟିମ୍ ଆଜି ପଞ୍ଚମ ଦିନରେ ଏଡିଜି ଦୟାଲ୍ ଗଙ୍ଗୱାରଙ୍କୁ ଜେରା କରିଛି। ସକାଳେ ଏଡିଜିଙ୍କୁ ଜେରା କରାଯାଇଥିବା ଏନ୍‌ଏଚ୍‌ଆରସି ଟିମ୍ ସଦସ୍ୟ ଦିଲ୍ଲୀ ଫେରିବା ପୂର୍ବରୁ ରାଜ୍ୟ ଅତିଥିଭବନରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସୌମ୍ୟଙ୍କ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଜେରା କରାଯାଇଥିବା କୁହାଯାଇଛି । ଅଭିଯୋଗରେ ଦର୍ଶାଯାଇଥିଲା ଯେ ଏଡିଜି ସୌମ୍ୟଙ୍କୁ ବ୍ୟକ୍ତିଗତ କାମରେ ଲଗାଉଥିଲେ। ନିଜ ଜିମ୍ କାମରେ ନିୟୋଜିତ କରିବା ସହ ଘରକୁ ମସାଜ୍ ପାଇଁ ଡକାଉଥିଲେ ଓ ନିର୍ଯାତନା ଦେଉଥିଲେ। ଏଥିପାଇଁ ମାନସିକ ଚାପରେ ରହୁଥିବା ସୌମ୍ୟ କୌଣସି କଥା



ଅମାନ୍ୟ କଲେ ଏଡିଜିଙ୍କ ଠାରୁ ଗାଳି, ଧମକ ମିଳୁଥିଲା। ଶ୍ରୀ ଗଙ୍ଗୱାର ତାଙ୍କୁ କିଭଳି ବ୍ୟକ୍ତିଗତ କାମରେ ଲଗାଉଥିଲେ, ନିଜ ଜିମ୍‌ରେ କେବେଠାରୁ ସୌମ୍ୟଙ୍କୁ ଦାୟିତ୍ୱ ଦେଇଥିଲେ, ଏଥିପାଇଁ ତାଙ୍କୁ ଅଲଗା ପାରିଶ୍ରମିକ ଦେଉଥିଲେ ନା ବିନା ପାରିଶ୍ରମିକରେ କାମ କରାଉଥିଲେ, ଏମିତି ବିଭିନ୍ନ ଦିଗରୁ ଗଙ୍ଗୱାରଙ୍କୁ ଜେରା କରାଯାଇଥିବା ଏନ୍‌ଏଚ୍‌ଆରସି ସଦସ୍ୟ ସୂଚନା ଦେଇଛନ୍ତି। ୫ ଦିନ ଧରି ଖୋଳତାଡ଼ ପରେ ଆଜି ଟିମ୍ ଦିଲ୍ଲୀ ଫେରିଯାଇଛି। ଗତ ୧ ତାରିଖରୁ ଏନ୍‌ଏଚ୍‌ଆରସି ଟିମ୍ ତଦନ୍ତ ଆରମ୍ଭ କରିଥିଲେ। ପ୍ରଥମ ଦିନ ଅଭିଯୋଗକାରୀ ଭଜନମନ ବିଶ୍ୱାଳଙ୍କ ପଦତ୍ତ ତଥ୍ୟ ତର୍ଜମା ପରେ ମାମଲାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ଓ ବାଲିଅନ୍ତା ଥାନା ପୂର୍ବତନ ଆଇଆଇସି ଅନୀଲ ପରିଡ଼ା ଏବଂ ଅନ୍ୟ କର୍ମଚାରୀଙ୍କୁ ଜେରା କରି ବୟାନ ରେକର୍ଡ଼ କରିଥିଲା। ଦ୍ୱିତୀୟ ଦିନ ଜିଆରପି ଏସ୍‌ପିଙ୍କ ସମେତ ୮ ଜଣଙ୍କୁ ମାରାଥନ ଜେରା ସହ ଘଟଣାସ୍ଥଳରେ ଅନୁଧ୍ୟାନ ଓ ଯାଞ୍ଚ କରିଥିଲେ। ପରେ ଅଡ଼ଶପୁର ସ୍ଥିତ ସୌମ୍ୟଙ୍କ ଜିମ୍‌ରେ ତନାଘନା କରିଥିଲେ। ସେଠାରୁ ସୌମ୍ୟଙ୍କ ଘରକୁ ଯାଇ ତାଙ୍କ ବାପା, ମା' ଏବଂ ସମ୍ପର୍କୀୟଙ୍କ ସହ ଆଲୋଚନା କରି ବୟାନ ଲିପିବଦ୍ଧ କରିଥିଲେ।

◆◆ପୃଷ୍ଠା ୭

## ପୁଣି ଚାଞ୍ଚଲ୍ୟ ଖେଳାଇଲା ପିଟିପିଟି ହତ୍ୟା ଘଟଣା: ସାମାନ୍ୟ ଗାଡ଼ି କାଚ ଭଙ୍ଗାକୁ କେନ୍ଦ୍ର କରି ନିର୍ମମ ହତ୍ୟା



କେନ୍ଦ୍ରାପଡ଼ା, ୦୫/୬ (ନି.ପ୍ର): ପୁଣି ଚାଞ୍ଚଲ୍ୟ ଖେଳାଇଲା ପିଟିପିଟି ହତ୍ୟା ଘଟଣା । ସାମାନ୍ୟ ଗାଡ଼ିକାଚ ଭଙ୍ଗା ଘଟଣାକୁ କେନ୍ଦ୍ର କରି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ । ୯ ଦିନ ଧରି ନିଖୋଜ ଥିବା ଜଣେ ଯୁବକଙ୍କ ଦେହାବଶେଷ ଉଦ୍ଧାର କରିଛି ପୁଲିସ। ହାତରେ ଲାଗିଛି କେବଳ କିଛି ହାଡ଼, ଚୁଟି ଓ ପିନ୍ଧାଲୁଗା । ଅପହରଣ କଲେ। ହାତଗୋଡ଼ ବାନ୍ଧି ମାଡ଼ ମାରିଲେ। ପିଟିପିଟି ମାରିଦେଲେ। ବିଲ ମଝିରେ ଫିଙ୍ଗିଦେଲେ! ୯ ଦିନ ଧରି ଯୁବକ ନିଖୋଜ ରହିବା ପରେ, ପୁଲିସ ହାତରେ ଲାଗିଲା କେବଳ କେଇଖଣ୍ଡ ହାଡ଼ । ବାଲିଅନ୍ତା ବର୍ବରତାଠୁ ବଳିଗଲା ଆଳିର ନୃଶଂସତା। ରକ୍ତମୁଖା ଅମଣିଷଙ୍କ ଆକ୍ରୋଶର ଶିକାର ହୋଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ମହାଦେଇପାଟଣାର ଗୌରାଙ୍ଗ ସେଠୀ ।

◆◆ପୃଷ୍ଠା ୭

## ରାଜ୍ୟରେ ବିଜେପି ସରକାରକୁ ପୂରିଲା ୨ ବର୍ଷ: ଜିଲ୍ଲା ଓ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବାକୁ ଯୋଜନା

ଭୁବନେଶ୍ୱର, ୦୫/୬ (ନି.ପ୍ର): କିଛି ଦିନ ଧରି ଆଇନ ଶୃଙ୍ଖଳାକୁ ନେଇ ସରକାର ବେଶ ଅପବାଦ ମୁଣ୍ଡାଇଲେ। ଏବେ ଭାବମୂର୍ତ୍ତି ସଜାଡିବାର ବେଳ। ଏଣୁ ସରକାରଙ୍କ ବର୍ଷପୂର୍ତ୍ତି ପାଳନକୁ ନେଇ ଆରମ୍ଭ ହୋଇଗଲାଣି ଶାସନକଳରେ ବଡ଼ ପ୍ରସ୍ତୁତି । ରାଜ୍ୟସ୍ତରୀୟ ବର୍ଷପୂର୍ତ୍ତି ପାଳନ ଅବସରରେ ରାଜ୍ୟବାସୀଙ୍କୁ ବଡ଼ ଭେଟି ଦେବେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ । ଏଥିପାଇଁ ପଞ୍ଚାୟତରୁ ଜିଲ୍ଲାସ୍ତରୀୟ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ଆୟୋଜନ କରି ଲୋକଙ୍କ ଆସ୍ଥା ଜିଣିବାକୁ ମେଗା ପ୍ରସ୍ତୁତି କରୁଛନ୍ତି ମୋହନ ସରକାର। ଜୁନ ୧୨ରେ ମୋହନ ସରକାରଙ୍କୁ ଦୁଇ ବର୍ଷ



ପୂରିବାକୁ ଯାଉଛି। ଲୋକଙ୍କ ସରକାର, ଲୋକଙ୍କ ପାଇଁ କଣ କରିଛନ୍ତି ? କେଉଁ ଯୋଜନା ଆଣିଛନ୍ତି ? ତାହାର ହିସାବ କିତାବ ଲୋକଙ୍କ ପାଖରେ ରଖିବେ। ସିଧା କହିବାକୁ ଗଲେ ଲୋକଙ୍କୁ ୨ ବର୍ଷର ରିପୋର୍ଟ କାର୍ଡ ଦେବେ। ଏନେଇ ସରକାରୀ ସ୍ତରରେ ଜୋରଦାର ପ୍ରସ୍ତୁତି ଚାଲିଛି। ସଚିବସ୍ତରୀୟ ବୈଠକରେ ବର୍ଷପୂର୍ତ୍ତିକୁ ନେଇ ହୋଇଛି ବଡ଼ ପ୍ରସ୍ତୁତି। ଏଥିପାଇଁ ପ୍ରତ୍ୟେକ ବିଭାଗ ନିଜ ନିଜର ପ୍ରସ୍ତୁତି ଚଳାଇଛନ୍ତି। ପ୍ରତ୍ୟେକ ତାଙ୍କର ରିପୋର୍ଟ କାର୍ଡ ମଧ୍ୟ ପ୍ରସ୍ତୁତ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ୧୨ ଓ ୧୫ ତାରିଖରେ ରାଜଧାନୀ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳତା କଥା ଲୋକଙ୍କ ପାଖରେ ରଖାଯିବ। ସେହିପରି ଆସନ୍ତା ୨୦ ତାରିଖରେ ୫୦ରୁ ଅଧିକ ପ୍ରକଳ୍ପ ଘୋଷଣା ହେବ । ଗୋଟିଏ ପଟେ ମନ୍ତ୍ରୀଙ୍କ ରିପୋର୍ଟକାର୍ଡର ସମୀକ୍ଷା ସରିବା ପରେ ଏବେ ସରକାର ନିଜ ରିପୋର୍ଟ କାର୍ଡ ଧରି ଲୋକଙ୍କ ପାଖକୁ ଯିବାକୁ ପ୍ରସ୍ତୁତ ଚଳାଇଛନ୍ତି ।

## ଘରୋଇ ସ୍କୁଲକୁ ଏନଓସି ଦେବା ପାଇଁ ଲାଞ୍ଚ: ଧରାପଡ଼ିଲେ ଜୁନିଅର୍ ଆସିଷ୍ଟାଣ୍ଟ

ଭଦ୍ରକ , ୦୫/୬ (ନି.ପ୍ର): ୧୦ ହଜାର ଲାଞ୍ଚ ନେଇ ଧରା ହେଲେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜୁନିଅର୍ ଆସିଷ୍ଟାଣ୍ଟ। ଘରୋଇ ସ୍କୁଲକୁ ଏନଓସି ଦେବା ପାଇଁ ଲାଞ୍ଚ ନେବା ବେଳେ ମାଡିମସିଲା ଭିଜିଲାନ୍ସ ଟିମ୍। ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜୁନିଅର୍ ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଦାସଙ୍କୁ ଧରିଛି ପୁଲିସ। ବାରାପୁର ଅଞ୍ଚଳର ଏକ ଘରୋଇ ସ୍କୁଲକୁ ଏନଓସି ପ୍ରମାଣପତ୍ର ଦେବା ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। କାର୍ଯ୍ୟାଳୟ ପରିସରରେ ଅଭିଯୋଗକାରୀ ପ୍ରଶାନ୍ତ ସାହୁ ଦାବି

◆◆ପୃଷ୍ଠା ୭

## ଖୁବ୍‌ଶୀଘ୍ର ଆସିବ ପ୍ଲାଷ୍ଟିକ୍ ନୋଟ୍ : ଓଦା ହେଲେ ନଷ୍ଟ ହେବନି, କି ପୁରୁଣା ବି ହେବନି

ନୂଆଦିଲ୍ଲୀ,୫/୬ : କାଗଜ ନୋଟ୍ ବଦଳରେ ଖୁବ୍‌ଶୀଘ୍ର ଦେଶରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରାଯିବ। ଏ ସମ୍ପର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ଲାଷ୍ଟିକ୍ ନୋଟ୍ ଆଣିବା ପ୍ରସ୍ତାବ ବିଚାରାଧୀନ ରହିଛି। କିନ୍ତୁ ସେହି ଯୋଜନା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ଏହାର ଭଲ ଓ ଖରାପ ଦିଗଗୁଡ଼ିକ ବିଷୟରେ ବିଚାର କରାଯାଉଛି। ପ୍ଲାଷ୍ଟିକ୍ ନୋଟ୍ ପ୍ରକୃତରେ ଲାଭଦାୟକ ହେବ ନା ନାହିଁ ତାହା ରିଜର୍ଭ ବ୍ୟାଙ୍କ ଜାଣିବାକୁ ପ୍ରୟାସ କରୁଛି। ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରିବାକୁ ଦଶନ୍ଧି ପୂର୍ବରୁ ଯୋଜନା ହୋଇଥିଲା। କାଗଜ ନୋଟ୍‌ର ବର୍ଦ୍ଧିତ ଛପା ଖର୍ଚ୍ଚ ଓ କମ୍ ଜୀବନ କାଳକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ୍ ନୋଟ୍ ତାହାର ଏକ ଭଲ ବିକଳ୍ପ ହେବ ବୋଲି ସରକାର ଭାବୁଥିଲେ। ୨୦୧୪ ଫେବୃଆରିରେ ସରକାର ସଂସଦକୁ ଜଣାଇଥିଲେ ଯେ ୧୦୦ କୋଟି ଖଣ୍ଡ ୧୦ ଟଙ୍କିଆ ପ୍ଲାଷ୍ଟିକ୍ ନୋଟ୍‌କୁ କୋଚି, ମହୀଶୂର, ଜୟପୁର, ଶିମ୍ଲା ଓ ଭୁବନେଶ୍ୱରରେ ପରୀକ୍ଷଣ କରାଯିବ। କିନ୍ତୁ ବୈଷୟିକ ଓ ପରିଚାଳନାଗତ ସମସ୍ୟା ପାଇଁ ସେହି ଯୋଜନା ଆଗକୁ ବଢ଼ିପାରିନଥିଲା। ଦଶନ୍ଧି ପୂର୍ବେ ପ୍ଲାଷ୍ଟିକ୍ ନୋଟ୍ ପାଇଁ ପ୍ରଯୁକ୍ତି ଅତ୍ୟନ୍ତ ପ୍ରାରମ୍ଭିକ ସ୍ତରରେ ଥିଲା। ଏବେ କିନ୍ତୁ ତାହା ସୁବିଧାରେ ଉପଲବ୍ଧ ହେଉଛି। ତେଣୁ ଏହି ଯୋଜନାରେ ଆଗକୁ ବଢ଼ିବା ନେଇ ରହିଥିବା ବଡ଼ ପ୍ରତିବନ୍ଧକ ଦୂର ହୋଇଛି। ଏଟିଏମ୍ ମେସିନ୍ ମଧ୍ୟ ପ୍ଲାଷ୍ଟିକ୍ ନୋଟ୍‌କୁ ଭଲ ଭାବେ ଚିହ୍ନିପାରୁଛି। ସେଥିପାଇଁ ପୁଣି ଥରେ ପ୍ଲାଷ୍ଟିକ୍ ନୋଟ୍ ଆସିବା ଚର୍ଚ୍ଚା ଜୋର ଧରିଛି। ଅଷ୍ଟ୍ରେଲିଆ ଭଳି ବିଶ୍ୱର କିଛି ହାତଗଣତି ଦେଶରେ ପ୍ଲାଷ୍ଟିକ୍ ନୋଟ୍ ସଫଳତାର ସହ ପ୍ରଚଳନରେ ରହିଛି।

## କର୍ଣ୍ଣାଟକରେ କଂଗ୍ରେସର କନ୍ଦଳ: ମନ୍ତ୍ରୀପଦ ମିଳିବାର ଦୁଇଦିନ ପରେ ଇସ୍ତଫା


ନୂଆଦିଲ୍ଲୀ,୫/୬ : କର୍ଣ୍ଣାଟକ କଂଗ୍ରେସର ସବୁ କିଛି ଠିକ୍ ଚାଲିଥିବା ଭଳି ମନେ ହେଉନି । କାରଣ ମୁଖ୍ୟମନ୍ତ୍ରୀ ଭାବେ ଡି.କେ ଶିବକୁମାର ଶପଥ ନେବାର ଦୁଇଦିନ ଭିତରେ କନ୍ଦଳ ଜଳ ଜଳ ହୋଇ ଦେଖାଗଲାଣି । କାରଣ ମନ୍ତ୍ରୀମଣ୍ଡଳର ଗଠନର ଦୁଇଦିନ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି । ଇସ୍ତଫା ଦେଇଥିବା ମନ୍ତ୍ରୀ ରାମାଲିଙ୍ଗ ରେଡ୍ଡିଙ୍କ ମତରେ ବେଙ୍ଗାଲୁରୁ ଉନ୍ନତିକରଣ ବିଭାଗ ତାଙ୍କୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ତାଙ୍କୁ ବୃହତ ଓ ମଧ୍ୟମ ଜଳସେଚନ ବିଭାଗ ଦିଆଯାଇଛି। ଯାହାକୁ ନେଇ କ୍ଷୁବ୍ଧ ରାମାଲିଙ୍ଗ ରେଡ୍ଡି ମିଡିଆ



ସାମନାରେ ଇସ୍ତଫା ଦେବାକୁ ପଛାଇନାହାନ୍ତି । ରାମାଲିଙ୍ଗଙ୍କ ଇସ୍ତଫା ମାତ୍ର ଦୁଇ ଦିନରେ ସରକାରଙ୍କୁ ଅଡୁଆରେ ପକାଇଥିଲେ ବି ମୁଖ୍ୟମନ୍ତ୍ରୀ ଡିକେ ଶିବ କୁମାର ଏହାକୁ ଏତେ ଗୁରୁତ୍ୱ ଦେଇନାହାନ୍ତି । ରାମାଲିଙ୍ଗଙ୍କୁ ଦଳର ବରିଷ୍ଠ ନେତା ବୋଲି ଅବିହିତ କରି ଏହାର ସମାଧାନ ଶିଘ୍ର ହେବ ବୋଲି ମନ୍ତବ୍ୟ ଦେଇ ପରିସ୍ଥିତିକୁ ହାଲୁକା କରିବାକୁ ଚେଷ୍ଟା କରିଛନ୍ତି । ମାତ୍ର ବିଭାଗ ବଣ୍ଟନକୁ ନେଇ ବହୁ ବରିଷ୍ଠ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଶେଷ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରମୈୟାଙ୍କ ପୁଅ ୟଥିନ୍ଦ୍ରଙ୍କୁ ସହରାଞ୍ଚଳ ଉନ୍ନୟନ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ପୁଅ ପ୍ରିୟାଙ୍କ ଖଡଗେଙ୍କୁ ଗୃହ ବିଭାଗ ଦିଆଯିବାକୁ ଅନେକ ଗ୍ରହଣ କରୁନାହାନ୍ତି । ଅନ୍ୟପକ୍ଷରେ ନବନିଯୁକ୍ତ ସଭାପତି ବିକେ ହରିପ୍ରସାଦଙ୍କ ବୟାନ ଦଳ ମଧ୍ୟରେ ଆଉ ଏକ ବିବାଦ ସୃଷ୍ଟି କରିଛି । କ୍ଷମତା ପାଇଁ ଶିବକୁମାରଙ୍କ ପାଖକୁ ଯାଉ, ଦଳର ସଂଗଠନ ପାଇଁ ମୋ ପାଖକୁ ଆସ ବୋଲି ହରିପ୍ରସାଦଙ୍କ ବିବୃତି ନେଇ ଆଭ୍ୟନ୍ତରୀଣ ବିବାଦ ତେଜିଛି। ଇତି ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ରାଜ୍ୟସଭା ପ୍ରାର୍ଥୀପତ୍ର ଦାଖଲ ପାଇଁ ବେଙ୍ଗାଲୁରୁ ପହଞ୍ଚିଛନ୍ତି । ଏହି ଅବସରରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପରିସ୍ଥିତିକୁ ସମ୍ଭାଳିବା ପାଇଁ ସବୁ ତୁଙ୍ଗ ନେତାଙ୍କ ସହ ଆଲୋଚନା କରିଛନ୍ତି।

## 'ଆନ୍ନାମଲାଇ' ଗଢ଼ିବେ ନୂଆ ଦଳ: ତାମିଲନାଡୁ ରାଜନୀତିରେ ବଡ଼ ଧରଣର ହଲଚଲ

ନୂଆଦିଲ୍ଲୀ,୫/୬ : ବିଜେପି ଛାଡ଼ିଲେ, ନୂଆ ରାଜନୈତିକ ଦଳ ଗଢ଼ିବେ ଆନ୍ନାମଲାଇ। କିଛି ଦିନର କଳ୍ପନାଜଳ୍ପନା ପରେ ଶେଷରେ ବିଜେପି ଛାଡ଼ିଛନ୍ତି କେ.ଆନ୍ନାମଲାଇ। ତାମିଲନାଡୁ ବିଜେପିର ପୋଷ୍ଟର ବୟ ତଥା ଫାଏର ବ୍ରାଣ୍ଡ ନେତା ଥିବା ଆନ୍ନାମଲାଇ ଶେଷରେ ବିଜେପିକୁ ବାଏ ବାଏ କରିଛନ୍ତି। ଆଜି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଆନ୍ନାମଲାଇଙ୍କ ଇସ୍ତଫା ପତ୍ରକୁ ସ୍ୱୀକାର କରିଛନ୍ତି। ଏନେଇ ବିଜେପି ପକ୍ଷରୁ ବିଧିବଦ୍ଧ ଭାବେ ବି ସୂଚନା ଦିଆଯାଇଛି। ବିଜେପିରୁ ଇସ୍ତଫା ପରେ ସେ ନିଜ ରାଜନୈତିକ ଦଳ ଗଠନ କରିବେ ବୋଲି ସୂଚନା ଦେଇଛନ୍ତି। ଆଗାମୀ ତାମିଲନାଡୁ ନିର୍ବାଚନରେ ତାଙ୍କ ଦଳ ଲଢ଼ିବ ବୋଲି ସେ ବଡ଼ ସୂଚନା ଦେଇଛନ୍ତି। ତାସହ ବିଜେପିରେ ଥିବା ସମୟରେ ସେ ସବୁବେଳେ ତାମିଲ



ଲୋକଙ୍କ ପାଇଁ କାମ କରିଛନ୍ତି। ଆଗାମୀ ଦିନରେ ବି ଏମିତି କାମ ଜାରି ରଖିବେ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି ଆନ୍ନାମଲାଇ। ମୋଦି ସବୁବେଳେ ତାମିଲନାଡୁର ବିକାଶ ପାଇଁ ଚେଷ୍ଟା କରୁଛନ୍ତି। ସେ ଦଳ ଛାଡ଼ିବାକୁ ଗତ ଡିସେମ୍ବର ମାସରୁ ଇଚ୍ଛା ପ୍ରକାଶ କରିଥିଲେ କିନ୍ତୁ ନିର୍ବାଚନ ଯାଏଁ ତାଙ୍କୁ ଅପେକ୍ଷା କରିବାକୁ କୁହାଯାଇଥିବା କହି ଆନ୍ନାମଲାଇ। ଯାହା ପୁଣି ଥରେ ଅନେକ ପ୍ରଶ୍ନ ତାମିଲନାଡୁ ରାଜନୀତିରେ ସୃଷ୍ଟି କରିଛି। ଦୁଇ ଦନ ତଳେ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲେ ଆନ୍ନାମଲାଇ। ସେବେଠୁ ସେ ଦଳ ଛାଡ଼ିବେ ବୋଲି ଚର୍ଚ୍ଚା ହେଉଥିଲା। ଯାହା ଆଜି ଅବସାନ ଘଟିଛି। ତାମିଲନାଡୁ ରାଜନୀତିରେ ଥଲାପତି ବିଜୟଙ୍କ ବଡ଼ ଏଣ୍ଟ୍ରି ପରେ ନୂଆ ସମୀକରଣ ସୃଷ୍ଟି ହୋଇଛି। ଏହାକୁ ନଜରରେ ରଖି ନୂଆ ଦଳ କେତେ ମାତ୍ରାରେ ପ୍ରଭାବିତ କରିବ ତା ଉପରେ ବି ସାରା ଦେଶର ନଜର ରହିଛି।

# ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ: ପେଟ୍ରୋଲ ପମ୍ପଗୁଡ଼ିକ ପାଇଁ କଡ଼ା ନିର୍ଦ୍ଦେଶନାମା ଜାରି

ଝାରସୁଗୁଡ଼ା, ୫/୦୬ (ନି.ପ୍ର): ପଶ୍ଚିମ ଏସିଆରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି କାରଣରୁ ବଜାରରେ ସାମୟିକ ଭୟ ଏବଂ ପେଟ୍ରୋଲିୟମ ଜାତ ଦ୍ରବ୍ୟ ଯୋଗାଣରେ ସ୍ଥାନୀୟ ବ୍ୟାହତ ସୃଷ୍ଟି ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ପେଟ୍ରୋଲ ପମ୍ପ ଡିଲର ଏବଂ ପ୍ରମୁଖ ତୈଳ କମ୍ପାନୀର ସେଲ୍ସ ଅଫିସରମାନେ ଯୋଗ ଦେଇଥିଲେ। ଜିଲ୍ଲାରେ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଏବଂ ସୁଗମ ଭାବେ ପେଟ୍ରୋଲ ଓ ଡିଜେଲ ଯୋଗାଇ ଦେବା ସହ କୃତ୍ରିମ ଅଭାବ କିମ୍ବା କଳାବଜାରୀ ରୋକିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜରୁରୀକାଳୀନ ସେବା ଆଇନର ଉଲ୍ଲଂଘନ କଲେ କଲେ ସମ୍ପୃକ୍ତ ପେଟ୍ରୋଲ ପମ୍ପ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି।

ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ଜିଲ୍ଲାପାଳ ପ୍ରତ୍ୟେକ ପେଟ୍ରୋଲ ପମ୍ପରେ ବାଧ୍ୟତାମୂଳକ ଭାବେ ୨୦୦୦ ଲିଟର ଡିଜେଲ ଏବଂ ୧୦୦୦ ଲିଟର ପେଟ୍ରୋଲ ଜରୁରୀକାଳୀନ ଷ୍ଟକ୍ ଭାବେ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସଂରକ୍ଷିତ ତେଲ କେବଳ ଆମ୍ବୁଲାନ୍ସ, ଦୁଗ୍ଧ ପରିବହନ ଗାଡ଼ି ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ପାଇଁ ସୁରକ୍ଷିତ ରଖାଯିବ। ଏହା ସହିତ ପ୍ରତ୍ୟେକ ପେଟ୍ରୋଲ ପମ୍ପ ନିଜର ଦୈନିକ ବିକ୍ରି ଏବଂ ମହଜୁଦ ଷ୍ଟକ୍ ସମ୍ପର୍କିତ ବିବରଣୀ ପ୍ରତିଦିନ ଜିଲ୍ଲା ଯୋଗାଣ ବିଭାଗ ନିକଟରେ ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ସମସ୍ତ କମ୍ପ୍ଲାଏନ୍ସ ଏବଂ ଦୈନିକ ରିପୋର୍ଟ ଯଥାଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଏଥିରେ ଅବହେଳା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ପେଟ୍ରୋଲ ପମ୍ପଗୁଡ଼ିକର ବୈଧ ଲାଇସେନ୍ସ ଏବଂ ପ୍ରମାଣପତ୍ରର ସମୟାନୁବର୍ତ୍ତୀ ନବୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଅଗ୍ନିଶମ ନିରାପତା ଲାଇସେନ୍ସଗୁଡ଼ିକୁ ତୁରନ୍ତ ନବୀକରଣ କରିବାକୁ ଜିଲ୍ଲାପାଳ ସମସ୍ତ ଡିଲରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ପ୍ଲାଷ୍ଟିକ କଂଟେନରରେ ପେଟ୍ରୋଲ/ଡିଜେଲ ବିକ୍ରି କରିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କୌଣସି ଅତ୍ୟାବଶ୍ୟକ ସ୍ଥିତିରେ ଯଦି କାହାକୁ ପ୍ଲାଷ୍ଟିକ କଂଟେନରରେ ତେଲ ଆବଶ୍ୟକ ହୁଏ, ତେବେ ସ୍ୱୟଂ ଜିଲ୍ଲାପାଳ ସେହି ସ୍ୱତନ୍ତ୍ର ଅନୁମତି ପତ୍ରର ଯାଂଚ୍ କରିବା ପରେ ହିଁ ତେଲ ଦିଆଯାଇପାରିବ। ଚାଷୀମାନଙ୍କ ଟ୍ରାକ୍ଟର ପାଇଁ ଆବଶ୍ୟକ ହେଉଥିବା ଜାଳେଣି ସମ୍ପର୍କରେ ସ୍ପଷ୍ଟ ନୀତି ନିର୍ଦ୍ଧାରଣ କରିବାକୁ ଏବଂ କୃଷି କାର୍ଯ୍ୟ ଯେପରି ପ୍ରଭାବିତ ନହେବ ସେଥିପାଇଁ ଜିଲ୍ଲା କୃଷି ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହା ବ୍ୟତୀତ ସମସ୍ତ ପେଟ୍ରୋଲ ପମ୍ପରେ ସିସିଟିଭି କ୍ୟାମେରା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା, ମାସିକ ରିଟର୍ଣ୍ଣ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା, ଏବଂ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ, ଜେନେରାଲ ମ୍ୟାନେଜର, ଆଇ ଓ ସି ଏଲ୍, ଚିଫ ଟର୍ମିନାଲ ମ୍ୟାନେଜର, ସିନିୟର୍ ମ୍ୟାନେଜର, ଆଇ ଓ ସି ଏଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜିଲ୍ଲାର ପେଟ୍ରୋଲ ପମ୍ପ ଆସୋସିଏସନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ନିର୍ମାଣ କାର୍ଯ୍ୟରେ ଫ୍ଲାଏ ଆସ ବ୍ୟବହାରକୁ ନେଇ ବଢ଼ିଲା ଅସନ୍ତୋଷ

ଝାରସୁଗୁଡା, ୫/୦୬ (ନି.ପ୍ର): ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକ ଭାତଲଇଡା ଗ୍ରାମପଂଚାୟତରେ ଚାଲିଥିବା ବିଭିନ୍ନ ସରକାରୀ ଓ ଜନମଙ୍ଗଳ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଏବଂ ଅନିୟମିତତା ହେଉଥିବା ସହିତ ନିର୍ମାଣ କାର୍ଯ୍ୟରେ ଫ୍ଲାଏ ଆସ ବ୍ୟବହାରକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିକଟରେ ଗୁରୁବାର ଏକ ଲିଖିତ ଅଭିଯୋଗ କରାଯାଇଛି। ସରକାରୀ ଅର୍ଥର ହରିଲୁଟ୍ ସହ ପରିବେଶ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଭାତଲଇଡା ଗ୍ରାମପଂଚାୟତ ବାସୀଙ୍କ ଅଭିଯୋଗ ମୁତାବକ ଉତ୍କୃଷ୍ଟ ନିର୍ମାଣ ସାମଗ୍ରୀ ବଦଳରେ ଫ୍ଲାଏ ଆସ ବ୍ୟବହାର କରି କୋଟି କୋଟି ଟଙ୍କା ସରକାରୀ ଅର୍ଥ ଆତ୍ମସାତ କରାଯାଉଛି। ଭାତଲଇଡା ଗ୍ରାମପଂଚାୟତର ଗ୍ରାମପଂଚାୟତ ଅଫିସ ଗୃହ ନିର୍ମାଣ, ପଂଚାୟତ ଅଫିସ ଗାର୍ଡୱାଲ୍ ନିର୍ମାଣ, ମୁଣ୍ଡାଟିକ୍ରାରେ ନିର୍ମିତ ଗାର୍ଡୱାଲ, ଖଜୁରୀମୁଣ୍ଡାରେ ନିର୍ମିତ ଗାର୍ଡୱାଲ ଆଦି କାର୍ଯ୍ୟରେ ପାଉଁଶ ବ୍ୟବହାର ହେବା ସହିତ ନିର୍ମାଣ ଚାଲିଥିବା ସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ଅଳ୍ପ ଦିନ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକ ଭାଙ୍ଗିଯିବାର ବଡ଼ ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୂର୍ବରୁ ଗ୍ରାମବାସୀମାନେ ଲଇକେରା ବି.ଡି.ଓ. ଏବଂ ସହକାରୀ ଯନ୍ତ୍ରୀ ସାରିକା ସ୍ୱାଇଁଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଓଲଟା ଅଭିଯୋଗ କରିବା ଯୋଗୁଁ ସହକାରୀ ଯନ୍ତ୍ରୀ ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହା ସହିତ ଝାରସୁଗୁଡ଼ା ବିଧାୟକଙ୍କ ଅତ୍ୟନ୍ତ ଅନୁଗତ ଠିକାଦାର ରୋହିତ କିସାନ ଏବଂ ସୁମିତ ପଟେଲ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ କରୁଥିବାରୁ ପ୍ରଶାସନିକ ସ୍ତରରେ ସେମାନଙ୍କୁ ସୁରକ୍ଷା ଦିଆଯାଉଛି ଏବଂ ସେମାନେ ମନମୁଖୀ ଭାବେ ନିମ୍ନମାନର କାର୍ଯ୍ୟ ଜାରି ରଖିଛନ୍ତି। ଏଭଳି ସ୍ଥିତିରେ ସାଧାରଣ ଜନତାଙ୍କ ଟିକସ ଅର୍ଥର ହରିଲୁଟ୍‌କୁ ରୋକିବା ସହ ଦୋଷୀମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାତଲଇଡା ଗ୍ରାମପଂଚାୟତର ସମସ୍ତ ଜନସାଧାରଣ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ସୂଚନା ଫଳକ ନାହିଁ: ଅଳିଆ କୁଣ୍ଡ କାନ୍ଥରେ ଲେଖାଯାଇଛି ବିବରଣୀ

ଚମ୍ପୁଆ, ୫/୦୬ (ନି.ପ୍ର): ଓଡ଼ିଶା ସରକାରଙ୍କ ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଚାଲିଥିବା ବିକାଶମୂଳକ କାର୍ଯ୍ୟରେ ପୁଣି ଥରେ ଦୁର୍ନୀତି ଓ ନିମ୍ନମାନର କାମ ନେଇ ଅଭିଯୋଗ ସାମ୍ନାକୁ ଆସିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ କାଶୀପାଳ ପଂଚାୟତ ଅନ୍ତର୍ଗତ କାଶୀପାଳ ହାଟ ପଡ଼ିଆଠାରେ ନିର୍ମାଣ ହେଉଥିବା ବନ ସୁରକ୍ଷା ସମିତି (ଭି.ଏସ.ଏସ.) କୋଠରୀ ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଚମ୍ପୁଆ ପଂଚାୟତ ସମିତି କାର୍ଯ୍ୟାଦେଶରେ ଏହି କୋଠରୀ ନିର୍ମାଣ କରାଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ୮ ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ଅଟକଳ କରାଯାଇଛି। ମାତ୍ର ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କାର୍ଯ୍ୟସ୍ଥଳରେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଓ ଠିକାଦାର ସଲାସୁତରା ହୋଇ ସମ୍ପୂର୍ଣ୍ଣ ନିମ୍ନମାନର କାମ କରି ଅନୁଦାନ ଟଙ୍କାକୁ ଚଳୁ କରିବାକୁ ଚେଷ୍ଟା କରୁଛନ୍ତି। ଗୃହର ତଳ ଭାଗରେ (ଭିତିଭୂମି) ମାଟି ଫିଲିଙ୍ଗ କରାଯାଇ ତାର ଉପରେ ମାତ୍ର ୬ ରୁ ୭ ଇଂଚ ର ବାଲି ପକାଇ କାମ ସାରିଦେବାକୁ ଚେଷ୍ଟା କରାଯାଉଛି, ଯାହାକି ସ୍ଥାନୀୟ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ଭୁଆଁ ବୁଲାଇବା ସଦୃଶ ହୋଇଛି। ସୂଚନା ଫଳକ ନିର୍ମାଣରେ ମଧ୍ୟ ଜାଲିଆତି କରା ଯାଇଥିବା ଦେଖିବାକୁ ମିଳିଛି। ସରକାରୀ ନିୟମ ଅନୁଯାୟୀ, ଯେକୌଣସି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ପାଇଁ ଏକ ସ୍ୱତନ୍ତ୍ର ସୂଚନା ଫଳକ ସ୍ଥାପନ କରିବା ବାଧ୍ୟତାମୂଳକ। କିନ୍ତୁ ଏଠାରେ ସେଭଳି କୌଣସି ସ୍ୱତନ୍ତ୍ର ସୂଚନା ଫଳକ ତିଆରି କରାଯାଇ ନାହିଁ। ବରଂ ପୂର୍ବରୁ ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ନିର୍ମିତ ହୋଇଥିବା ଏକ ଆବର୍ଜନା କୁଣ୍ଡର ଛାଉଣୀକୁ ଭାଙ୍ଗି, ସେହି ଅଳିଆ କୁଣ୍ଡର କାନ୍ଥରେ ହିଁ ଚତୁରତାର ସହ ଏହି ପ୍ରକଳ୍ପର ସୂଚନା ଲେଖି ଦିଆଯାଇଛି। ଏଠାରେ ବସୁଥିବା ସାପ୍ତାହିକ ହାଟର ପରିମଳ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କରାଯାଇଥିବା ଏହି ଅଳିଆ କୁଣ୍ଡର ଛାଉଣୀକୁ ଭାଙ୍ଗି ଦିଆଯାଇଥିବାରୁ ଏବେ ଏହାର ସ୍ଥାୟିତ୍ୱ ଏବଂ ହାଟର ପରିମଳ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ଅର୍ଥର ଏଭଳି ଅପବ୍ୟବହାର ଏବଂ ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଓ ଉଚ୍ଚପଦସ୍ଥ ଅଧିକାରୀ ତୁରନ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କ୍ୟାମ୍ପ କୋର୍ଟ ଓ ଜନଶୁଣାଣି

ଜୟପୁର, ୫/୦୬ (ନି.ପ୍ର): ଆଜି ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କ୍ୟାମ୍ପ କୋର୍ଟ ଓ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆୟୋଗର ଅଧ୍ୟକ୍ଷା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଶିଶୁ ଅଧିକାର ସୁରକ୍ଷା, ଶିକ୍ଷା, ଶିଶୁ କଲ୍ୟାଣ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିଷୟକୁ ନେଇ ଶୁଣାଣି କରାଯାଇଥିଲା। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଶିଶୁମାନଙ୍କ ଅଧିକାର ସୁରକ୍ଷା ଓ ସେମାନଙ୍କ ସମ୍ପର୍କିତ ଅଭିଯୋଗର ତଦନ୍ତ ଓ ସମାଧାନ ପାଇଁ କାର୍ଯ୍ୟ କରୁଛି। ଏହି କାର୍ଯ୍ୟକ୍ରମରେ ଓଏସସିପିସିଆର୍ ଅଧ୍ୟକ୍ଷା ବବିତା ପାତ୍ର , ଓଏସସିପିସିଆର୍ ସଦସ୍ୟା ସୁଜାତା ନାୟକ , କସ୍ତୁରୀ ମିଶ୍ର, ମନସ୍ୱିତା ଖୁଂଟିଆ,, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କୋରାପୁଟ ତପନ କୁମାର ନାୟକ, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଆଇନ ପରାମର୍ଶ ଦାତା ଶ୍ରୀ ଅବଦୁଲ ରେହେମାନ ପ୍ରମୁଖ ମଂଚାସୀନ ଥିଲେ । କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ। ଅଧିକାଂଶ ଅଭିଯୋଗ ବିଭିନ୍ନ ବିଦ୍ୟାଳୟ ସହ ଜଡିତ ଥିବାବେଳେ, ଶିକ୍ଷା ବ୍ୟବସ୍ଥା, ଭିତିଭୂମି ସୁବିଧା ରାଶାନ କାର୍ଡ ନ ମିଳିବା, ଭତା ଏବଂ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆୟୋଗ ଶୁଣାଣି କରିଥିଲେ। ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆୟୋଗ ପକ୍ଷରୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସ୍ନେହପ୍ରଭା ମାଝୀ, ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତୃପ୍ତି ବୋରେଇ,ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଜିଲ୍ଲା ଶିକ୍ଷାଧିକାରୀ କୋରାପୁଟ ପ୍ରଶାନ୍ତ କୁମାର ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ କୋରାପୁଟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତ। ରାଣୀ ପାଣି , ଚେୟାରପର୍ସନ୍ ଶିଶୁ ମଙ୍ଗଳ ସମିତିର ଡା. ଗାୟତ୍ରୀ ଦେବୀ, ସଦସ୍ୟ ଶ୍ରୀ ସୁରେନ୍ଦ୍ର କରଣ ଏବଂ ସଦସ୍ୟା ଶିବାନୀ ପାତ୍ର, ପୁଲିସ ବିଭାଗର ଅଧିକାରୀ ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜନଶୁଣାଣି ସମୟରେ ଉଠିଥିବା ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଆୟୋଗ ପକ୍ଷରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ହାତୀ ଆକ୍ରମଣରେ ଜଣେ ଯୁବକ ଆହତ

କେନ୍ଦୁଝର, ୫/୦୬ (ନି.ପ୍ର): ଚମ୍ପୁଆ ବନାଂଚଳ ଅଧୀନ ଉଖୁଣ୍ଡା ସେକ୍ସନ ଜ୍ୟୋତିପୂର ଅର୍ନ୍ତଗତ ଝାଲିଆ ବେଡ଼ା ଜଙ୍ଗଲକୁ ହାତୀ ଦେଖିବାକୁ ଯାଇଥିଲାବେଳେ ଘଟିଛି ଅଘଟଣ। ଯାହାକି ଜଣେ ଯୁବକ ହାତୀ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ଜ୍ୟୋତିପୁର ଗ୍ରାମର ଜ୍ୟୋତି ରଞ୍ଜନଙ୍କ ପୁଅ ଶୁଭମ୍ କର(୨୩) ବୋଲି ଜଣାପଡ଼ିଛି। ସୂଚନାରୁ ଉଖୁଣ୍ଡା ସେକ୍ସନର ଝାଲିଆବେଡ଼ା ଜଙ୍ଗଲରେ ଦୁଇଟି ଦନ୍ତା ଅଲଗା ହୋଇ ଜଙ୍ଗଲ ରାସ୍ତା ନିକଟରେ ରହିଥିଲା ବେଳେ, ସ୍ଥାନୀୟ କିଛି ଲୋକଙ୍କ ସହିତ ଶୁଭମ ମଧ୍ୟ ହାତୀ ଦେଖିବାକୁ ଯାଇଥିଲେ। ଏପରିକି ଦୁଇ ହାତୀଙ୍କ ନିକଟତର ହୋଇ ଯାଇଥିଲେ ଶୁଭମ, ହେଲେ ସେଥିମଧ୍ୟରୁ ଗୋଟିଏ ଦନ୍ତା ହାତୀ ହଟାତ୍ ଆସି ଶୁଣ୍ଢରେ ଶୁଭମ୍‌ଙ୍କୁ ଫୋପାଡ଼ି ଦେଇଥିଲା। ଉପସ୍ଥିତ ଥିବା ଜୋତିପୁର ବିଟର ବନରକ୍ଷୀ, ବନ ବିଭାଗରେ କାର୍ଯ୍ୟରତ ହାତୀ ସ୍କ୍ୱାର୍ଡ ଘଟଣା ସ୍ଥଳରୁ ଗୁରୁତର ଆହାତ ଶୁଭମ୍‌ଙ୍କୁ ଉଦ୍ଧାର କରି ନିକଟସ୍ଥ ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହିତ ଚିକିତ୍ସା କରାଉଥିବା ଜଣାପଡ଼ିଛି।

# ମାଲକାନଗିରିରେ ମେଗା ଭୋଟର ସଚେତନତା ଅଭିଯାନ: ଜିଲ୍ଲାପାଳଙ୍କ ଦ୍ୱାରା ସଚେତନତା ରଥର ଶୁଭାରମ୍ଭ

ମାଲକାନଗିରି, ୫/୦୬ (ନି.ପ୍ର): ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ପ୍ରସ୍ତୁତ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ସଚେତନତା ରଥ ର ଶୁଭାରମ୍ଭ କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ସ୍ୱୀପ୍ କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ ହୋଇଥିବା ଏହି ଅଭିଯାନ ମାଧ୍ୟମରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବ। ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସଚେତନତା ରଥର ପତାକା ଦେଖାଇ ଆନୁଷ୍ଠାନିକ ଉଦ୍ଘାଟନ କରିଛନ୍ତି। ଏହି ମେଗା ଶୁଭାରମ୍ଭ ସମୟରେ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ୧୪୭-ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବେଦବର ପ୍ରଧାନ ଏବଂ ଉପ-ଜିଲ୍ଲାପାଳ ତଥା ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ଇଆରଓ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ କଲେକ୍ଟରେଟ୍ର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ କହିଛନ୍ତି ଯେ, ଗଣତନ୍ତ୍ରରେ ପ୍ରତ୍ୟେକଟି ଭୋଟ୍ ର ମୂଲ୍ୟ ଅମୂଲ୍ୟ। ଜିଲ୍ଲାର କୌଣସି ବି ଯୋଗ୍ୟ ନାଗରିକ ଯେପରି ନିଜର ମତାଧିକାର ସାବ୍ୟସ୍ତ କରିବାରୁ ବଂଚିତ ନହୁଅନ୍ତି, ସେଥିପାଇଁ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ସଚେତନତା ରଥ ଗାଁ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବ ଏବଂ ବିଏଲଓମାନେ ଘର ଘର ବୁଲି ଫର୍ମ ବଂଟନ କରିବେ। ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ଯେ, ସମସ୍ତେ ଏହି ଅଭିଯାନରେ ସହଯୋଗ କରି ନିଜର ନାମ ଯାଂଚ୍ କରନ୍ତୁ ଏବଂ ନୂତନ ନାମ ପଞ୍ଜୀକରଣ କରି ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବାରେ ପ୍ରଶାସନକୁ ସହାୟତା କରନ୍ତୁ। କେବଳ ସହର ନୁହେଁ, ବରଂ ଗ୍ରାମାଚଂଳର ଭୋଟରଙ୍କ ପାଖରେ ପହଂଚିବା ପାଇଁ ପ୍ରଶାସନ ସିଧାସଳଖ ମଇଦାନକୁ ଓହ୍ଲାଇଛି। ରଥ ଶୁଭାରମ୍ଭ ପରେ ପରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏମ୍.ଭି-୭ ଗ୍ରାମରେ ପହଂଚିଥିଲେ। ସେଠାରେ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ ବଂଟନ କାର୍ଯ୍ୟର ସେମାନେ ସମୀକ୍ଷା କରିବା ସହ ନିଜେ ଉପସ୍ଥିତ ରହି ଜନସାଧାରଣଙ୍କୁ ଫର୍ମ ବଂଟନ କରିଥିଲେ। ସ୍ଥାନୀୟ ଲୋକଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ବିଷୟରେ ବୁଝାଇବା ସହ ସମସ୍ତ ଯୋଗ୍ୟ ବ୍ୟକ୍ତି ଯେପରି ଏହି ତାଲିକାରେ ସାମିଲ ହେବେ, ସେଥିପାଇଁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ଯେ, ଯେଉଁମାନଙ୍କର ବୟସ ୧୮ ବର୍ଷ ବା ତା'ଠାରୁ ଅଧିକ ହୋଇଛି କିମ୍ବା ଭୋଟର କାର୍ଡରେ କୌଣସି ସଂଶୋଧନ ଯଥା ନାମ, ବୟସ, କିମ୍ବା ଠିକଣା ଭୁଲ ରହିଛି, ସେମାନେ ତୁରନ୍ତ ନିଜ ଅଂଚଳର ବିଏଲଓ ଙ୍କ ସହ ଯୋଗାଯୋଗ କରି ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ଚିଠା ସଂଶୋଧନ ଅଭିଯାନର ଲାଭ ଉଠାନ୍ତୁ।

# ଆଇଜିଆଇଟି ସରାଙ୍ଗକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ଭୁବନେଶ୍ୱର, ୫/୦୬ (ନି.ପ୍ର): ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରର ବିକାଶ ତଥା ଢେଙ୍କାନାଳ ଓ ଅନୁଗୋଳ ଭଳି ଶିଳ୍ପାଂଚଳର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଢେଙ୍କାନାଳ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ 'ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' (ଆଇଜିଆଇଟି), ସରାଙ୍ଗକୁ ଏକ ସ୍ୱତନ୍ତ୍ର ଏକକ ବିଶ୍ୱବିଦ୍ୟାଳୟ ଭାବେ ଅପଗ୍ରେଡ୍ କରିବା ପାଇଁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କ ବଜେଟ୍ ୨୦୨୬-୨୭ରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଏବଂ ଭୁବନେଶ୍ୱରର ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)କୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରିବା ପାଇଁ ନିଆଯାଇଥିବା ନିଷ୍ପତି ପ୍ରଶଂସନୀୟ । ଏହି କ୍ରମରେ ଆଇଜିଆଇଟି, ସରାଙ୍ଗକୁ ମଧ୍ୟ ସମାନ ଭାବେ ଉନ୍ନତ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୮୨ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ପ୍ରାୟ ୪୫ ବର୍ଷର ଏକ ସମୃଦ୍ଧ ସେବା ଓ ଗୌରବର ଇତିହାସ ରହିଛି । ଏହା ବର୍ତ୍ତମାନ ୟୁଜିସି ଦ୍ୱାରା ସ୍ୱୟଂଶାସିତ ମାନ୍ୟତା ପ୍ରାପ୍ତ, ଏଆଇସିଟିଇ ଦ୍ୱାରା ଅନୁମୋଦିତ ଏବଂ ଏନବିଏ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମଧ୍ୟ । ଏହା ସହିତ ଏହି ଅନୁଷ୍ଠାନ ବୈଷୟିକ ଶିକ୍ଷା ଗୁଣବତା ସୁଧାର କାର୍ଯ୍ୟକ୍ରମ (ଟିଇକ୍ୟୁଆଇପି) ଦ୍ୱାରା ମଧ୍ୟ ସହାୟତା ପ୍ରାପ୍ତ, ଯାହା ଏହାର ଶିକ୍ଷାଗତ ବିଶ୍ୱସନୀୟତା ଓ ସାଂଗଠନିକ ଦକ୍ଷତାକୁ ଦର୍ଶାଉଛି। ଏହି ପ୍ରତିଷ୍ଠିତ ଅନୁଷ୍ଠାନରେ ପିଏଚ.ଡି, ଏମ.ଟେକ, ଏମସିଏ, ବି.ଟେକ, ବ୍ୟାଚଲର ଅଫ୍ ଆର୍କିଟେକଚର , ଏମ.ଏସସି ଏବଂ ଡିପ୍ଲୋମା ଭଳି ବିଭିନ୍ନ ଉଚ୍ଚକୋଟୀର ପାଠ୍ୟକ୍ରମର ସୁବିଧା ରହିଛି । ଏସବୁ ଯୋଗ୍ୟତାସମ୍ପନ୍ନ ଓ ଅଭିଜ୍ଞ ଅଧ୍ୟାପକ ତଥା ଦୃଢ଼ ଏକାଡେମିକ ଭିତିଭୂମି ଦ୍ୱାରା ପରିଚାଳିତ ହେଉଛି । ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏହି ଅନୁଷ୍ଠାନ ଆଇଆଇଟି, ବମ୍ବେ ସହ ଏହାର 'ଭର୍ଚ୍ଚୁଆଲ ଲ୍ୟାବ୍' କାର୍ଯ୍ୟକ୍ରମ ପାଇଁ ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏଡି) ସହ ଇଂଟର୍ନସିପ୍ ସୁଯୋଗ କ୍ଷେତ୍ରରେ ସଫଳତାର ସହ ଭାଗିଦାରୀ ରଖିଛି । ଆଇଜିଆଇଟି ସରାଙ୍ଗ, ଢେଙ୍କାନାଳ ଏବଂ ଅନୁଗୋଳର ବୃହତ ଶିଳ୍ପାଂଚଳ ମଧ୍ୟରେ ଅବସ୍ଥିତ ଥିବାରୁ ଏହା ଶିଳ୍ପ ଆଧାରିତ ଜ୍ଞାନ, ଗବେଷଣା, ଇନୋଭେସନ ମାଧ୍ୟମରେ ସ୍ଥାନୀୟ ଶିଳ୍ପ ପରିସଂସ୍ଥାନକୁ ଅଧିକ ବ୍ୟାପକ କରାଇବାର ମଧ୍ୟ ସମ୍ଭାବନା ରଖୁଛି । ଏହାକୁ ଏକକ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିଲେ ଅନୁଷ୍ଠାନର ଏକାଡେମିକ ସ୍ୱାୟତତା ବୃଦ୍ଧି ପାଇବ, ଉନ୍ନତ ଗବେଷଣା ଓ ଇନୋଭେସନକୁ ପ୍ରୋତ୍ସାହନ ମିଳିବ ।ଏସବୁ ଯୋଗ୍ୟତାସମ୍ପନ୍ନ ଓ ଅଭିଜ୍ଞ ଅଧ୍ୟାପକ ତଥା ଦୃଢ଼ ଏକାଡେମିକ ଭିତିଭୂମି ଦ୍ୱାରା ପରିଚାଳିତ ହେଉଛି । ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏହି ଅନୁଷ୍ଠାନ ଆଇଆଇଟି, ବମ୍ବେ ସହ ଏହାର 'ଭର୍ଚ୍ଚୁଆଲ ଲ୍ୟାବ୍' କାର୍ଯ୍ୟକ୍ରମ ପାଇଁ ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏଡି) ସହ ଇଂଟର୍ନସିପ୍ ସୁଯୋଗ କ୍ଷେତ୍ରରେ ସଫଳତାର ସହ ଭାଗିଦାରୀ ରଖିଛି । ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ମିଳିବା ସହ ଦକ୍ଷ ପ୍ରଫେସରମାନଙ୍କୁ ଏଠାକୁ ଆସିବା ପାଇଁ ଆକୃଷ୍ଟ କରିବ, ଅନୁଷ୍ଠାନକୁ ଅଧିକ ପାଣ୍ଠି ମିଳିବା ସହ ଭାଗିଦାରୀ ମଧ୍ୟ ବଢିବାର ସମ୍ଭାବନା ରହିଛି । ଆଇଜିଆଇଟି, ସରାଙ୍ଗକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନତ କଲେ, ଏହା କେବଳ ଓଡ଼ିଶାର ବୈଷୟିକ ଶିକ୍ଷା ଦୃଶ୍ୟପଟ୍ଟକୁ ମଜଭୂତ୍ କରିବ ନାହିଁ, ବରଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ଗବେଷଣା ଏବଂ ଉଦ୍ଭାବନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । 'ବିକଶିତ ଓଡ଼ିଶା ୨୦୩୬'ର ସଂକଳ୍ପ ଅନୁଯାୟୀ ଏହି ଅନୁଷ୍ଠାନକୁ ଅନ୍ତର୍ଜାତୀୟ ବୈଷୟିକ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରାଯାଇପାରିବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କୁଳପତିଙ୍କୁ ଭେଟିଲେ ନରସିଂହ: ଗବେଷଣା ମୂଳକ କାର୍ଯ୍ୟ ଆରମ୍ଭ ପାଇଁ ହେଲା ଆଲୋଚନା

ବଲାଙ୍ଗୀର, ୫/୦୬ (ନି.ପ୍ର): ବହୁ ସଂଘର୍ଷ ପରେ ରାଜେନ୍ଦ୍ର ମହାବିଦ୍ୟାଳୟ ଏକ ବିଶ୍ୱ ବିଦ୍ୟାଳୟରେ ପରିଣତ ହେଲା। ଆଶା ଥିଲା ଏଠି ଉଚ୍ଚତର ଶିକ୍ଷା ଠିକ୍ ହିସାବରେ ଆମ ଅଂଚଳ ଛାତ୍ର ଛାତ୍ରୀଙ୍କୁ ମିଳିବ। ବିଶ୍ୱ ବିଦ୍ୟାଳୟ ତରଫରୁ ଗବେଷଣାତ୍ମକ କାର୍ଯ୍ୟ ଆରମ୍ଭ ହୋଇ ଆମ ଅଂଚଳ ର ଲୋକଲୋଚନକୁ ଆସିପାରି ନ ଥିବା ଅନେକ ଅଜଣା ତଥ୍ୟ ଗବେଷଣା ମାଧ୍ୟମରେ ଲୋକମାନଙ୍କ ପାଖକୁ ପହଂଚି ପାରିବ। ଯଦିଓ ବର୍ତମାନର କୁଳପତି ଏ ଦିଗରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଗ୍ରହ ଦେଖାଇଛନ୍ତି କିନ୍ତୁ ବିଶ୍ୱ ବିଦ୍ୟାଳୟ ଆରମ୍ଭ ହେବାଠୁ ଆଜି ପର୍ଯ୍ୟନ୍ତ ଏ ଦିଗରେ କାହିଁକି ପଦକ୍ଷେପ ନିଆଗଲା ନାହିଁ। ତା ସହ ଶିକ୍ଷାଦାନ ସୁରୁଖୁରୁରେ ଚାଲିବା ପାଇଁ ନିହାତି ଦରକାର ହେଉଥିବା ଶିକ୍ଷକ, ଅଣ ଶିକ୍ଷକ ପଦବୀ ଅନେକାଂଶରେ ଖାଲି ପଡ଼ିଛି। ତେଣୁ ଏ ସବୁ କୁ ବିଶ୍ୱ ବିଦ୍ୟାଳୟ କର୍ତୃପକ୍ଷ ଓ ସରକାର ଶିଘ୍ର ପୁରଣ କରନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟକୁ ଯାଇ କୁଳପତି ବିଭୁତି ଭୂଷଣ ମଲ୍ଲିକ ଓ କୁଳ ସଚିବ ହରପ୍ରସାଦ ଭୋଇଙ୍କ ସହ ବିଶ୍ୱ ବିଦ୍ୟାଳୟର ସମସ୍ୟାକୁ ନେଇ ଆଲୋଚନା ପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ଯେ ପର୍ଯ୍ୟନ୍ତ ଗବେଷଣାମୂଳକ କାର୍ଯ୍ୟ ହେଉ କି ପାଠ୍ୟକ୍ରମ ହେଉ ଆରମ୍ଭ ନ ହୋଇଛି ସେ ପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟ ର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ। ସେ ନିଜେ ବିଧାୟକ ଥିଲା ବେଳେ ବଲାଙ୍ଗିର ରେ ଏକ ସାଇନ୍ସ ପାର୍କର କାର୍ଯ୍ୟ ଆରମ୍ଭ କରାଇଥିଲେ। ତାହା ଶୀଘ୍ର ସମ୍ପୁର୍ଣ୍ଣ କରି ତାର ପରିଚାଳନା ରକ୍ଷଣାବେକ୍ଷଣ ପାଇଁ ବିଶ୍ୱ ବିଦ୍ୟାଳୟକୁ ହସ୍ତାନ୍ତର କରିବା ନିଷ୍ପତି ହୋଇଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ସାଇନ୍ସ ପାର୍କ ସମ୍ପୁର୍ଣ୍ଣ ହୋଇନପାରିବା ବହୁତ ଦୁଃଖର କଥା। ତେଣୁ ପ୍ରଶାସନ ଏ ଦିଗରେ ଧ୍ୟାନ ଦେବା ଦରକାର ବୋଲି ଶ୍ରୀ ମିଶ୍ର କହିଛନ୍ତି। ଆଲୋଚନା ବେଳେ ବିଶ୍ୱ ବିଦ୍ୟାଳୟ ପାଇଁ ଦରକାର ହେଉଥିବା ଜମି ତଥା ବର୍ତମାନ ଥିବା ଜମିରେ କିଛି ଅସଙ୍ଗତି ସହ ଜବରଦଖଲ ହୋଇଥିବାରୁ ସେ ସବୁ ସମାଧାନ ପାଇଁ କୁଳପତି ଶ୍ରୀ ମଲ୍ଲିକ ଶ୍ରୀ ମିଶ୍ରଙ୍କ ସହଯୋଗ ଲୋଡିଥିଲେ। ଏଥିରେ ତାଙ୍କ ସମେତ ଜିଲ୍ଲା ପ୍ରଶାସନ ଏବଂ ବଲାଙ୍ଗୀରର ସମସ୍ତ ଜନସାଧାରଣ ନିଶ୍ଚିତ ଭାବରେ କୁଳପତିଙ୍କୁ ସହଯୋଗ କରିବେ ବୋଲି ଶ୍ରୀ ମିଶ୍ର ପ୍ରତିଶୃତି ଦେଇଥିଲେ। ଆଲୋଚନା ବେଳେ କୁଳପତି ଶ୍ରୀ ମଲ୍ଲିକ ଅଣ ଶିକ୍ଷକ ପଦବୀ ପୁରଣ ଯେହେତୁ ରାଜ୍ୟ ସରକାରଙ୍କ ଷ୍ଟେଟ ସିଲେକ୍ସନ ବୋର୍ଡ ଦ୍ୱାରା କରାଯାଇଥାଏ ସେଥିପାଇଁ ବିଶ୍ୱ ବିଦ୍ୟାଳୟ ତରଫରୁ ଅନୁରୋଧ କରାଯାଇଥିବାର କହିଥିଲେ। ଗତ ୫ ବର୍ଷ ହେଲା ବିଶ୍ୱ ବିଦ୍ୟାଳୟ ପାଇଁ ଦରକାର କରୁଥିବା ବି-୨ ମାନ୍ୟତା ନାହିଁ। ଫଳରେ ୟୁଜିସିରୁ ଅନୁଦାନ ପାଇବା ସମ୍ଭବ ହେଉ ନାହିଁ ତେଣୁ କୁଳପତି ନିଜ ତରଫରୁ ଏ ଦିଗରେ ଉଦ୍ୟମ ଜାରି ରଖି ଯେମିତି ୟୁଜିସି ଅନୁଦାନ ବିଶ୍ୱ ବିଦ୍ୟାଳୟ ପାଇ ପାରିବ ସେ ଦିଗରେ କାମ କରୁଛନ୍ତି ବୋଲି କହିଥିଲେ।

# ଶ୍ରୀଖଣ୍ଡ ପର୍ବତ



ଅଙ୍ଗିରା ବା ଅଙ୍ଗୀରସ ମୁନି ବ୍ରହ୍ମାଙ୍କର ମାନସ ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମ। କୂର୍ମ ପୁରାଣ ଅନୁସାରେ ସେ ବ୍ରହ୍ମାଙ୍କର ମସ୍ତିଷ୍କରୁ ଜାତ ହୋଇଥିଲେ। ସେ ସପ୍ତରଷିଙ୍କର ଅନ୍ତର୍ଗତ। ସେ 'ଅଙ୍ଗୀରସ ସଂହିତା' ନାମକ ଏକ ଗ୍ରନ୍ଥର ପ୍ରଣେତା। ଏହି ଋଷିଙ୍କର ସାତ ପ୍ରଭାମୟ ପୁତ୍ର ଥିଲେ, ଯେଉଁମାନଙ୍କ ମଧ୍ୟରୁ ଦେବଗୁରୁ ବୃହସ୍ପତି ଜଣେ। ତାହାଙ୍କଠାରୁ ବିଭିନ୍ନ ଅଗ୍ନିମାନ ସଂଜାତ ହୋଇଥିଲେ। ସଂସାରରେ ସେ ଦ୍ୱିତୀୟ ଅଗ୍ନି ଭାବରେ ଖ୍ୟାତ। ପ୍ରାଚୀନ କାଳର କଥା। ମହାଭାଗ ଅଙ୍ଗିରା ଏକଦା କଠୋର ତପସ୍ୟା କରିବା ଆରମ୍ଭ କଲେ। ସେହି ତପଶ୍ଚରଣରେ ସେ ସଫଳ ମଧ୍ୟ ହେଲେ। ସେହି ସମୟରେ କୌଣସି କାରଣରୁ ଅଗ୍ନିଦେବ ଜଳ ମଧ୍ୟରେ ରହି ତପସ୍ୟା କରି ଅତ୍ୟନ୍ତ କ୍ଷୀଣ ଓ ପ୍ରଭାହୀନ ହୋଇଯାଇଥିଲେ। ସ୍ୱୟଂ ତେଜୋମୟ ହୋଇ ମଧ୍ୟ ଅଙ୍ଗିରାମୁନିଙ୍କ ତାପରେ ସେ ଅତ୍ୟନ୍ତ ସନ୍ତାପିତ ହୋଇପଡ଼ିଲେ। ତାଙ୍କର ଶରୀର ମଳିନ ହୋଇଗଲା। କିନ୍ତୁ ଏହାର କାରଣ ଜାଣି ନ ପାରିବାରୁ ସେ ମନେ ମନେ ଚିନ୍ତା କଲେ- ଦୀର୍ଘ ସମୟ ଅନୁପସ୍ଥିତ ରହିବାରୁ ବ୍ରହ୍ମା ବୋଧହୁଏ କୌଣସି ଦ୍ୱିତୀୟ ଅଗ୍ନି ନିର୍ମାଣ କରିଛନ୍ତି। ତପସ୍ୟା ହେତୁ ମୋର ଅଙ୍ଗ କ୍ଷୀଣ ଓ ନିଷ୍ପ୍ରଭ ହୋଇଯାଇଛି। କିପରି ପୁଣି ମୁଁ ମୋର ପୂର୍ବରୂପ ଫେରି ପାଇବି? ରାମକଥା ଅନୁସାରେ, ଭଗବାନ ରାମଚନ୍ଦ୍ର ଅଙ୍ଗିରା ମୁନିଙ୍କୁ ସାକ୍ଷାତ କରିବା ପାଇଁ ଏଠାକୁ ଆସିଥିଲେ। ବନବାସ କାଳରେ ସେ ଏଠାରେ କିଛିଦିନ ଅତିବାହିତ କରିଥିଲେ। ଏଠାରେ ସପ୍ତରଷି- ମୁଚୁକୁନ୍ଦ, ଅଗସ୍ତ୍ୟ, ଅଙ୍ଗିରା, ଶୃଙ୍ଗୀ, କଂକର, ଶରଭଙ୍ଗ ଓ ଗୌତମଙ୍କ ଆଶ୍ରମ ଥିଲା। ଏହି ପର୍ବତର ଶିଖର ଦେଶରେ ଋଷି ଅଙ୍ଗିରାଙ୍କର ଏକ ପ୍ରତିମୂର୍ତ୍ତି ରହିଛି। ପର୍ବତ ପାଦତଳେ ଏକ ଯଜ୍ଞଶାଳା ରହିଛି, ଯେଉଁଠି ଅଙ୍ଗିରାଙ୍କର ଚିମୁଟା ଓ ତ୍ରିଶୂଳ ପୂଜା ପାଉଛି। ପର୍ବତ ଶିଖରର ଏକ ଶିଳା ଉପରେ ଏକ ପଦଚିହ୍ନ ଅଙ୍କିତ। ତାହାକୁ ଭଗବାନ ରାମଙ୍କର ପାଦଚିହ୍ନ ବୋଲି କୁହାଯାଏ। ଏହିପରି ଚିନ୍ତାକରି ଇତସ୍ତତଃ ହୋଇ ବୁଲୁବୁଲୁ ଅଙ୍ଗିରା ମୁନିଙ୍କ ସହିତ ଅଗ୍ନିଙ୍କର ସାକ୍ଷାତ ହେଲା। ସେ ଦେଖିଲେ, ମୁନି ଅଙ୍ଗିରା ଅଗ୍ନିସମାନ ପ୍ରକାଶିତ ହୋଇ ସମଗ୍ର ଜଗତକୁ ଉତ୍ତାପ ପ୍ରଦାନ କରୁଛନ୍ତି। ଏହା ଦେଖି ଅଗ୍ନି ମୁନି ଅଙ୍ଗିରାଙ୍କ ନିକଟକୁ ଆସି ତାଙ୍କୁ ଲୋକପାବନ ଅଗ୍ନିଙ୍କ ପଦରେ ପ୍ରତିଷ୍ଠିତ ହେବାକୁ ଅନୁରୋଧ କଲେ। ଏହାକୁ ମହାମୁନି ଅଙ୍ଗିରା ଅସ୍ୱୀକାର କରିବା ସହିତ ଅଗ୍ନିଙ୍କୁ ନିଜ ପଦରେ ରହିବାକୁ ଏବଂ ତାଙ୍କୁ ପୁତ୍ର ରୂପେ ଗ୍ରହଣ କରିବାକୁ ଅନୁରୋଧ କଲେ। ସେ ଯଜ୍ଞହବି ଅଗ୍ନିଙ୍କ ନିକଟରେ ପହଞ୍ଚାଇ ତାଙ୍କୁ ପୁନଶ୍ଚ ପ୍ରଭାଯୁକ୍ତ କଲେ। ଏହା ପଞ୍ଚାଗ୍ନି ନାମରେ ବିଖ୍ୟାତ ହେଲା।

ଏହି କୀର୍ତ୍ତିମାନ ତପସ୍ୱୀଙ୍କର ଆଶ୍ରମ ଛତିଶଗଡ଼ର ଧମତେରୀ ଜିଲାର ସିହବା ପର୍ବତରେ ରହିଛି। ପ୍ରାଚୀନ କାଳରେ ତାହା ଶ୍ରୀଖଣ୍ଡ ପର୍ବତ ନାମରେ ପ୍ରଖ୍ୟାତ ଥିଲା। ଏହି ପର୍ବତ ମହାନଦୀର ଉଦ୍‌ଗମ ସ୍ଥଳ। ରାମକଥା ଅନୁସାରେ, ଭଗବାନ ରାମଚନ୍ଦ୍ର ଅଙ୍ଗିରା ମୁନିଙ୍କୁ ସାକ୍ଷାତ କରିବା ପାଇଁ ଏଠାକୁ ଆସିଥିଲେ। ବନବାସ କାଳରେ ସେ ଏଠାରେ କିଛିଦିନ ଅତିବାହିତ କରିଥିଲେ। ଏଠାରେ ସପ୍ତରଷି- ମୁଚୁକୁନ୍ଦ, ଅଗସ୍ତ୍ୟ, ଅଙ୍ଗିରା, ଶୃଙ୍ଗୀ, କଂକର, ଶରଭଙ୍ଗ ଓ ଗୌତମଙ୍କ ଆଶ୍ରମ ଥିଲା।


ଏହି ପର୍ବତର ଶିଖର ଦେଶରେ ଋଷି ଅଙ୍ଗିରାଙ୍କର ଏକ ପ୍ରତିମୂର୍ତ୍ତି ରହିଛି। ପର୍ବତ ପାଦତଳେ ଏକ ଯଜ୍ଞଶାଳା ରହିଛି, ଯେଉଁଠି ଅଙ୍ଗିରାଙ୍କର ଚିମୁଟା ଓ ତ୍ରିଶୂଳ ପୂଜା ପାଉଛି। ପର୍ବତ ଶିଖରର ଏକ ଶିଳା ଉପରେ ଏକ ପଦଚିହ୍ନ ଅଙ୍କିତ। ତାହାକୁ ଭଗବାନ ରାମଙ୍କର ପଦଚିହ୍ନ ବୋଲି କୁହାଯାଏ। ପର୍ବତ ମଧ୍ୟରେ ସାତରୁ ଅଧିକ ଗୁମ୍ଫା ରହିଛି। ଗୋଟିଏ ଗୁମ୍ଫାରେ ସର୍ବଦା ପ୍ରଦୀପ ପ୍ରଜ୍ୱଳିତ ରହିଛି। ପର୍ବତର ପାଦଦେଶରେ ସୀତାନଦୀ ପ୍ରବାହିତ। ଛତିଶଗଡ଼ ସରକାର ସଂପ୍ରତି ରାମ ଗମନ ପଥ ପରିକ୍ରମା ବିକାଶ ଯୋଜନାରେ ଏହି ପର୍ବତକୁ ଅନ୍ତର୍ଭୁକ୍ତ କରି ଏହି ସ୍ଥାନର ବିକାଶ ପାଇଁ ଧ୍ୟାନ ଦେଉଛନ୍ତି।

# ଚା' ସହିତ ଖାଉଛନ୍ତି କି ଏହି ୫ ଜିନିଷ, ଆଜି ହିଁ ଛାଡନ୍ତୁ; ନଚେତ ହେଇପାରେ ଏମିତି ଅବସ୍ଥା

ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ। ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ।












***ସିଝା ଅଣ୍ଡା:***

ଅନେକ ଲୋକ ଚା ସହିତ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଯଦି ଆପଣ ମଧ୍ୟ ସେମାନଙ୍କ ମଧ୍ୟରେ ଅଛନ୍ତି ତେବେ ଟିକେ ସତର୍କ ରୁହନ୍ତୁ। କାରଣ ସିଝା ଅଣ୍ଡା ଖାଇବା ଦ୍ୱାରା ହଜମ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ତେବେ ବ୍ରେକଫାଷ୍ଟ୍ ଭାବରେ ଆପଣ ଓମଲେଟ୍ କିମ୍ବା ସାଣ୍ଡୱିଚ୍ ଖାଇପାରିବେ।

***ପକୋଡି:***

ବର୍ଷା ସମୟରେ ଅଧିକାଂଶ ଲୋକ ଚା' ସହିତ ପକୋଡି ଖାଇବାକୁ ପସନ୍ଦ କରନ୍ତି। ବେସନରୁ ପ୍ରସ୍ତୁତ ପକୋଡି, କଟ୍ ?ଲେଟ୍ ଏବଂ ଆଳୁଚପ୍ ଆଦି ସ୍ୱାଦିଷ୍ଟ ହୋଇପାରେ, କିନ୍ତୁ ଏହା ହଜମ ପ୍ରକ୍ରିୟାକୁ ଦୁର୍ବଳ କରିପାରେ। ତେବେ ଚା' ସହିତ ମିଶିଗଲେ ଏଥିରେ ଥିବା ପୋଷକ ତତ୍ତ୍ୱ ପେଟ ସମ୍ବନ୍ଧୀୟ ରୋଗକୁ ବଢେଇଦେଇପାରେ।

***ପାଣି:***

ଚା' ସହିତ ପାଣି ପିଇବା ମଧ୍ୟ ଶରୀର ପାଇଁ କ୍ଷତିକାରକ ବୋଲି ବିବେଚନା କରାଯାଏ। ହଜମ ପ୍ରକ୍ରିୟା ଉପରେ ଏହାର ଖରାପ ପ୍ରଭାବ ପଡିଥାଏ ଏବଂ ବଦହଜମୀ, ଖଟା ହେକୁଟି ଏବଂ ଏସିଡିଟି ଭଳି ସମସ୍ୟା ବଢିଥାଏ।

***ଲୁଣି ଖାଦ୍ୟ:***

ବର୍ତ୍ତମାନ ଆପଣ କହିବେ ଚା ସହିତ ଲୁଣି ଖାଦ୍ୟ ଖାଇବାରେ ଅସୁବିଧା କ'ଣ? ଅନେକ ପ୍ରକାରର ଲୁଣି ଜିନିଷ ଚା' ସହିତ ପ୍ରତିକ୍ରିୟା ସୃଷ୍ଟି କରେ। ହଜମକୁ ନଷ୍ଟ କରିପାରେ। ଚା'ରେ ମିଳୁଥିବା ଟେନିନ୍ ଲୁଣି ଖାଦ୍ୟରୁ ମିଳୁଥିବା ପୋଷକ ତତ୍ତ୍ୱକୁ ନଷ୍ଟ କରିଦିଏ। ଯେଉଁଥିପାଇଁ ଲାଭ ବଦଳରେ ଶରୀର ପାଇଁ କ୍ଷତି ପାଇଥାଏ।

***ଲେମ୍ବୁ:***

ଅନେକ ଖାଦ୍ୟ ସାମଗ୍ରୀର ସ୍ୱାଦ ବଢାଇବା ପାଇଁ, ଲୋକମାନେ ଏଥିରେ ଲେମ୍ବୁ ମିଶାଇ ଏହାକୁ ଚା ସହିତ ବଡ ମଜ୍ଜାରେ ଖାଆନ୍ତି। ଏହା କରିବା ଦ୍ୱାରା ଲେମ୍ବୁରେ ଥିବା ଅମ୍ଳୀୟ ଉପାଦାନଗୁଡ଼ିକ ପେଟରେ ଏସିଡ୍ ସମସ୍ୟା ସୃଷ୍ଟି କରିପାରେ। ଏହା ପେଟ ଦରଜ ଏବଂ ହୃଦଘାତ ଭଳି ସମସ୍ୟାକୁ ବଢାଇପାରେ।

# ଗରମ ଭାତ ସହ ଖାଆନ୍ତୁ ଭାକୁର ମାଛ ପୋସ୍ତ



ଅଧିକାଂଶ ଲୋକଙ୍କୁ ମାଛ ଖାଇବା ବେଶ୍ ଭଲ ଲାଗେ। ମାଛକୁ ବିଭିନ୍ନ ପ୍ରକାରର ରୋଷେଇ କରି ସମସ୍ତେ ଖାଆନ୍ତି। କିଏ ମାଛକୁ ତେଲରେ ଡିପ୍ ଫ୍ରାଏ କରି ଖାଏ ତ ଆଉ କିଏ ତରକାରୀ କରି। କେବେ ଭାକୁର ମାଛ ପୋସ୍ତ ବନାଇ ଖାଇଛନ୍ତି? ଆସନ୍ତୁ ଜାଣିବା କିପରି ତିଆରି କରିବା ଭାକୁର ମାଛ ପୋସ୍ତ।

ଆବଶ୍ୟକ ସାମଗ୍ରୀ: ଭାକୁର ମାଛ, ଏକ ଚାମଚ ହଳଦୀ ଗୁଣ୍ଡ, ୩ରୁ ୪ଟି କଞ୍ଚା ଲଙ୍କା, ଏକ କପ୍ ପୋସ୍ତ ବଟା, ୩ରୁ ୪ଟି କଟା ପିଆଜ ତେଲ ଏକ କପ୍, ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରୋହି ମାଛରେ ଲୁଣ ଓ ହଳଦୀ ଗୁଣ୍ଡ ଗୋଳାଇ ଗରମ ତେଲରେ ଅଳ୍ପ ଛାଣି ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ସଥିରେ ଜିରା, କଟା ପିଆଜ, କଞ୍ଚା ଲଙ୍କା ଓ ଗୋଟା ରସୁଣ ପାଖୁଡା ପକାଇ ଭାଜନ୍ତୁ। ଏ ସବୁ ଭାଜି ହେବା ପରେ ଛଣା ମାଛକୁ ସେଥିରେ ପକାଇ ତା'ପରେ କଟା ଟମାଟ ଓ ଲୁଣ ପକାଇ ଭାଜନ୍ତୁ। ପରେ ଏଥିରେ ପୋସ୍ତ ବଟାକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଘୋଡାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଭାକୁର ମାଛ ପୋସ୍ତ।

# ନିରାମିଷ ନୁହେଁ 'ଅଞ୍ଜିର' ହେଉଛି ଆମିଷ ଫଳ: ଜାଣନ୍ତୁ ଏହା ପଛର ସତ...



ଯେତେବେଳେ ବି ନିରାମିଷ ଖାଦ୍ୟ କଥା ଆସେ, ସେ ସମୟରେ ଫଳଗୁଡ଼ିକୁ ପ୍ରଥମ ପ୍ରାଥମିକତା ଦିଆଯାଏ । ସାଧାରଣତଃ ଫଳଗୁଡିକୁ ନିରାମିଷ ଭାବରେ ବିବେଚନା କରାଯାଏ । ତେଣୁ ଶାକାହାରୀମାନେ ଅନ୍ଧ ଭାବରେ ସେମାନଙ୍କ ଖାଦ୍ୟରେ ଫଳଗୁଡିକ ଅନ୍ତର୍ଭୁକ୍ତ କରଥାନ୍ତି । କିନ୍ତୁ ଯଦି ଆମେ ଆପଣଙ୍କୁ କହିବୁ କି ସମସ୍ତ ଫଳଗୁଡ଼ିକ ନିରାମିଷ ନୁହେଁ । ତେବେ ଆପଣ ଏହାକୁ ବିଶ୍ୱାସ କରିବେ କି ? ଯଦି ଆପଣ ସମସ୍ତ ଫଳକୁ ନିରାମିଷ ବୋଲି ମଧ୍ୟ ଭାବନ୍ତି, ତେବେ ଆଜି ଆମେ ଏହି ଆର୍ଟିକିଲରେ ଆପଣଙ୍କର ଏହି ଭୁଲ ଧାରଣାକୁ ଦୂର କରିବୁ । ସମସ୍ତେ ନିଶ୍ଚିତ ଭାବରେ ଅଞ୍ଜିରର ନାମ ଶୁଣିଥିବେ । ଯାହା ଇଂରାଜୀରେ ଫିଗ୍ସ କୁହନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ଏହାକୁ ଖାଇବା ଦ୍ୱାରା ଅନେକ ସମସ୍ୟା ଉପଶମ ହୋଇଥାଏ । ସାଧାରଣତଃ ଏହାକୁ ନିରାମିଷ ଭାବରେ ବିବେଚନା କରାଯାଏ କାରଣ ଏହା ଫଳ ବର୍ଗରେ ରହିଥାଏ । କିନ୍ତୁ ଆପଣ ଜାଣନ୍ତି କି ରସଶଷ୍ପ ଖାଇବା ଦ୍ୱାରା ଆପଣ ଏକ ମାଂସାହାରୀ ହୋଇପାରିବେ । ତେବେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବା ଏହା କେମିତି ସମ୍ଭବ । ତେବେ ଆସନ୍ତୁ ଜାଣିବା ଲସଶଷ୍ପ ଖାଇଲେ ଆପଣ କିପରି ମାଂସାହାରୀ ହୋଇପାରିବେ। ମିଠା ଏବଂ ସ୍ୱାଦିଷ୍ଟ ଅଞ୍ଜିରକୁ ଏକ ଆମିଷ ଫଳ ଭାବରେ ବିବେଚନା କରାଯିବାର କାରଣ ହେଉଛି ଏହାର ପରାଗଣ ପ୍ରକ୍ରିୟ । ବାସ୍ତବରେ, ଅଞ୍ଜିରରେ ପରାଗଣ ପାଇଁ ବିରୁଡ଼ି ପ୍ରଜାତିର ଛୋଟ ଛୋଟ କୀଟ ଉପରେ ନିର୍ଭର କରେ । ଏହି କୀଟ ଛୋଟ ଛୋଟ ଗର୍ତ୍ତ ଦେଇ ଫଳ ମଧ୍ୟକୁ ପ୍ରବେଶ କରିଥାଏ । ଅଞ୍ଜିରର ଫୁଲ ଫଳ ଭିତରେ ଅଛି ଏବଂ ତେଣୁ ପରାଗଣ ପ୍ରକ୍ରିୟା ପାଇଁ ବିରୁଡ଼ି ପ୍ରଜାତିର ଛୋଟ ଛୋଟ କୀଟକୁ ଫଳ ଭିତରକୁ ଯିବାକୁ ପଡେ । ଯେତେବେଳେ ଏହି କୀଟ ଫଳ ଭିତରେ ଥାଏ, ସେ ସମୟରେ ସେମାନେ ଅଣ୍ଡା ଦେଇଥାନ୍ତି । ଏହାପରେ ପରାଗ ଅଞ୍ଜିରର ଫୁଲକୁ ଟ୍ରାନ୍ସଫର ହୋଇଥାଏ । ଏହାପରେ ଅଣ୍ଡାହୀନ ମହିଳା କୀଟ ଇନ୍ୟୁବେଡ୍ କରେ ଓ ପରେ ଅଞ୍ଜିର ଭିତରେ ମରିଯାଏ । ଯାହାକୁ ଅଞ୍ଜିରରେ ଥିବା ଫିସିନ୍ ଏନଜାଇମ୍ ଖାଇଦିଏ ଏବଂ ଏହାକୁ ଫଳ ସହିତ ମିଶାଇଦିଏ। ତେବେ ଏହି ପୂରା ପ୍ରକ୍ରିୟା ଉଭୟ ପ୍ରଜାତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଏହି ପ୍ରକ୍ରିୟା ପରେ ଆପଣ ଅଞ୍ଜିରକୁ ନିରାମିଷ କିମ୍ବା ଆମିଷ ଭାବେ ବିବେଚନା କରନ୍ତି, ଏହା ଆପଣଙ୍କ ନିଷ୍ପତ୍ତି ।



# ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ, ତା' ହେଲେ ସୁଧାରି ନିଅନ୍ତୁ ଏହି ତ୍ରୁଟି




ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଆପଣଙ୍କ ଅଜାଣତରେ ହେଉଥିବା ୪ଟି ଭୁଲ୍ ପାଇଁ ଆପଣଙ୍କୁ ହୁଏତ ଏପରି ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଇପାରେ। ତା' ହେଲେ ଆସନ୍ତୁ ଜାଣିବା କ'ଣ ଏହି ତ୍ରୁଟି ଓ କିପରି ଏହାକୁ ସୁଧାରିବା। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ପାଣିର ଅଯଥା ଅପଚୟ କରନ୍ତୁ ନାହିଁ। ଅନାବଶ୍ୟକ ସ୍ଥଳେ ପାଣି ଟ୍ୟାପ ଖୋଲନ୍ତୁ ନାହିଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ତେଣୁ ସବୁବେଳେ ପାଣି ଟ୍ୟାପକୁ ଭଲ ଭାବେ ବନ୍ଦ କରନ୍ତୁ । ତ୍ରୁଟି ଥିଲେ ଏହାକୁ ତୁରନ୍ତ ସଜାଡ଼ି ନିଅନ୍ତୁ । ଘରର ଆଲମିରା ବା ଟଙ୍କାପଇସା ଆଦି ରଖୁଥିବା ସ୍ଥାନକୁ କେବେବି ଖୋଲା ଛାଡ଼ନ୍ତୁ ନାହିଁ। ଏପରି ହେବା ଦ୍ୱାରା ଆପଣଙ୍କୁ ସବୁବେଳେ ଧନର ଅଭାବ ଅନୁଭବ ହୋଇଥାଏ। ତେଣୁ ସବୁବେଳେ ସବୁବେଳେ ଏହାକୁ ବନ୍ଦ କରି ରଖନ୍ତୁ। ଆଲମିରା ସବୁବେଳେ ଖୋଲା ରହିବା ଦ୍ୱାରା ଧନର ଦେବୀ ମା' ଲକ୍ଷ୍ମୀଙ୍କ କୋପ ଦୃଷ୍ଟି ପଡ଼ିଥାଏ। ଯେଉଁ ଘର ସବୁବେଳେ ସଫାସୁତୁରା ରହି ନ ଥାଏ, ଉକ୍ତ ଘରେ ମା' ଲକ୍ଷ୍ମୀଙ୍କ ପାଦ ପଡ଼ି ନ ଥାଏ। ଆଉ ମା' ଲକ୍ଷ୍ମୀ ପ୍ରସନ୍ନ ନ ରହିଲେ, ତାଙ୍କ ଆଗମନ ନ ହେଲେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହିବା ଥୟ। ତେଣୁ ଯଥା ସମ୍ଭବ ଘରକୁ ସବୁବେଳେ ପରିଷ୍କାର ରଖନ୍ତୁ । ଘରେ ଥିବା ତୁଳସୀ ଗଛକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଯଦି ବିନା କୌଣସି କାରଣରେ ସବୁବେଳେ ତୁଳସୀ ଗଛ ଶୁଖି ଯାଉଛି ତେବେ ଏହାର ପରିଣାମ ଶୁଭଙ୍କର ନୁହେଁ। ଏପରି ହେଲେ ଆପଣ ସବୁବେଳେ ଅଭାବ, ଅନଟନରେ ଘାଣ୍ଟି ହେବେ। ଆର୍ଥିକ ଦୁର୍ଗତି ପିଛା ଛାଡ଼ିବନି। ତେଣୁ ଯଥା ସମ୍ଭବ ଘରେ ଥିବା ତୁଳସୀ ଗଛକୁ ସବୁବେଳେ ବଞ୍ଚାଇ ରଖନ୍ତୁ।

# ୟୁକ୍ରେନ ଯୁଦ୍ଧର ନୂଆ ଅଧ୍ୟାୟ: ବଢୁଥିବା ଉତ୍ତେଜନା ଏବଂ ବିଶ୍ୱ ସଙ୍କଟର ଆଶଙ୍କା

ଇରାନରେ ଚାଲିଥିବା ଯୁଦ୍ଧ ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରୁଥିବା ବେଳେ ୟୁକ୍ରେନ ଯୁଦ୍ଧ ଖବରକାଗଜର ମୁଖ୍ୟ ପୃଷ୍ଠାରୁ ଧୀରେ ଧୀରେ ଅଦୃଶ୍ୟ ହୋଇଯାଇଥିଲା । କିନ୍ତୁ ସାମ୍ପ୍ରତିକ ଘଟଣାବଳୀ ପ୍ରମାଣିତ କରୁଛି ଯେ ଏହି ଯୁଦ୍ଧ ଏବେ ଏକ ଅଧିକ ବିପଜ୍ଜନକ ତଥା ଅତ୍ୟନ୍ତ ଅସ୍ଥିର ପର୍ଯ୍ୟାୟରେ ପ୍ରବେଶ କରିଛି । ବର୍ତ୍ତମାନ ଏକାଧିକ ପ୍ରଶ୍ନ ଉଠୁଛି ଯେ, ୟୁକ୍ରେନ ଯୁଦ୍ଧ କଣ ତୀବ୍ରତର ହେଉଛି ? ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା କଣ ଯୁଦ୍ଧକ୍ଷେତ୍ରର କେନ୍ଦ୍ରୀୟ ରଣନୀତି ପାଲଟିଛି ? ଏହି ଯୁଦ୍ଧ କଣ ଏକ ବ୍ୟାପକ ବିଶ୍ୱ ସଙ୍କଟ ସୃଷ୍ଟି କରିପାରେ ? ବାହ୍ୟ ଶକ୍ତିମାନେ ୟୁକ୍ରେନରେ ନିଜର ସମ୍ପୃକ୍ତିକୁ ବଢ଼ାଉଛନ୍ତି କି ? ଏହି ସମସ୍ତ ପ୍ରଶ୍ନର ଉତ୍ତର ଖୋଜିଲେ ଆମେ ଦେଖିବାକୁ ପାଇବା ଯେ ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ଏହି ଦୀର୍ଘକାଳୀନ ସଂଘର୍ଷ କେବଳ ଦୁଇଟି ରାଷ୍ଟ୍ର ମଧ୍ୟରେ ସୀମିତ ନାହିଁ, ବରଂ ସମଗ୍ର ବିଶ୍ୱକୁ ଏକ ଭୟଙ୍କର ପରିସ୍ଥିତି ଆଡ଼କୁ ଠେଲି ଦେଉଛି । ବିଶେଷକରି ସାଧାରଣ ନାଗରିକଙ୍କ ଜୀବନହାନି ଏବଂ ଅର୍ଥନୈତିକ ଭିତ୍ତିଭୂମି ଉପରେ ବଢୁଥିବା ଆକ୍ରମଣ ଏହି ଯୁଦ୍ଧର ରୂପରେଖକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି ।

ମେ ୨୦୨୬ ସୁଦ୍ଧା, ଉଭୟ ପକ୍ଷର ସ୍ଥଳସେନା ଅଭିଯାନ ଏକ ପ୍ରକାର ସ୍ଥାଣୁ ଅବସ୍ଥାରେ ପହଞ୍ଚିଛି ଏବଂ ଆଗକୁ ବଢ଼ିବାର କୌଣସି ସମ୍ଭାବନା ଦେଖାଯାଉନାହିଁ । ଏହି ସ୍ଥିତାବସ୍ଥାକୁ ଭାଙ୍ଗିବା ପାଇଁ ରଷିଆ ଏବଂ ୟୁକ୍ରେନ ପରସ୍ପର ଉପରେ ଦୀର୍ଘ ଦୂରଗାମୀ ବୈମାନିକ ଆକ୍ରମଣ ଆରମ୍ଭ କରିଛନ୍ତି । ବର୍ତ୍ତମାନ ଉଭୟ ପକ୍ଷ ପରସ୍ପରର ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି, ଯାହାକି ଆନ୍ତର୍ଜାତୀୟ ଯୁଦ୍ଧ ନିୟମର ସିଧାସଳଖ ଉଲ୍ଲଂଘନ ଅଟେ । ୟୁକ୍ରେନ ନିଜର ଡ୍ରୋନ୍ ଆକ୍ରମଣକୁ ବ୍ୟାପକ କରି ରଷିଆର ଅର୍ଥନୈତିକ ଜୀବନରେଖା, ବିଶେଷକରି ଇଲସ୍କି ଏବଂ ନୋଭୋଶାଖଟିନସ୍କ ଭଳି ତୈଳ ବିଶୋଧନାଗାର ତଥା ସାମରିକ ଲଜିଷ୍ଟିକ୍ ହବ୍ ଗୁଡ଼ିକ ଉପରେ ଆକ୍ରମଣ କରୁଛି । ଉପଲବ୍ଧ ତଥ୍ୟ ଅନୁଯାୟୀ, ଦକ୍ଷିଣ ରଷିଆର ଅନ୍ୟତମ ବୃହତ୍ତମ ତୈଳ ବିଶୋଧନାଗାର ଇଲସ୍କିର ବାର୍ଷିକ ପ୍ରାୟ ୬.୬ ନିୟୁତ ଟନ୍ ଅଶୋଧିତ ତୈଳ ବିଶୋଧନ କ୍ଷମତା ରହିଛି ଏବଂ ନୋଭୋଶାଖଟିନସ୍କ ମଧ୍ୟ ରଷିଆର ସାମରିକ ଇନ୍ଧନ ଯୋଗାଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହିସବୁ ଅର୍ଥନୈତିକ କେନ୍ଦ୍ର ଉପରେ ଆକ୍ରମଣ ରଷିଆର ଯୁଦ୍ଧ ପରିଚାଳନା କ୍ଷମତାକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ କରାଯାଉଛି । ଅନ୍ୟପକ୍ଷରେ, ବିଭିନ୍ନ ଗୁଇନ୍ଦା ରିପୋର୍ଟ ଅନୁଯାୟୀ ୟୁରୋପୀୟ ଦେଶଗୁଡ଼ିକ ୟୁକ୍ରେନକୁ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଆକ୍ରମଣକାରୀ ଡ୍ରୋନ୍ ଗୁଡ଼ିକର ମିଳିତ ବିକାଶ ତଥା ବହୁଳ ଉତ୍ପାଦନରେ ସାହାଯ୍ୟ କରୁଛନ୍ତି । ଏହାର ଏକ ଭୟଙ୍କର ପରିଣାମ ମେ ୨୧-୨୨ ତାରିଖରେ ଦେଖିବାକୁ ମିଳିଥିଲା, ଯେତେବେଳେ ଲୁହାନ୍ସ୍କ ଅଞ୍ଚଳର ରଷିଆ ଅକ୍ତିଆରରେ ଥିବା ଷ୍ଟାରୋବିଲସ୍କ ସହରର ଏକ ଶିକ୍ଷାନୁଷ୍ଠାନ ଉପରେ ୟୁକ୍ରେନର ଏକାଧିକ ଆକ୍ରମଣ ଫଳରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିଲା, ଯେଉଁଥିରେ ଅଧିକାଂଶ ଛୋଟ ଝିଅ ଥିଲେ ଏବଂ ୪୪ ଜଣ ଗୁରୁତର ଆହତ ହୋଇଥିଲେ । ଏହାର ପ୍ରତିଶୋଧ ସ୍ୱରୂପ ରଷିଆ ୟୁକ୍ରେନର ଏକାଧିକ ସହର ଉପରେ ନିଜର ସବୁଠାରୁ ଭୟଙ୍କର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରି ବେସାମରିକ ଭିତ୍ତିଭୂମି ନଷ୍ଟ କରିବା ସହ ଅତିକମରେ ୫ ଜଣଙ୍କର ପ୍ରାଣ ନେଇଥିଲା ଏବଂ ଶତାଧିକ ଲୋକଙ୍କୁ ଆହତ କରିଥିଲା । ଏହି ଘଟଣାକ୍ରମ ପ୍ରମାଣିତ କରୁଛି ଯେ ସାଧାରଣ ନାଗରିକମାନେ ବର୍ତ୍ତମାନ ଉଭୟ ପକ୍ଷର ପ୍ରତିଶୋଧମୂଳକ ରଣନୀତିର ମୁଖ୍ୟ ଶିକାର ପାଲଟିଛନ୍ତି ।

ରଷିଆ କର୍ତ୍ତୃପକ୍ଷ ୟୁକ୍ରେନର ରାଜଧାନୀ କିଭ୍ ଉପରେ ଆକ୍ରମଣ ବୃଦ୍ଧି କରିବାକୁ ସର୍ବସାଧାରଣରେ ବାରମ୍ବାର ଧମକ ଦେଉଛନ୍ତି । ପୁଣିଥରେ, ମେ ୨୯ ତାରିଖରେ ରୋମାନିଆର ଗାଲାଟି ସହରର ଏକ କୋଠାରେ ଏକ ଡ୍ରୋନ୍ ମାଡ଼ ହୋଇଥିଲା, ଯାହାକୁ ନାଟୋ (NATO) ଆକାଶମାର୍ଗର ସିଧାସଳଖ ଉଲ୍ଲଂଘନ ଭାବରେ ଦେଖାଯାଉଛି । ଯଦିଓ ରଷିଆ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହିଁ, ତଥାପି ଏହି ଘଟଣା ନାଟୋ ସାମରିକ ମେଣ୍ଟକୁ ଯୁଦ୍ଧ ଭିତରକୁ ଟାଣି ଆଣିବାର ଆଶଙ୍କା ସୃଷ୍ଟି କରିଛି । ପରିସ୍ଥିତି ଏତେ ଖରାପ ହୋଇଯାଇଛି ଯେ ଜାତିସଂଘ ନିରାପତ୍ତା ପରିଷଦର ଏକ ଜରୁରୀକାଳୀନ ବୈଠକ ଡକାଯାଇଥିଲା, ଯେଉଁଠାରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କଡ଼ା ଚେତାବନୀ ଦେଇଥିଲେ ଯେ ଏହି ସଂଘର୍ଷ 'ନିୟନ୍ତ୍ରଣ ବାହାରକୁ' ଯିବାର ଆଶଙ୍କା ରହିଛି ଏବଂ ସେ ତୁରନ୍ତ ଉତ୍ତେଜନା ହ୍ରାସ ତଥା ପୂର୍ଣ୍ଣ ଏବଂ ସର୍ତ୍ତମୂଳକ ଅସ୍ତ୍ରବିରତି ପାଇଁ ଆହ୍ୱାନ ଦେଇଥିଲେ । ତଥାପି, ତାଙ୍କର ଏହି ଆହ୍ୱାନର କୌଣସି ପ୍ରଭାବ ପଡ଼ିଥିବା ଦେଖାଯାଉନାହିଁ । ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଅବ୍ୟାହତ ରହିଛି ଏବଂ ଜୁନ୍ ୧-୨ ତାରିଖରେ ରଷିଆ କିଭ୍ ଏବଂ ଡିନିପ୍ରୋର ଏକାଧିକ ସ୍ଥାନରେ ଆଉ ଏକ ବଡ଼ ଧରଣର ରାତ୍ରିକାଳୀନ ଆକ୍ରମଣ କରିଥିଲା । ୟୁକ୍ରେନରେ ଥିବା ଜାତିସଂଘ ମାନବାଧିକାର ମନିଟରିଂ ମିଶନ (HRMMU) ସ୍ପଷ୍ଟ ଭାବରେ ରିପୋର୍ଟ କରିଛି ଯେ ଏହି ଆକ୍ରମଣରେ ଅତିକମରେ ୨୨ ଜଣ ସାଧାରଣ ନାଗରିକ ନିହତ ହୋଇଛନ୍ତି ଏବଂ ୧୪୫ ଜଣ ଆହତ ହୋଇଛନ୍ତି । ଦୀର୍ଘ ଦୂରଗାମୀ ଯୁଦ୍ଧକୁ ଏହି ପରିବର୍ତ୍ତନ ସାଧାରଣ ନାଗରିକଙ୍କ ମୃତ୍ୟୁ ଏବଂ ବ୍ୟାପକ କ୍ଷୟକ୍ଷତିର କାରଣ ପାଲଟିଛି । ଏହା ସହିତ, ଆଣବିକ ବିପଦର ଆଶଙ୍କା ମଧ୍ୟ ବୃଦ୍ଧି ପାଇଛି । ମେ ୩୧ ତାରିଖରେ ରଷିଆ ନିୟନ୍ତ୍ରଣରେ ଥିବା ଜାପୋରିଜିଆ ପରମାଣୁ କେନ୍ଦ୍ର ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ ହୋଇଥିଲା, ଯାହା ଏକ ପରମାଣୁ ଦୁର୍ଘଟଣାର ଆଶଙ୍କାକୁ ବହୁଗୁଣିତ କରିଛି । ୟୁରୋପର ସର୍ବବୃହତ୍ ଏହି ପରମାଣୁ କେନ୍ଦ୍ରରେ ୬ଟି ରିଆକ୍ଟର ରହିଛି ଏବଂ ଏହା ଉପରେ କୌଣସି ବଡ଼ ଧରଣର ଆକ୍ରମଣ ସମଗ୍ର ୟୁରୋପ ପାଇଁ ଏକ ଭୟଙ୍କର ବିପଦ ଆଣିଦେଇପାରେ, ଯାହାର ପରିଣାମ ଚେର୍ଣ୍ଣୋବିଲ୍ ଦୁର୍ଘଟଣା ଠାରୁ ମଧ୍ୟ ଭୟାବହ ହୋଇପାରେ । ୟୁକ୍ରେନ ଏହି ଆକ୍ରମଣ ପାଇଁ ଦାୟୀ ନୁହେଁ ବୋଲି କହିଥିଲେ ମଧ୍ୟ ପୂର୍ବତନ ରଷିଆ ରାଷ୍ଟ୍ରପତି ଦିମିତ୍ରି ମେଦଭେଦେଭ ଚେତାବନୀ ଦେଇଛନ୍ତି ଯେ ରଷିଆର ପ୍ରତିକ୍ରିୟା କେବଳ ୟୁକ୍ରେନ ସୀମା ମଧ୍ୟରେ ସୀମିତ ରହିବ ନାହିଁ । ରଷିଆ ପାଖରେ ଏବେ ବି ସମ୍ବଳ ଏବଂ ମାନବ ଶକ୍ତିର ବ୍ୟାପକ ଲାଭ ରହିଛି । ଏହା ଏବେ ବି ଏହି ସଂଘର୍ଷକୁ ଏକ 'ସ୍ୱତନ୍ତ୍ର ସାମରିକ ଅଭିଯାନ' ବୋଲି ବର୍ଣ୍ଣନା କରୁଛି ଏବଂ ନିଜ ପାଖରେ ଥିବା ସମସ୍ତ ମାନବ ଶକ୍ତିକୁ ଏପର୍ଯ୍ୟନ୍ତ ବ୍ୟବହାର କରିନାହିଁ । ଯଦି ଏହା ଶେଷରେ ଏହି ସଂଘର୍ଷକୁ ଆନୁଷ୍ଠାନିକ ଭାବେ ଏକ 'ଯୁଦ୍ଧ' ବୋଲି ଘୋଷଣା କରେ, ତେବେ ପରିସ୍ଥିତି ଆହୁରି ଭୟାବହ ହୋଇପାରେ ଏବଂ ଏହା ସମ୍ପୂର୍ଣ୍ଣ ସାମରିକ ଶକ୍ତି ପ୍ରୟୋଗ କରିବାକୁ ପଛାଇବ ନାହିଁ । ବର୍ତ୍ତମାନ ଉଭୟ ରଷିଆ ଏବଂ ୟୁକ୍ରେନ ସମାନ ରଣନୀତି ଅନୁସରଣ କରୁଥିବା ମନେହେଉଛି: ଅନ୍ୟ ପକ୍ଷକୁ ସର୍ବାଧିକ ଯନ୍ତ୍ରଣା ଏବଂ କ୍ଷତି ପହଞ୍ଚାଇବା ଯାହାଦ୍ୱାରା ଆନୁଷ୍ଠାନିକ କୂଟନୈତିକ ଆଲୋଚନା ଆରମ୍ଭ ହେଲେ ସେମାନେ ଏକ ଶକ୍ତିଶାଳୀ ତଥା ନିର୍ଣ୍ଣାୟକ ସ୍ଥିତିରେ ରହିପାରିବେ ।

ଏହି ଯୁଦ୍ଧ ଉଭୟ ଦେଶର ଅର୍ଥନୀତିକୁ ଗଭୀର ଭାବରେ ନଷ୍ଟ କରୁଛି ଏବଂ ସାଧାରଣ ଲୋକଙ୍କ ଜୀବନଧାରଣ ମାନକୁ ନିମ୍ନଗାମୀ କରୁଛି । ୟୁକ୍ରେନ ସମ୍ପୂର୍ଣ୍ଣ ରୂପେ ନିଜର ପାଶ୍ଚାତ୍ୟ ଅଂଶୀଦାରମାନଙ୍କ ଆର୍ଥିକ ଏବଂ ସାମରିକ ସହାୟତା ଉପରେ ନିର୍ଭରଶୀଳ ଥିବାବେଳେ ଯୁଦ୍ଧ ଏବଂ ପାଶ୍ଚାତ୍ୟ ପ୍ରତିବନ୍ଧକ କାରଣରୁ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ରଷିଆ ପ୍ରାୟ ୫.୯ ଟ୍ରିଲିୟନ ରୁବଲ୍ ର ବିପୁଳ ବଜେଟ୍ ନିଅଣ୍ଟର ସମ୍ମୁଖୀନ ହୋଇଛି । ଜାକୋବିନ୍ ପତ୍ରିକାର ଏକ ରିପୋର୍ଟ ଅନୁଯାୟୀ, ଏହି ନିଅଣ୍ଟ ପରିମାଣ ୨୦୨୫ ମସିହାର ସମୁଦାୟ ବଜେଟ୍ ନିଅଣ୍ଟ ଠାରୁ ମଧ୍ୟ ଆହୁରି ଅଧିକ ଅଟେ । ଆଟଲାଣ୍ଟିକ୍ କାଉନ୍ସିଲ୍ ର ଏକ ବିସ୍ତୃତ ରିପୋର୍ଟ ଅନୁଯାୟୀ, ୟୁକ୍ରେନ ବର୍ତ୍ତମାନ ରଷିଆର ପ୍ରାୟ ୭୦ ପ୍ରତିଶତ ଜନସଂଖ୍ୟାକୁ ନିଜ ଦୀର୍ଘ ଦୂରଗାମୀ ଡ୍ରୋନ୍ ପରିସର ମଧ୍ୟରେ ରଖିବାରେ ସକ୍ଷମ ହୋଇଛି । ଏହାର ଫଳସ୍ୱରୂପ ରଷିଆ ମସ୍କୋ ଏବଂ ସେଣ୍ଟ ପିଟର୍ସବର୍ଗ ସମେତ ନିଜର ପ୍ରମୁଖ ସହରଗୁଡ଼ିକୁ ରକ୍ଷା କରିବା ପାଇଁ ଆଗଧାଡ଼ିରୁ ବହୁମୂଲ୍ୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ହଟାଇବାକୁ ବାଧ୍ୟ ହୋଇଛି, ଯାହା ତାର ଅର୍ଥନୀତି ଉପରେ ଅଧିକ ଆର୍ଥିକ ଚାପ ପକାଉଛି । ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ସୂଚାଉଛି ଯେ ସ୍ଥାଣୁ ଯୁଦ୍ଧ ଏବଂ ସଙ୍କୁଚିତ ଅର୍ଥନୀତି କାରଣରୁ ରଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବର୍ତ୍ତମାନ ପ୍ରବଳ ଘରୋଇ ଚାପରେ ଅଛନ୍ତି । ମୁଦ୍ରାସ୍ଫୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି କାରଣ ରଷିଆ ଚଳିତ ବର୍ଷ ନିଜର ରାଜସ୍ୱ ବୃଦ୍ଧି କରିବା ପାଇଁ ଦୁଇଥର ଭ୍ୟାଟ୍ (VAT) ବୃଦ୍ଧି କରିସାରିଲାଣି ଏବଂ ବ୍ୟାଙ୍କ ସୁଧ ହାର ମଧ୍ୟ ଅଧିକ ରହିଛି । ଚଳିତ ବର୍ଷ ଏପ୍ରିଲରେ, ରଷିଆର କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ଏଲଭିରା ନାବିଉଲିନା ସରକାରଙ୍କୁ ଚେତାବନୀ ଦେଇଥିଲେ ଯେ ଆଧୁନିକ ଇତିହାସରେ ପ୍ରଥମ ଥର ପାଇଁ ରଷିଆ ଏକ ଅଭୂତପୂର୍ବ ଶ୍ରମିକ ଅଭାବର ସମ୍ମୁଖୀନ ହେଉଛି । ପ୍ରାୟ ୨.୫ ନିୟୁତ ଶ୍ରମିକଙ୍କ ତୀବ୍ର ଅଭାବ ଦେଖାଦେଇଛି ଯାହା ଦେଶର ଉତ୍ପାଦନ ଏବଂ ଅର୍ଥନୀତିକୁ ଗଭୀର ଭାବେ ପ୍ରଭାବିତ କରୁଛି । ରଷିଆର କମ୍ୟୁନିଷ୍ଟ ପାର୍ଟିର ମୁଖ୍ୟ ଗେନାଡି ଜ୍ୟୁଗାନୋଭ, ଯିଏ କି ଦୀର୍ଘ ଦିନ ଧରି ପୁଟିନ ଏବଂ ତାଙ୍କର ଯୁଦ୍ଧ ନୀତିକୁ ସମର୍ଥନ କରିଆସୁଥିଲେ, ସେ ଡୁମା (ରଷିଆ ସଂସଦ) ରେ ଖୋଲାଖୋଲି ଭାବେ କହିଛନ୍ତି ଯେ ଅର୍ଥନୈତିକ ପତନ ୧୯୧୭ ମସିହା ଭଳି ଏକ ଭୟଙ୍କର ବିପ୍ଳବ ସୃଷ୍ଟି କରିପାରେ ଏବଂ ସେ ସରକାରଙ୍କୁ ତୁରନ୍ତ ନିଜର ଦିଗ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛନ୍ତି । ଏହା ସହିତ, ଜାପାନ ଟାଇମ୍ସ ରିପୋର୍ଟ କରିଛି ଯେ ଆଭ୍ୟନ୍ତରୀଣ ବିବାଦର ଏକ ସ୍ପଷ୍ଟ ସଙ୍କେତ ସ୍ୱରୂପ, ବରିଷ୍ଠ ସରକାରୀ ଅଧିକାରୀମାନେ ଚେତାବନୀ ଦେଇଛନ୍ତି ଯେ ୟୁକ୍ରେନ ଯୁଦ୍ଧରେ ଖର୍ଚ୍ଚ ଏକ ଅସହନୀୟ ତଥା ବିପଜ୍ଜନକ ସ୍ତରରେ ପହଞ୍ଚିଛି, ଯଦିଓ ପ୍ରତିରକ୍ଷା ମନ୍ତ୍ରଣାଳୟ ନିଜ ବଜେଟରେ କୌଣସି ପ୍ରକାରର କାଣ୍ଟଛାଣ୍ଟ କରିବାକୁ ସିଧାସଳଖ ମନା କରିଦେଇଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ରଷିଆରେ ଜନସାଧାରଣଙ୍କ ଅସନ୍ତୋଷ କ୍ରମାଗତ ଭାବେ ବୃଦ୍ଧି ପାଉଛି । ଯଦିଓ ଏହି ରିପୋର୍ଟଗୁଡ଼ିକ ମଧ୍ୟରୁ କିଛି ପାଶ୍ଚାତ୍ୟ ପ୍ରଚାର ଦ୍ୱାରା ପ୍ରେରିତ ହୋଇପାରେ, ତଥାପି ଏହା ଯୁକ୍ତିଯୁକ୍ତ ଯେ ଦୀର୍ଘକାଳୀନ ସଂଘର୍ଷ, ରଷିଆର ଗଭୀର ଅଞ୍ଚଳରେ ୟୁକ୍ରେନର ନିରନ୍ତର ଆକ୍ରମଣ ଏବଂ ରଷିଆ ସୈନ୍ୟଙ୍କ ମୃତ୍ୟୁସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଯୁଦ୍ଧକୁ ସହଜରେ ଜିତିବା ନେଇ ଲୋକଙ୍କ ଆଶାବାଦ ବହୁମାତ୍ରାରେ ହ୍ରାସ ପାଇଛି । କ୍ରମାଗତ ଜନ ଅସନ୍ତୋଷ ଏବଂ ବ୍ୟାପକ କ୍ଷୟକ୍ଷତି ଘଟାଉଥିବା ଅଧିକ ୟୁକ୍ରେନୀୟ ଆକ୍ରମଣ ପୁଟିନଙ୍କୁ ୟୁକ୍ରେନ ବାହାରେ ଯୁଦ୍ଧକୁ ବିସ୍ତାର କରିବାକୁ ଉସକାଇପାରେ । ମସ୍କୋ ପୂର୍ବରୁ ଦୃଢ଼ୋକ୍ତି ପ୍ରକାଶ କରିସାରିଛି ଯେ ୟୁକ୍ରେନ ସହିତ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରର ମିଳିତ ଉତ୍ପାଦନ ଚୁକ୍ତିରେ ଜଡ଼ିତ ଥିବା ୟୁରୋପୀୟ ସାମରିକ କେନ୍ଦ୍ରଗୁଡ଼ିକ ରଷିଆ ସଶସ୍ତ୍ର ବାହିନୀ ପାଇଁ ସମ୍ଭାବ୍ୟ ଟାର୍ଗେଟ୍ ଅଟନ୍ତି । ଏହା ବିଶ୍ୱବାସୀଙ୍କ ପାଇଁ କୌଣସି ରହସ୍ୟ ନୁହେଁ ଯେ ୟୁକ୍ରେନ ସଂଘର୍ଷ ପ୍ରକୃତରେ ପାଶ୍ଚାତ୍ୟ ଶକ୍ତିମାନଙ୍କ ଦ୍ୱାରା ରଷିଆ ବିରୋଧରେ କରାଯାଉଥିବା ଏକ ଲୁକ୍କାୟିତ ପ୍ରକ୍ସି ଯୁଦ୍ଧ ।

ବର୍ତ୍ତମାନ ଆମେରିକା ନେତୃତ୍ୱରେ ଚାଲିଥିବା ଶାନ୍ତି ଆଲୋଚନା ମଧ୍ୟ ସମ୍ପୂର୍ଣ୍ଣ ଭାବେ ସ୍ଥଗିତ ରହିଛି । ଫେବୃଆରୀ ୨୦୨୬ ରେ ଜେନେଭାରେ ଆମେରିକା, ରଷିଆ ଏବଂ ୟୁକ୍ରେନ ମଧ୍ୟରେ ହୋଇଥିବା ତ୍ରିପାକ୍ଷିକ ଆଲୋଚନା ଏବଂ ପରେ ସଂଯୁକ୍ତ ଆରବ ଏମିରେଟ୍ସ (UAE) ରେ ହୋଇଥିବା ଆଲୋଚନା କୌଣସି କୂଟନୈତିକ ସଫଳତା ହାସଲ କରିବାରେ ବିଫଳ ହୋଇଥିଲା । ରଷିଆ ଚାହୁଁଛି ଯେ କ୍ରିମିଆ, ଡୋନେଟସ୍କ, ଲୁହାନ୍ସ୍କ ଭଳି ଅଧିକୃତ ଅଞ୍ଚଳ ଉପରେ ତାର ସାର୍ବଭୌମତ୍ୱକୁ ଆନ୍ତର୍ଜାତୀୟ ସ୍ୱୀକୃତି ମିଳୁ, ୟୁକ୍ରେନ ସଶସ୍ତ୍ର ବାହିନୀର ଆକାର ଏବଂ କ୍ଷମତା ଉପରେ କଠୋର କଟକଣା ଲାଗୁ କରାଯାଉ ଏବଂ ୟୁକ୍ରେନରେ କେବେବି ନାଟୋ ସୈନ୍ୟ ମୁତୟନ ହେବେ ନାହିଁ ବୋଲି ଏକ ଆଇନଗତ ପ୍ରତିଶ୍ରୁତି ମିଳୁ । ଅନ୍ୟପକ୍ଷରେ, ନିଜର ୟୁରୋପୀୟ ଅଂଶୀଦାରମାନଙ୍କ ଦ୍ୱାରା ଉତ୍ସାହିତ ୟୁକ୍ରେନ ମଧ୍ୟ ଏକ ସମାନ ଚରମପନ୍ଥୀ ଆଭିମୁଖ୍ୟ ଗ୍ରହଣ କରିଛି ଏବଂ ଯୁଦ୍ଧ ବନ୍ଦ ହେବା ପୂର୍ବରୁ ଦୃଢ଼ ତଥା ଅକାଟ୍ୟ ସୁରକ୍ଷା ଗ୍ୟାରେଣ୍ଟି ଦାବି କରିବା ସହ ରଷିଆକୁ କୌଣସି ଅଞ୍ଚଳ ହସ୍ତାନ୍ତର କରିବାକୁ ସିଧାସଳଖ ମନା କରିଦେଇଛି । ଯଦିଓ ୟୁରୋପ ରଷିଆ ସହିତ ଯୋଗାଯୋଗର ଏକ ନୂତନ ମାଧ୍ୟମ ଖୋଲିବାକୁ ବିଚାର କରୁଛି ବୋଲି ଖବର ମିଳୁଛି, ତଥାପି ଏହା ସମ୍ପୂର୍ଣ୍ଣ ଅସମ୍ଭବ ଯେ ରଷିଆ କୌଣସି ଇୟୁ (EU) ସଦସ୍ୟ କିମ୍ବା ବ୍ରିଟେନକୁ ଏକ ନିରପେକ୍ଷ ମଧ୍ୟସ୍ଥ ଭାବରେ ଗ୍ରହଣ କରିବ, କାରଣ ବର୍ଷ ବର୍ଷ ଧରି ସେମାନେ ୟୁକ୍ରେନକୁ ଖୋଲାଖୋଲି ସାମରିକ ଏବଂ ଆର୍ଥିକ ସମର୍ଥନ କରିଆସୁଛନ୍ତି ।

ଏହିପରି ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ, ଯଦି କୌଣସି ପକ୍ଷରୁ କିଛି ଭୁଲ୍ ହିସାବ କିମ୍ବା ଦୁର୍ଘଟଣା ଘଟେ, ତେବେ ଏହା ଯୁଦ୍ଧକୁ ସମଗ୍ର ୟୁରୋପକୁ ବ୍ୟାପକ କରିପାରେ । ଯଦି ଏହିପରି କୌଣସି ପରିସ୍ଥିତି ଉପୁଜେ ଏବଂ ନାଟୋ ତାର 'ଧାରା ୫' (Article 5) ଲାଗୁ କରେ, ଯାହା ସ୍ପଷ୍ଟ ଭାବରେ ଦର୍ଶାଏ ଯେ 'ଜଣେ ନାଟୋ ସଦସ୍ୟଙ୍କ ଉପରେ ସଶସ୍ତ୍ର ଆକ୍ରମଣକୁ ସମସ୍ତ ସଦସ୍ୟଙ୍କ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ', ତେବେ ଏହି ସଂଘର୍ଷ ଏକ ଭୌଗୋଳିକ ସୀମିତ ଅଞ୍ଚଳରୁ ବାହାରି ନାଟୋର ସାମ୍ମୁଖ୍ୟ ସହଯୋଗୀମାନଙ୍କୁ ନେଇ ଏକ ବ୍ୟାପକ ବିଶ୍ୱଯୁଦ୍ଧରେ ପରିଣତ ହେବ । ବିଡ଼ମ୍ବନାର ବିଷୟ ହେଉଛି, ଏହାକୁ ରୋକିବାର ଏକମାତ୍ର ଆଶା ହେଉଛି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ (ଯିଏକି ନିକଟରେ ଭେନେଜୁଏଲା ଏବଂ କ୍ୟୁବା ସହିତ ଅନ୍ୟାନ୍ୟ ଦୁଃସାହସିକ କାର୍ଯ୍ୟ ସହ ଇରାନ ଉପରେ ବିନା କାରଣରେ ଏକ ନୂତନ ଯୁଦ୍ଧ ଆରମ୍ଭ କରିଛନ୍ତି), ଯିଏ ଧାରା ୫ ଲାଗୁ କରିବାକୁ ସମ୍ମତି ଦେବାକୁ ମନା କରିଦେଇପାରନ୍ତି, କାରଣ ଏହି ଧାରା ଲାଗୁ କରିବା ପାଇଁ ସମସ୍ତ ସଦସ୍ୟଙ୍କ ସର୍ବସମ୍ମତ ନିଷ୍ପତ୍ତି ଆବଶ୍ୟକ । ଏକ ଅଧିକ ଆଶାବାଦୀ ଦୃଷ୍ଟିକୋଣ ହେଉଛି ଯେ ଉଭୟ ୟୁକ୍ରେନ ଏବଂ ରଷିଆ ନିଜର ଅହଂକାର ତ୍ୟାଗ କରି ସ୍ୱୀକାର କରିବେ ଯେ ସଂଘର୍ଷ ବର୍ତ୍ତମାନ ଏକ ସ୍ଥାଣୁ ଅବସ୍ଥାରେ ଅଛି ଏବଂ ଆପୋଷ ଆଲୋଚନା ପାଇଁ ରାଜି ହେବେ । କିନ୍ତୁ ଏଥିପାଇଁ ମଧ୍ୟସ୍ଥତା କିଏ କରିବ ତାହା ଅନୁମାନ କରିବା କଷ୍ଟକର । ସାଧାରଣ ନାଗରିକଙ୍କ ଅକାଳ ଜୀବନ ହାନି, ବ୍ୟାପକ ବେସାମରିକ ଭିତ୍ତିଭୂମିର ବିନାଶ ଏବଂ ଆଣବିକ ବିପଦର କଳା ଛାୟା ତଳେ ଏହି ଯୁଦ୍ଧ ବର୍ତ୍ତମାନ ଏକ ଅତ୍ୟନ୍ତ ନିର୍ଣ୍ଣାୟକ ମୋଡ଼ରେ ଛିଡ଼ା ହୋଇଛି । ଯଦି ଶୀଘ୍ର କୌଣସି ସକ୍ରିୟ ଏବଂ ନିରପେକ୍ଷ ଅନ୍ତର୍ଜାତୀୟ ହସ୍ତକ୍ଷେପ ଦ୍ୱାରା ଏହାର ସମାଧାନ କରାନଯାଏ, ତେବେ ଏହା କେବଳ ଦୁଇଟି ଦେଶ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ କ୍ଷତିର କାରଣ ସାଜିବ ।

# ଦାଦନ ଏକ୍ସପ୍ରେସ ଲୋଭରେ ଶ୍ରମିକ



ବାଣୀମଞ୍ଜୁଳ ଡ଼ଃ ସମୀର କୁମାର ନନ୍ଦ

ଏକ ଐତିହାସିକ ନିଷ୍ପତ୍ତିରେ, ଭାରତ ସରକାର ପୂର୍ବରୁ ପ୍ରଚଳିତ ୨୯ ଟି ଶ୍ରମ ଆଇନକୁ ଉଚ୍ଛେଦ କରି ଚାରୋଟି ଶ୍ରମ ସଂହିତା - ମଜୁରୀ ସଂହିତା, ୨୦୧୯, ଶିଳ୍ପ ସମ୍ପର୍କ ସଂହିତା, ୨୦୨୦, ସାମାଜିକ ସୁରକ୍ଷା ସଂହିତା, ୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା, ୨୦୨୦କୁ ୨୧ ନଭେମ୍ବର ୨୦୨୫ ଠାରୁ କାର୍ଯ୍ୟକାରୀ କରିବାର ଘୋଷଣା କରିଛନ୍ତି । ଅନ୍ତର୍ଜାତୀୟ ସଂସ୍ଥା 'ଅର୍ଥନୈତିକ ସହଯୋଗ ଓ ବିକାଶ ସଂଗଠନ' (ଓଇସିଡ଼ି ) ତଥ୍ୟ ଅନୁଯାୟୀ ଭାରତ ବିଶ୍ୱ ଶ୍ରମ ଶକ୍ତିର ମେରୁଦଣ୍ଡ ଅଟେ । ଭାରତୀୟ ମାନେ ଦୁନିଆର ଅଧିକାଂଶ କାମ କରୁଛନ୍ତି । ୨୦୨୩ ମସିହାରେ ଛଅ ଲକ୍ଷରୁ ଅଧିକ ଭାରତୀୟ ଓଇସିଡ଼ି ଅଧିନସ୍ଥ ଦେଶ ଗୁଡିକୁ କାମ କରିବାକୁ ଯାଇଥିଲେ । ଏହି ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି ଯେ ଆୟ ପାଇଁ କେବଳ ଅଣ କୁଶଳୀ ଓ ଅର୍ଦ୍ଧ କୁଶଳୀ ନୁହନ୍ତି ବରଂ କୁଶଳୀ ଶ୍ରମିକ ମାନେ ମଧ୍ୟ ସ୍ୱଇଚ୍ଛାରେ ଦେଶାନ୍ତର ଚୟନ କରୁଛନ୍ତି । ସେହିପରି 'ଜାତୀୟ ଅପରାଧ ରେକର୍ଡ ସଂସ୍ଥା' (ଏନସିଆରବି ) ଅନୁସାରେ ୨୦୨୩ ମସିହାରେ ଓଡିଶା ମାନବ ଚାଲାଣ ରେ ଦେଶର ଶୀର୍ଷ ସ୍ଥାନରେ ରହିଥିଲା । ସେହିବର୍ଷ ୧୮୧ ଜଣ ନାବାଳିକାଂକ ସମେତ ୧୩୦୫ ଜଣ ଓଡିଶାରୁ ବାହାରକୁ ଚାଲାଣ ହୋଇଥିଲେ । ୨୦୨୧ ରେ ୨୯୧ ଜଣ ଓ ୨୦୨୨ ରେ ୩୫୩ ଜଣ ନାବାଳକ/ନାବାଳିକା ଓଡିଶାରୁ ବିଦେଶକୁ ଚାଲାଣ ହୋଇଥିଲେ ।

ତୃଣମୂଳ ସ୍ତରରେ ଶ୍ରମିକ ମାନଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଶ୍ରମ କାର୍ଯ୍ୟାଳୟ ଖୋଲି ସହକାରୀ ଶ୍ରମ ଅଧିକାରୀ ମାନଙ୍କୁ ନିଯୁକ୍ତି ଦେବା ପାଇଁ ଯୋଜନା କରିଛନ୍ତି, କିନ୍ତୁ ବାସ୍ତବିକ କ୍ଷେତ୍ରରେ ଖଟିଖିଆ ଶ୍ରମିକଟିଏ କେତେ ଉପକୃତ ହୋଇ ପାରୁଛି ତାହା ବିଚାରଯୋଗ୍ୟ । ଭାତହାଣ୍ଡିରୁ ଗୋଟିଏ ଭାତକୁ ନେଇ ପରଖିଲା ଭଳି ଆମେ ଯଦି କେତୋଟି ଜିଲ୍ଲାକୁ ଆଖି ବୁଲେଇଦେବା ତେବେ ଶ୍ରମିକ ମାନଙ୍କ ପ୍ରକୃତ ଅବସ୍ଥା ହୃଦୟଙ୍ଗମ କରି ପାରିବା । ଗତ କିଛି ମାସ ତଳେ ସମ୍ବଲପୁର ସହରରେ ଜଣେ ବଙ୍ଗାଳି ଶ୍ରମିକଙ୍କ ହତ୍ୟା ପରେ ସମସ୍ତ ବଙ୍ଗାଳି ଶ୍ରମିକ ଜିଲ୍ଲା ଛାଡି ପଳାୟନ କରିବାଦ୍ୱାରା ଜିଲାରେ ଗୃହ ଆଦି ନିର୍ମାଣ କାର୍ଯ୍ୟରେରେ ଅଚଳାବସ୍ଥା ହୋଇଗଲା, କାରଣ ସ୍ଥାନୀୟ ଶ୍ରମିକ କେହି ମିଳିଲେ ନାହିଁ । ଅଥଚ ଜିଲାରେ ରାଜ୍ୟ ଶ୍ରମ ବିଭାଗ ଦ୍ୱାରା ୪୭୪୭୭ ଜଣ ନିର୍ମାଣ ଶ୍ରମିକ ପଂଜିକୃତ ହୋଇଛନ୍ତି, ତାହେଲେ ସେମାନେ ଗଲେ କୁଆଡେ ? ସମ୍ବଲପୁର ଜିଲ୍ଲାରେ ୨୦୨୪-୨୬ ମସିହାରେ ଶ୍ରମ ବିଭାଗର ୩୧ ଜଣ ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ମାଧ୍ୟମରେ ୯୮୧ ଜଣ ଶ୍ରମିକ ବାହାର ରାଜ୍ୟକୁ ଚାଲାଣ ହୋଇଛନ୍ତି । କେବଳ ପଶ୍ଚିମ ଓଡ଼ିଶାର ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଆନ୍ତି ବୋଲି ସମସ୍ତେ କୁହନ୍ତି କିନ୍ତୁ ଏବେ ପ୍ରାୟ ସବୁ ଜିଲ୍ଲା ଏହି ଦାଦନ ଏକ୍ସପ୍ରେସ ଲୋଭରେ ପଡି ଯାଇଛି । ଖଣିଜ ଓ ପ୍ରାକୃତିକ ସମ୍ପଦର ଭାତହାଣ୍ଡି କେଉଁଝର ଜିଲ୍ଲାରେ ଦାଦନର ଚିତ୍ର ଭାରି ଭୟଙ୍କର । ୨୦୨୩ ମସିହାରୁ ଖୋଲାଖୋଲି ଭାବରେ ଜିଲ୍ଲାର ହରିଚନ୍ଦନପୁରରୁ ଓ କନ୍ଧମାଳ ଜିଲ୍ଲାର ରାଇକିଆରୁ କେରଳର ଏର୍ଣ୍ଣାକୁଲମକୁ ପ୍ରତ୍ୟେକ ସପ୍ତାହର ଶୁକ୍ରବାର ଦିନ ଶ୍ରମିକ ପରିବହନ ନିମନ୍ତେ ଏକ ବସ ଯାତ୍ରା କରୁଛି ଯାହାକୁ ଲୋକେ ଦାଦନ ଏକ୍ସପ୍ରେସ ବୋଲି ନାମକରଣ କରିଛନ୍ତି ଯାହାକି ପର୍ବପର୍ବାଣି ସମୟରେ ସପ୍ତାହକୁ ଦୁଇଦିନ ମଧ୍ୟ ଯାତ୍ରା କରୁଛି । ଏହି ବସରେ ଜିଲ୍ଲାର ଘଟଗାଁ, ବାଂଶପାଳ ଓ ହରିଚନ୍ଦନପୁର ଅଂଚଳର ଶ୍ରମିକ ମାନେ ୩୦୦୦ ଟଙ୍କା ଭଡା ଦେଇ ଦାଦନ ଖଟିବାକୁ କେରଳ ଯାଉଛନ୍ତି । ସେହିପରି ଶିଳ୍ପ ସମୃଦ୍ଧ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ପାଇକସାହି ପଂଚାୟତର ପ୍ରାୟ ଆଠୋଟି ଗ୍ରାମର ପ୍ରତ୍ୟେକ ଘରୁ ଜଣେ କିମ୍ବା ଦୁଇଜଣ ପେଟ ପୋଷିବା ପାଇଁ ଗୁଜୁରାଟ ଓ ଆନ୍ଧ୍ର ପ୍ରଦେଶରେ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି । ମାଲକାନଗିରି ଜିଲ୍ଲା ଖଇରାପୁଟ ବ୍ଲକ ମୁଦୁଲିପଡ଼ା ଓ ଅନ୍ଦ୍ରାହାଲ ପଂଚାୟତର ପ୍ରାୟ ୩୨ ଗ୍ରାମରେ ବାସ କରୁଥିବା ବଣ୍ଡା ସମ୍ପ୍ରଦାୟର ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ଼ ଭଳି ରାଜ୍ୟରେ ଦାଦନ ଖଟୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୫୦ ଜଣ ନିଖୋଜ ଅଛନ୍ତି । ବଲାଙ୍ଗୀର ଜିଲ୍ଲାର ସର୍ଗିଗୁଡା ଅଂଚଳ ଯେଉଁଠି ପ୍ରଥମେ ମନରେଗା ଯୋଜନାର ରୂପରେଖ ପ୍ରସ୍ତୁତ ହୋଇଥିଲା ବୋଲି କୁହାଯାଏ ସେହି ଅଂଚଳରେ ମାତ୍ର ୨୦୦ ବୃଦ୍ଧ ବୃଦ୍ଧା ଘର ଜଗିଛନ୍ତି ବାକି ୬୦୦ ଜଣ ଯୁବକ ପରିବାର ସହିତ, କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକର ମାନଝରି ଗ୍ରାମ ରେ ପ୍ରତ୍ୟେକ ଘରେ କେବଳ ରାସନ କାର୍ଡକୁ ବଞ୍ଚାଇବା ପାଇଁ କେବଳ ଜଣେ ଲେଖାଏଁ ପରିବାରର ସଦସ୍ୟ ଜଗି ବସିଛନ୍ତି ବାକି ୧୦୦୦ ଜଣ ପେଟ ପୋଷିବା ପାଇଁ ଏବେ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଛନ୍ତି । ଗଂଜାମ ଜିଲ୍ଲା ଜିଲ୍ଲାରେ ୨୦୨୫ ମସିହାରେ ୮୫ ଜଣ ଠିକାଦାରଙ୍କ ମାଧ୍ୟମରେ ୩୮୦୮ ଜଣ ଶ୍ରମିକ ବାହାରକୁ ଚାଲାଣ ହୋଇଥିବା ବେଳେ ଖୋଲିଖୋଟ ବ୍ଲକ୍ର ମାଣିକ୍ୟପୁର ଗ୍ରାମର ପ୍ରାୟ ୫୦୦ ରୁ ଅଧିକ ଶ୍ରମିକଙ୍କ ସମେତ, ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ ଅନ୍ତର୍ଗତ ଚିତାପେଢ଼ି ପଂଚାୟତର ପାନିଆସଲି ଗ୍ରାମର ୭୦% ଭାଗ ଲୋକ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି ଓ ଜିଲ୍ଲାର ସର୍ବାଧିକ ଶ୍ରମିକ ଗୋଆରେ ମାଛଧରା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ନିକଟରେ ଗୋତି ଶ୍ରମିକ ଉଚ୍ଛେଦ ଆଇନର ୫୦ ବର୍ଷ ପୂର୍ତ୍ତି ହୋଇଯାଇଛି, କିନ୍ତୁ ଦୁଃଖର ବିଷୟ ୨୦୧୬-୧୭ ରୁ ୨୦୨୩-୨୪ ମଧ୍ୟରେ ରାଜ୍ୟରେ ମାତ୍ର ୨୪୧୧ ଜଣ ଗୋତି ଶ୍ରମିକ ଚିହ୍ନଟ ହୋଇ ଉଦ୍ଧାର ହୋଇ ପାରିଛନ୍ତି ।

ଓଡ଼ିଶାରେ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଦ୍ୱାରା ପରିଚାଳିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୨୦୧୩- ୧୪ ମସିହାରୁ ୨୦୨୫-୨୬ ମଧ୍ୟରେ ପ୍ରାୟ ୪୫ ଲକ୍ଷରୁ ଅଧିକ ନିର୍ମାଣ ଶ୍ରମିକ ପଂଜିକୃତ ହୋଇ ସେମାନଙ୍କ ମଧ୍ୟରୁ ୨୫ ହଜାରରୁ ଅଧିକ ଶ୍ରମିକଙ୍କୁ ୨୬୦୦ କୋଟିରୁ ଅଧିକ ଟଙ୍କା ବିଭିନ୍ନ ଯୋଜନା ମାଧ୍ୟମରେ ବଣ୍ଟନ କରାଯାଇଛି । ଏହି ଯୋଜନାଟି ପ୍ରଣୟନ ହେବା ପରଠାରୁ ଶ୍ରମ ବିଭାଗ ଏକ ପ୍ରକାର ବିତ୍ତଶାଳି ବିଭାଗ ହୋଇଯାଇଛି ଏବଂ କେବଳ ଏହି କାର୍ଯ୍ୟରେ ଅଧିକାରୀ ଓ କର୍ମଚାରୀ ମାନେ ବିଶେଷ ଆଗ୍ରହ ଦେଖାଉଛନ୍ତି । ହେଲେ ଯଦି ରାଜ୍ୟରେ ୪୫ ଲକ୍ଷରୁ ଅଧିକ ଅର୍ଥାତ ରାଜ୍ୟ ର ଲୋକ ସଂଖ୍ୟାର ଏକ ଦଶମାଂଶ ସଂଖ୍ୟକ ନିର୍ମାଣ ଶ୍ରମିକ ଅଛନ୍ତି ଓ ଶ୍ରମ ବିଭାଗ ଦ୍ୱାରା ପଂଜିକୃତ ହୋଇଛନ୍ତି ଯାହାଙ୍କ ପାଇଁ ୨୬୦୦ କୋଟିରୁ ଅଧିକ ବିଭିନ୍ନ ଯୋଜନା ବାବଦରେ ଖର୍ଚ୍ଚ ହୋଇ ସାରିଛି ତାହେଲେ ସେମାନ ଗଲେ କୁଆଡେ ଯେ ବାହାର ରାଜ୍ୟର ଶ୍ରମିକ ଆମ ରାଜ୍ୟରେ ପ୍ରତ୍ୟେକ ଗ୍ରାମରେ ସହରରେ ଓ ଗଳିକନ୍ଦିରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ଓ ସେମାନେ ପର୍ବ ପର୍ବାଣିରେ ନିଜ ରାଜ୍ୟକୁ ଛୁଟିରେ ଚାଲିଗଲେ ଆମ ରାଜ୍ୟ ନିର୍ମାଣ ଶୂନ୍ୟ ହୋଇ ଯାଉଛି । ପୁନଶ୍ଚ, ଯଦି ରାଜ୍ୟରେ ଏତେ ସଂଖ୍ୟକ ଶ୍ରମିକ ପଂଜୀକୃତ ହୋଇ ନିୟୋଜିତ ତେବେ ଦାଦନ ଶ୍ରମିକ କେଉଁମାନେ ଯାଉଛନ୍ତି ଓ ଶ୍ରମ ବିଭାଗ କାହିଁକି ରୋକ ଲଗାଇ ପାରୁ ନାହିଁ ?

ଭାରତ ଭଳି ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ମାନଙ୍କ ପାଇଁ ବାହାର ରାଜ୍ୟ କିମ୍ବା ବିଦେଶକୁ ଆୟ ନିମନ୍ତେ ଗମନ କରିବା ଲାଗି କୌଣସି ପ୍ରତିବନ୍ଧକ ନାହିଁ । କିନ୍ତୁ ସେମାନେ ସ୍ୱଇଚ୍ଛାରେ ଯାଉଛନ୍ତି କି ବାଧ୍ୟବାଧକତାରେ ଯାଉଛନ୍ତି ସେକଥା ବିଚାର କରିବା କଥା । ପୁନଶ୍ଚ, ପ୍ରବାସୀ ଶ୍ରମିକ ମାନଙ୍କ ନିମନ୍ତେ ଦେଶରେ ଆଇନ ରହିଛି ଓ ସେହି ଆଇନର ଧାରା ଅନୁସାରେ ସେମାନେ ବାହାରକୁ ଯିବା କଥା । ଶ୍ରମିକ ମାନଙ୍କ ଏପ୍ରକାର ଗମନାଗମନ କୁ ସୁରକ୍ଷିତ କରିବା ପାଇଁ ଶ୍ରମ ବିଭାଗ ରହିଛି । ଶ୍ରମ ବିଭାଗ ଯଦି ନିଜର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିବ ଓ ସ୍ୱୟଂ ଶ୍ରମିକମାନେ ଯଦି ଏଦିଗରେ ସଚେତନ ହେବେ ତେବେ ଦାଦନ ଏକ୍ସପ୍ରେସ ଲୋଭରେ କେବେହେଲେ ଶ୍ରମିକ ମାନେ ପଡିବେ ନାହିଁ ।

କଚେରୀ ସାହି ଦେବଗଡ଼
୭୬୮୧୦୮
ମୋ:୯୪୩୭୨୧୮୯୧୭

# ବିସ୍ମୟ ସୌରମଣ୍ଡଳର ଜାଗତିକ ଦୃଶ୍ୟ




ଡଃ. ଅମୂଲ୍ୟ କୁମାର ପଣ୍ଡା

ସୂର୍ଯ୍ୟ ଏବଂ ଏହା ଅନ୍ତର୍ଗତ ୯ଟି ଗ୍ରହ, ନକ୍ଷତ୍ର, ଗ୍ରହାଣୁପୁଞ୍ଜ ଇତ୍ୟାଦିଙ୍କୁ ନେଇ ସୌରଜଗତ ଗଠିତ । ୯ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ଓ ପ୍ଲୁଟୋ ସୂର୍ଯ୍ୟକୁ ଅଣ୍ଡାକାର ପଥରେ ପରିକ୍ରମା କରନ୍ତି । ଆଗରୁ ଗ୍ରହ କୁହାଯାଉଥିବା ପ୍ଲୁଟୋକୁ ଏବେ ଗ୍ରହ ମାନ୍ୟତାରୁ ବାହାର କରି ବାମନ ଗ୍ରହ କୁହାଯାଉଛି । ସୂର୍ଯ୍ୟଙ୍କ ନିକଟତମ ୪ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ମୁଖ୍ୟତଃ କଠିନ ହୋଇଥିବା ସ୍ଥଳେ ଦୂରବର୍ତ୍ତୀ ୫ଟି ଗ୍ରହ ଯଥା ବୃହସ୍ପତି, ଶନି ଗାସୀୟ ପିଣ୍ଡ ଏବଂ ୟୁରେନସ୍, ନେପଚୁନ୍ ଓ ପ୍ଲୁଟୋ ବରଫ ଗ୍ରହ ଭାବରେ ପରିଚିତ । ମାନବ ଇତିହାସର ଅଧିକାଂଶ ସମୟ ପୃଥିବୀକୁ ବ୍ରହ୍ମାଣ୍ଡର କେନ୍ଦ୍ର ଭାବେ ବିବେଚିତ କରାଯାଇଛି । ପୁରାତନ ସମୟରେ ସାଧାରଣ ମଣିଷ ମାନେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନଙ୍କୁ ପୃଥିବୀ ଚାରିପାଖେ ଘୂରୁଥିବାର ଦେଖି ଏପରି ଅନୁମାନ କରିବା କିଛି ବିଚିତ୍ର ନଥିଲା । ମଧ୍ୟଯୁଗରେ ପ୍ରମାଣିତ ହେଲା ଯେ ପୃଥିବୀ ବ୍ରହ୍ମାଣ୍ଡର କେନ୍ଦ୍ରରେ ନାହିଁ । ଏହା ଅନ୍ୟ ୮ଟି ଗ୍ରହ ସେତେବେଳେ ପ୍ଲୁଟୋ ଏକ ଗ୍ରହ ଧରାଯାଉଥିଲା ପରି ସୂର୍ଯ୍ୟଙ୍କୁ ପରିକ୍ରମା କରୁଛି । ଏଥିପାଇଁ ନିକୋଲାସ୍ କୋପରନିକସ୍, ଗାଲିଲିଓ ଗାଲେଲି, ଯୋହାନସ୍ କେପ୍ଲର୍, ଆଇଜାକ୍ ନ୍ୟୁଟନ୍ ଆଦି ବୈଜ୍ଞାନିକମାନଙ୍କ ଅବଦାନ ସ୍ମରଣୀୟ । ସୌରମଣ୍ଡଳକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଯଥା - ଆଭ୍ୟନ୍ତରୀଣ ସୌର ମଣ୍ଡଳ ଓ ବାହ୍ୟ ସୌର ମଣ୍ଡଳ । ଆଭ୍ୟନ୍ତରୀଣ ସୌର ମଣ୍ଡଳର ଗ୍ରହ ଗୁଡ଼ିକ ସାଧାରଣତଃ କଠିନ, ଅଧିକାଂଶ ଧାତବ ଓ ବାୟୁମଣ୍ଡଳ ଧାରଣ କରନ୍ତି । ବାୟୁମଣ୍ଡଳର ଉପସ୍ଥିତି ଯୋଗୁ ପାଣିପାଗ ସୃଷ୍ଟି ହେବା ସ୍ୱାଭାବିକ । କଠିନ ଭୂତ୍ୱକ୍ ଯୋଗୁ ଭୂତ୍ୱକ୍ ଚଳନ ଓ ଆଗ୍ନେୟ ଉଦ୍ଗୀରଣ ଏହି ଗ୍ରହମାନଙ୍କରେ ଦେଖାଯାଏ । ଆଭ୍ୟନ୍ତରୀଣ ଗ୍ରହମାନଙ୍କର ବଳୟ ନାହିଁ । ସୌର ମଣ୍ଡଳର ସମସ୍ତ ଗ୍ରହ ବିଷୟରେ ଜାଣିବାକୁ ହେଲେ, ପ୍ରଥମ ବୁଧ ସୂର୍ଯ୍ୟଙ୍କ ନିକଟତମ ଓ ସୌରମଣ୍ଡଳର କ୍ଷୁଦ୍ରତମ ଗ୍ରହ ଅଟେ ଯାହାକୁ ପ୍ରଥମ ବୁଝିବାକୁ ହେବ । ବୁଧର କୌଣସି ପ୍ରାକୃତିକ ଉପଗ୍ରହ ନାହିଁ । ଏହାର ବାୟୁମଣ୍ଡଳ ଅତି ପତଳା । ବୁଧର ବସ୍ତୁତ୍ୱ ପୃଥିବୀର ୦.୦୫୫ ଭାଗ । ଏହା ସୂର୍ଯ୍ୟ ପାଖରୁ ଦ୍ୱିତୀୟ ଗ୍ରହ । ଏହାପରେ ଶୁକ୍ରର ବସ୍ତୁତ୍ୱ ପୃଥିବୀର ୦.୮୧୫ ଭାଗ ଓ ବାୟୁମଣ୍ଡଳ ପୃଥିବୀର ୯୦ଗୁଣା ଅଟେ । ଏହାର କୌଣସି ପ୍ରାକୃତିକ ଉପଗ୍ରହ ନାହିଁ । ଶୁକ୍ର ସୌରମଣ୍ଡଳର ସବୁଠାରୁ ଉତ୍ତପ୍ତ ଗ୍ରହ, ଯାହାର ପୃଷ୍ଠ ତାପମାତ୍ରା ପ୍ରାୟ ୪୦୦ଡ଼ି ସେଲସିୟସ୍ ଅଟେ । ଶୁକ୍ରର ଆଗ୍ନେୟ ଉଦ୍ଗୀରଣରୁ ବାହାରୁଥିବା ସବୁଜ କୋଠରୀ ଗ୍ୟାସମାନଙ୍କ ଯୋଗୁ ଶୁକ୍ରର ଏପରି ସ୍ଥିତି ହୋଇଥିବା ଜଣାଯାଏ । କିଛି ବୈଜ୍ଞାନିକ ଶୁକ୍ରର ସ୍ଥିତି ଦେଖି ପୃଥିବୀର ସବୁଜ କୋଠରୀ ଗ୍ୟାସକୁ ନିୟନ୍ତ୍ରଣରେ ରଖିବା ସପକ୍ଷରେ ମତ ଦିଅନ୍ତି । ଏହାପରେ ଆମ ପୃଥିବୀ ଯାହା ସବୁଠାରୁ ବଡ଼ ଏବଂ ସାନ୍ଦ୍ର କଠିନ ଗ୍ରହ ଅଟେ । ଆଜି ପର୍ଯ୍ୟନ୍ତ ଜଣା ଯାଇଥିବା ତଥ୍ୟ ଅନୁସାରେ କେବଳ ପୃଥିବୀରେ ଜୀବନର ଉପସ୍ଥିତି ଅଛି । ଏହାର ଜଳମଣ୍ଡଳ ସୌରଜଗତରେ ଅନନ୍ୟ ଏବଂ ଜୀବନ ଧାରଣର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ବିବେଚନା କରାଯାଏ । ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ, ଚନ୍ଦ୍ର ଓ ସହସ୍ରାଧିକ କୃତ୍ରିମ ଉପଗ୍ରହ ଅଛି । ଗ୍ରହ ଓ ଉପଗ୍ରହ ବସ୍ତୁତ୍ୱ ତୁଳନା କଲେ ଚନ୍ଦ୍ର ସୌରଜଗତରେ ବୃହତ୍ତମ ବୋଲି ଜଣାଯାଏ । ମଙ୍ଗଳ ଅନ୍ୟ ସୌରଜଗତର ଗ୍ରହମାନଙ୍କ ଅପେକ୍ଷା ଅନେକାଂଶ ପୃଥିବୀ ପରି, ଯଦିଓ ଏହାର ବସ୍ତୁତ୍ୱ ପୃଥିବୀର ୦.୧୦୭ ଭାଗ ଓ ଏହାର ବାୟୁମଣ୍ଡଳ ପୃଥିବୀର ୦.୬% ଅଟେ । ମଙ୍ଗଳ ପୃଷ୍ଠରେ ଥିବା ଲୌହ ଅକ୍ସାଇଡ୍ ଯୋଗୁ ଏହା ଲାଲ୍ ଦେଖାଯାଏ । ମଙ୍ଗଳର ଦୁଇଟି ଛୋଟ ପ୍ରାକୃତିକ ଉପଗ୍ରହ ଅଛି ।

ସୂର୍ଯ୍ୟଠାରୁ ଦୂରରେ ଥିବା ୪ଟି ଗ୍ରହ ବୃହସ୍ପତି ଛାଡିଲେ ବାକି ତିନୋଟି ଗ୍ରହ ଶନି, ୟୁରେନସ୍ ଓ ନେପଚୁନ୍କୁ ଦାନବ ଗ୍ରହ କୁହାଯାଏ । ବୃହସ୍ପତି ଓ ଶନି ମୁଖ୍ୟତଃ ଗ୍ୟାସୀୟ ହୋଇଥିବା ବେଳେ ୟୁରେନସ୍ ଓ ନେପଚୁନ୍ ଅତି ମାତ୍ରାରେ ଥଣ୍ଡା ଓ ବରଫାବୃତ ଅଟନ୍ତି । ଏ ସମସ୍ତ ଗ୍ରହର ବଳୟ ଅଛି କିନ୍ତୁ ଯଦିଓ ଶନିର ବଳୟ ସୁଦୃଶ୍ୟ ଅଟେ । ସୂର୍ଯଙ୍କୁ ପରିକ୍ରମା କରୁଥିବା ସମସ୍ତ ବସ୍ତୁତ୍ୱର ୯୯% ଏହି ଚାରିଟି ଗ୍ରହ ଧାରଣ କରନ୍ତି । ଏହି ଗ୍ୟାସୀୟ ପିଣ୍ଡଟି ମୁଖ୍ୟତଃ ଉଦଜାନ ଓ ହିଲିୟମରେ ଗଠିତ । ଏହା ସୌରଜଗତର ସବୁଠାରୁ ବଡ଼ ଗ୍ରହ ଯାହା ପୃଥିବୀର ୩୧୮ଗୁଣା ଅଟେ । ବୃହସ୍ପତିର ୬୭ଟି ଜଣାଥିବା ପ୍ରାକୃତିକ ଉପଗ୍ରହ ଅଛି । ଗ୍ରହ ପୃଷ୍ଠରେ ଅନେକ ଝଡ଼ ଚାଲୁଥିବାର ଦେଖିବାକୁ ମିଳେ । ବୃହସ୍ପତିର ବିଶାଳ ଲୋହିତ ଝଡ଼ ପୃଥିବୀ ଆକାରର ପ୍ରାୟ ୩ ଗୁଣା ବଡ଼ ଅଟେ । ଶନି ନିଜର ବୃହତ ବଳୟ ଯୋଗୁ ପରିଚିତ । ଶନିର ୮୨ଟି ବରଫାବୃତ ପ୍ରାକୃତିକ ଉପଗ୍ରହ ଥିବାର ଜଣାଯାଏ । ତା' ଛଡ଼ା ଶନି ବଳୟ ଗଠନ କରୁଥିବା ବରଫ ଓ ପଥର ଖଣ୍ଡଗୁଡ଼ିକୁ ଶନିର ଅତି କ୍ଷୁଦ୍ର ଉପଗ୍ରହ ବୋଲି କୁହାଯାଇପାରେ । ଏହାପରେ ୟୁରାନସ୍ ଯାହା ବାହ୍ୟ ଗ୍ରହମାନଙ୍କ ମଧ୍ୟରେ ସବୁଠୁ ଛୋଟ ଓ ଏହାର ବସ୍ତୁତ୍ୱ ପୃଥିବୀର ୧୪ ଗୁଣା ଅଟେ । ଗ୍ରହ ପୃଷ୍ଠତଳ ମୁଖ୍ୟତଃ ବରଫାବୃତ । ୟୁରେନସର ୨୭ଟି ଜଣାଥିବା ଉପଗ୍ରହ ଅଛି । ଏହାପରେ ନେପଚୁନ ଯାହା ପୃଥିବୀ ବସ୍ତୁତ୍ୱର ୧୭ ଗୁଣା ଅଟେ । ନେପଚୁନର ୧୪ଟି ଜଣାଥିବା ଉପଗ୍ରହ ଅଛି । ଏହାପରେ ସୌରଜଗତରେ ଆଉ ଏକ ଉପାଦାନ ଅଛି ଯାହାକୁ ଧୂମକେତୁ କୁହଯାଏ । ସୌରଜଗତର ଏହି ସଦଶ୍ୟମାନେ ଛୋଟ ଓ ବରଫାବୃତ ଅଟନ୍ତି । ଏମାନଙ୍କ ପରିକ୍ରମଣ ପଥ ବେଶୀ ଚେପଟା ଯେମିତି ସର୍ବାଧିକ ଦୂରତା ପ୍ଲୁଟୋ ବାହାରେ ଓ ସର୍ବନିମ୍ନ ଦୂରତା ଆଭ୍ୟନ୍ତରୀଣ ସୌରମଣ୍ଡଳରେ ଥାଏ । ଆଭ୍ୟନ୍ତରୀଣ ସୌରମଣ୍ଡଳରେ ପ୍ରବେଶ କଲେ ସୌର ଉତ୍ତାପ ଯୋଗୁ ଘନୀଭୂତ ବରଫ ବାଷ୍ପରେ ପରିଣତ ହୋଇ ସୁଦୃଶ୍ୟ ଲାଞ୍ଜ ତିଆରି କରେ । ସେଥିପାଇଁ ଏମାନଙ୍କୁ ଲଞ୍ଜାତାରା କୁହାଯାଏ । ଏହିପରି ଭାବେ ଅନ୍ତରୀକ୍ଷ ତଥା ଆକାଶଗଙ୍ଗା ରେ ସୌର ମଣ୍ଡଳ ଜାଗତିକ ଦୃଶ୍ୟ ହୋଇଥାଏ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦



## ମମତାମୟୀ ମୋ ମାଆ

ଜେନା ପ୍ରଦୀପ

ଦୁଃଖ ମୋର ଦେଖି ଫାଟିଯାଏ ଛାତି
ପାଟିରୁ ବାହାରେ ଆହା
ସେନେହମୟୀ ସେ କରୁଣାମୟୀ ସେ
ମମତାମୟୀ ମୋ ମାଆ ।
ନିଘା ରଖିଥାଏ ମୋ ଉପରେ ସିଏ
କରେନା ଅନ୍ତର ଲବେ
ଦିଅଁଙ୍କ ପାଖରେ ମନାସେ ମୋ ଲାଗି
ନ ଆସୁ ବିପତ୍ତି କେବେ
ତା ମିଠା କଥାରେ ପୂରିଯାଏ ପେଟ
ପାଏ ବଞ୍ଚିବାର ରାହା ।

ମାଆ ହାତବଢ଼ା ପଖାଳ କଂସାରେ
ଥାଏ ମାହାର୍ଦ୍ଧର ବାସ
କେତେ ତୃପ୍ତି ମିଳେ ପେଟେ ଖାଇଦେଲେ
ମରିଯାଏ ଭୋକ ଶୋଷ
ତା ' କାନିପଣତ ଶ୍ରୀମନ୍ଦିର ନେତ
ଡାକେ ମୋ ପାଖକୁ ଆ ।
ଅବାଟରେ ଗଲେ କରଇ ଆକଟ
ଦେଇଥାଏ କେତେ ଗାଳି
ମାଆର ଶରଧା ସରାଗକୁ ଭଲା
କିଏ ସେ ପାରିବ କଳି
ବୁଝିଛି ମୁଁ ତାକୁ ଗୋଟିଏ ଶବ୍ଦରେ
ଅମୃତ ଯାହାର ନାଆଁ । ଝଝଝ

+ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର
(ସିଡିଏ) କଟକ,
ମୋ: ୯୯୩୮୫୨୦୩୭୧

## ଦଳ ଡିଆଁ ରୋଗ ଧରିଛି

ଶ୍ରୀକାନ୍ତ କୁମାର ମହାଲିକ

ଦଳ ଡିଆଁ ରୋଗ ଧରିଛି
ଗୋଟିଏ ଦଳରୁ ନିର୍ବାଚନ ଜିଣି
ଆନ ଦଳେ ନେତା ଡେଉଁଛି ।

ରାଜନୀତି ସେ ତ କରୁଛି
ନୀତି ବୋଲି କିଛି ନାହିଁ ତା' ପାଖରେ
ଅନୀତିକୁ ମନ୍ତ୍ର କରିଛି ।

ବାହାନାଟି ବଡ଼ କରୁଛି
ଦଳରେ କୁଆଡ଼େ ମିଳୁନି ସମ୍ମାନ
ତେଣୁ ସେ ଦଳକୁ ଛାଡୁଛି ।

ସତ ମିଛ ସେତ କହୁଛି
ବରଷା ଯୁଆଡ଼େ ଛତାକୁ ସିଆଡ଼େ
ଦେକେଇବା ନୀତି ଧରିଛି ।
ସ୍ୱାର୍ଥର ମୋହରେ ପଡ଼ିଛି
ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇ
ନିଜକୁ ବିକ୍ରି ସେ କରୁଛି ।

ଛାତିକୁ ବାଡ଼େଇ କହୁଛି
ଜନତାର ସେବା କରିବା ପାଇଁ ମୁଁ
ଜୀବନରେ ପଣ କରିଛି ।

ନିଜ ସେବାରେ ସେ ମାତିଛି
ଦେଶ ଧନ ଲୁଟି ଘର ଭରିବାକୁ
ଦିନ ରାତି ସ୍ୱପ୍ନ ଦେଖୁଛି ।

ଏସବୁ ଜନତା ଦେଖୁଛି ।
ଠିକ୍ ବେଳରେ ପାନେ ଦେବା ପାଇଁ
ସଜବାଜ ହେଇ ବସିଛି ।

+ଚରଦିଆ, ମତୋ, ଭଦ୍ରକ
ମୋ: ୮୬୫୮୪୩୯୭୦୨

## ରାଜା ଓ ବଂଶୀବାଦକ

### ନଗେନ୍ଦ୍ର ନାଥ ପଟ୍ଟନାୟକ

ଢେ଼ଉଢେ଼ଉକା ପାହାଡ଼ମାଳା ମଝାମଝି ଗୋଟାଏ ମଫସଲି ଗାଆଁ । ସେ ଗାଁର ଲୋକମାନେ ଖୁବ୍ ଖୁସୀ ଆନନ୍ଦରେ ଜୀବନଯାପନ କରୁଥିଲେ । ପାଖ ବଜାରରେ ମହମହ ମିଠେଇ ବାସ୍ନା ଓ ସାହିଗଳିରେ ପିଲାଙ୍କ ହସରୋଳରେ ଗାଁଟି ମୁଖର ହୋଇ ଉଠୁଥିଲା । ହେଲେ ଦିନେ ହଜାର ହଜାର ସଂଖ୍ୟାରେ ସୋରିଷିଆ ମୂଷାପଲ ସେ ଗାଁକୁ ସୁଅଭଳି ଛୁଟିବାକୁ ଲାଗିଲେ । ସେମାନେ କୋଉ ଛଟକରେ ସମସ୍ତଙ୍କ ଘରେ ଧସେଇ ପଶି ବହୁତ କ୍ଷତି ପହଞ୍ଚାନ୍ତି । ଲୁଗାପଟା ଜାମା ପ୍ୟାଣ୍ଟ ଶାଢି ହେରିକା କପଡା ସବୁ କୁଟୁରୁ କୁଟୁରୁ କରି କାଟି ପକାନ୍ତି । ଲୋକମାନଙ୍କୁ ବହୁତ ହଇରାଣ ହରକତ କରନ୍ତି । ଏଥିରେ ଚାଷୀ ଓ ଦୋକାନୀ ଦୁଃଖରେ ଭାଙ୍ଗିପଡିଲେ । ପୁଣି



ପିଲାମାନେ ଡ଼ରିମରି ଛାନିଆ ।

ସେତିକିବେଳେ ରାଜା ଢେ଼ଙ୍ଗୁରା ପିଟାଇ ଘୋଷଣା କଲେ: ଯେଉଁ ଲୋକ ମୂଷାପଲଙ୍କ ଦାଉରୁ ଗାଁଟିକୁ ଉଦ୍ଧାର କରିବ ତାକୁ ସୁନାମୁଦ୍ରା ପ୍ରଦାନ କରାଯିବ । ଅନେକ ଲୋକ ଚେଷ୍ଟାକଲେ ସତ; ହେଲେ ହାରିଗଲେ । ତା' ପରେ ଦିନେ ଜଣେ ଯାତ୍ରୀ ସେଇ ଗାଁ ବାଟ ଭିତରକୁ ଆସିଲେ । ତାଙ୍କ ହାତରେ ଗୋଟିଏ ଝଲ୍‌ମଲ୍ ବଇଁଶୀ । ସେ କହିଲେ: ମୁଁ ମୂଷା ପଲଙ୍କୁ ଏ ଗାଁରୁ ତଡିଦେଇ ପାରିବି । ଲୋକମାନେ ତା' କଥାକୁ ଥଟ୍ଟାମଜାରେ ଉଡେଇଦେଲେ । କିନ୍ତୁ ସେଇ ଲୋକଟିକୁ ରାଜା ମଉକା ଦେଲେ ।

ପରଦିନ ସକାଳୁ ସେଇ ଯାତ୍ରୀଜଣକ ବଇଁଶୀ ବଜେଇବା ଆରମ୍ଭ କରିଦେଲେ । ବଇଁଶର ମଧୁର ଧ୍ୱନି କାନରେ ବାଜିଲାକ୍ଷଣି ମୂଷାମାନେ ପଲପଲ ହୋଇ ଗାତରୁ ପଦାକୁ ବାହାରି ଆସିଲେ । ଆଉ ଆଖିପିଛୁଳାକେ ତାଙ୍କ ପିଛାକରି ଘଞ୍ଚ ଜଙ୍ଗଲ ଆଡେ ମୁହାଁଇଲେ । ସେବେଠାରୁ ସେମାନେ କେବେ ବି ସେ ଗାଁକୁ ଫେରି ନଥିଲେ । ଗାଁବାଲାଏ ବେଶ୍ ଖୁସୀ ଆନନ୍ଦରେ କାଳ କାଟିଲେ । ରାଜା କିନ୍ତୁ ଯାତ୍ରୀଜଣଙ୍କୁ ପୁରସ୍କାର ଦେବାକୁ ରୋକ୍‌ଠୋକ୍ ମନା କରିଦେଲେ। ଅସୁଖୀ ହୋଇ ଯାତ୍ରୀଜଣକ ପୁଣି ବଂଶୀ ବଜେଇଲେ । ଏଥର ମୂଷିକ ପଲ ବଂଶୀସ୍ୱନରେ ମସଗୁଲ ହୋଇ ତାଙ୍କ ପଛେପଛେ ଚାଲିବାକୁ ଲାଗିଲେ । ଏମିତି ଅଦ୍ଭୁତ ଦୃଶ୍ୟ ଦେଖି ରାଜା ତାଜୁବ । ହଡ଼ବଡ଼େଇ ଗଲେ ରାଜା । ତତ୍‌କ୍ଷଣାତ ସେ ଯାତ୍ରୀଙ୍କୁ କ୍ଷମାମାଗି ତାଙ୍କ ହାତକୁ ପୁରସ୍କାର ସ୍ୱରୂପ ସୁନାମୁଦ୍ରା ଟେକି ଦେଇଥିଲେ ।

ଶିକ୍ଷା:ପ୍ରତିଶ୍ରୁତି ପାଳନ କରିବା ଉଚିତ । କାରଣ, ସଚ୍ଚୋଟତା ସବୁଠାରୁ ବଡ଼ଧନ ।


+ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


## ମାଆ ମୋର ଲକ୍ଷ୍ମୀ

### ଡ. ଅରୁଣ କୁମାର ପଣ୍ଡା

ଟିଫିନ୍ ସଜାଇ ପୋଷାକ ପିନ୍ଧାଇ
ବସାଇ ସ୍କୁଲ -ଗାଡିରେ
ମାଆ କହେ 'ଧନ ! ଭଲ ପିଲା ହୁଅ
ମନ ଦେ' ପଢାପଢିରେ ।

ଭାଗବତ ଘରେ ସଞ୍ଜ ଦୀପ ଜାଳି
ପରିବାର ଶୁଭ ଚିନ୍ତଇ
ପୂଜା ସରିଗଲେ ହୋମୱର୍କ ସବୁ
ପାଖେ ବସି ଦିଏ ବତାଇ ।

କିଣି ଆଣି ଦିଏ ବହି ଓ ପତ୍ରିକା
ଭଳି ଭଳି କେତେ ଖେଳନା
ସ୍ନେହ କରୁଣାର ଗଙ୍ଗା ଧାର ସେ ତ
କାହା ପ୍ରତି ନାହିଁ ଛଳନା ।

ରୋଗରେ ପଡ଼ିଲେ ଡେରି ନକରି କି
ଡ଼ାକ୍ତରଙ୍କୁ ନେଇ ଦେଖାଏ
କୋଳରେ ବସାଇ ଓଉଷଧ ଦେଇ
ଉପଶମ କଥା ଶିଖାଏ ।

ଦୁଷ୍ଟାମୀ କରିଲେ ପୁଅ ଝିଅ କେବେ
କରିଥାଏ ସଦା ଆକଟ
ଠାକୁରଙ୍କୁ ଡାକେ ଶୁଭ ବୁଦ୍ଧି ଦିଅ
ଟଳି ଯାଉ ଯେତେ ସଙ୍କଟ ।

ମେଳା ମଉଛବ ଯାନିଯାତରାକୁ
ନିଏ ସେ ଆମକୁ ବୁଲେଇ
ଅଫିସ ସହିତ ଘରକାମ ପରା
ଭଲ ଭାବେ ଥାଏ ତୁଲେଇ ।

ତା ହାତ ପରଶେ ଘରେ ଓ ବାହାରେ
ରହେ ନାହିଁ ଜମା ଅଳିଆ
କୁଣ୍ଡରେ ରଖିଛି ନାନା ଜାତି ଫୁଲ
ଧଳା, କଳା, ନାଲି ନେଳିଆ ।

ମାଆ ମୋର ଲକ୍ଷ୍ମୀ ମାଆ ସରସ୍ୱତୀ
ଶକତିର ନାହିଁ କଳନା
ମାଆର ମମତା, ଆଦର ନିକଟେ
କେଉଁ ଚିଜ ନୁହେଁ ତୁଳନା ।।


+ଗ୍ରାମ ପୋ -ତୋଟାପଡା
ଭାୟା -ଘଣ୍ଟେଶ୍ୱର
ଜିଲ୍ଲା -ଭଦ୍ରକ ୭୫୬୧୨୯
ମୋ ୯୯୩୭୬୭୨୭୦୮


## ବିଜ୍ଞାନ ଗବାକ୍ଷ-୫

### କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଏଲ୍ ନିନୋର ନାଚ



ପ୍ରାଚୀନ ଯୁଗରେ ପୃଥିବୀର ବିଭିନ୍ନ ଅଂଚଳରେ ଭୟଙ୍କର ଝଡ଼ ତୋଫାନ୍, ବର୍ଷା, ବିଜୁଳି ଘଡ଼ଘଡି ଲୋକମାନଙ୍କୁ ଭୀତତ୍ରସ୍ତ କରି ରଖୁଥିଲା। ଏ ଘଟଣା ପ୍ରତିବର୍ଷ ନିୟମିତ ଭାବରେ ଘଟୁନଥିଲା। ଦୁଇରୁ ସାତବର୍ଷ ମଧ୍ୟରେ ଏପରି ଏକ ବର୍ଷ ଆସୁଥିଲା ଯେଉଁବର୍ଷ ଏପରି ଘଟଣା ଘଟୁଥିଲା। ସେତେବେଳେ ଲୋକମାନେ ଏହାକୁ ଦୈବୀ ଦୁର୍ବିପାକ ବୋଲି ଗ୍ରହଣ କରୁଥିଲେ ଏବଂ ଦେବତାମାନଙ୍କୁ ଶାନ୍ତ କରିବାକୁ ବିଭିନ୍ନ ପୂଜାବି କରୁଥିଲେ। ଦକ୍ଷିଣ ଆମେରିକାର ଏକ ଦେଶ ପେରୁରେ ଦେବତାମାନଙ୍କୁ ସନ୍ତୁଷ୍ଟ କରିବାକୁ ଶହଶହ ନିରୀହ ପିଲାଙ୍କୁ ବଳି ଦିଆଯାଉଥିଲା।

ଆମ ଦେଶ ଭାରତରେ ମଧ୍ୟ ବେଳେବେଳେ କମ୍ ବର୍ଷା ହେଉଥିଲା ଏବଂ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଥିଲା। ଲୋକମାନେ ଏହାକୁ ଦୈବୀ ଦୁର୍ବିପାକ ଭାବି ପୂଜାପୂଜି କରୁଥିଲେ।

ଷୋଡ଼ଶ ଶତାବ୍ଦୀ ବେଳକୁ ସମୁଦ୍ର କୂଳରେ ଥିବା ଅନେକ ଦେଶ ସମୁଦ୍ରରେ ଅସ୍ୱାଭାବିକ ଉତ୍ତପ୍ତ ସାମୁଦ୍ରିକ ସ୍ରୋତର ପରିଲକ୍ଷଣ କଲେ। ସେହିବର୍ଷ ସେମାନେ ଶୁଷ୍କ ପରିବେଶ, କମ୍ ବର୍ଷା ଓ ମରୁଡ଼ି ପରିସ୍ଥିତିର ସାମ୍ନା କଲେ। ପେରୁର ଲୋକମାନେ ଏହି ଘଟଣା ବା ପରିସ୍ଥିତିକୁ 'ଏଲନିନୋ' ନା ଦେଲେ। ସ୍ପାନିଶ ଭାଷାରେ ଯାହାର ଅର୍ଥ 'ଛୋଟ ବାଳକ' ବା 'ଦି ଲିଟିଲ ବୟ'। ସ୍ପେନ୍ ନିକଟବର୍ତ୍ତୀ ସମୁଦ୍ର କୂଳରେ ଏହା ଖ୍ରୀଷ୍ଟମାସ ସମୟରେ ଘଟୁଥିବାରୁ ଏହାକୁ "ଖ୍ରୀଷ୍ଟଙ୍କ ପିଲା" ମଧ୍ୟ କୁହାଯାଉଥିଲା। 'ଏଲ୍ ନିନୋ'କୁ ମଧ୍ୟ ଦୁଷ୍ଟବାଳକ ବା ଦୁଷ୍ଟ ପିଲା ବୋଲି କୁହାଯାଏ। ଯାହାର ଏକ ବିପରୀତ ଗୁଣର ଭଉଣୀ ଅଛି ଯାହାର ନାମ 'ଲା ନିନା'। 'ଲା ନିନା' ପରିସ୍ଥିତି ପୃଥିବୀର ବିଭିନ୍ନ ଦେଶର ଭଲ ବର୍ଷା କରାଏ ଏବଂ ପରିବେଶକୁ ଶାନ୍ତ ଓ ଶୀତଳ ରଖେ।

ଜ୍ଞାନ ବିଜ୍ଞାନର ଉନ୍ନତି ସହିତ ଲୋକମାନେ 'ଏଲ୍‌ନିନୋ' ଓ 'ଲା-ନିନୋ' ପରିସ୍ଥିତିକୁ ବୁଝିବା ଆରମ୍ଭ କଲେ। ସେଥିମଧ୍ୟରୁ କେତୋଟିର ଉଲ୍ଲେଖ ତଳେ କରାଯାଇଛି।

ଖ୍ରୀ. ୧୮୦୦ଶହ ଶତାବ୍ଦୀ ବେଳକୁ ପେରୁର ନାବିକ ଓ ମତ୍ସ୍ୟଜୀବୀମାନେ ଉଷୁମ ଦକ୍ଷିଣ ମୁହାଁ ବୋହୁଥିବା ସମୁଦ୍ରସ୍ରୋତ ସହିତ କମ୍ ମାଛ ଧରାକୁ ଯୋଡ଼ିଲେ।

ଖ୍ରୀ. ୧୯୨୦ ଦଶକରେ ନରୱେର ବୈଜ୍ଞାନିକ ଜେକୋବ ଜରକିନି ସମୁଦ୍ରର ଉଷ୍ମୀକରଣ କାରଣରୁ ବାୟୁ ମଣ୍ଡଳରେ ଚାପର ପରିବର୍ତ୍ତନକୁ ଲକ୍ଷ୍ୟ କଲେ।

ଖ୍ରୀ. ୧୯୮୦ ଦଶକଠାରୁ ବୈଜ୍ଞାନିକ ମାନେ ଆଧୁନିକ ଉପଗ୍ରହ ବିଜ୍ଞାନ ଓ ପର୍ଯ୍ୟବେକ୍ଷଣ ସହିତ ପ୍ରଶାନ୍ତ ମହାସାଗର ଜଳପୃଷ୍ଠରେ ହେଉଥିବା ପରିବର୍ତ୍ତନକୁ ଅନୁଧ୍ୟାନ କରି 'ଏଲ୍ ନିନୋ' ଏବଂ 'ଲା ନିନା' ପରିସ୍ଥିତିକୁ ସଠିକ ଭାବରେ ଅନୁମାନ କରିପାରୁଛନ୍ତି।

ଭାରତ ଠାରୁ ବହୁତ ଦୂରରେ ଥିବା ପ୍ରଶାନ୍ତ ମହାସାଗରରେ ଘଟୁଥିବା ପରିବର୍ତ୍ତନ ଜଳ ଭାଗର ଉଷ୍ମୀକରଣ, ସମୁଦ୍ର ସ୍ରୋତର ପରିବର୍ତ୍ତନ ଭାରତର ମୌସୁମୀ ଜଳବାୟୁକୁ ପ୍ରଭାବିତ କରିବାର କ୍ଷମତା ରଖେ। ଅତୀତରେ ଏପରି ପରିସ୍ଥିତି ଭାରତରେ ଅଳ୍ପ ବର୍ଷା ଓ ମରୁଡ଼ି ପରିସ୍ଥିତି ସୃଷ୍ଟି କରି ଦେଶର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିଛି। ଏ ବର୍ଷ (୨୦୨୬) ମଧ୍ୟ ଭାରତ 'ଏଲ ନିନୋ'ର ତାଣ୍ଡବ ଦେଖିପାରେ। ସମସ୍ତ ପ୍ରକାର ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନ ଏ ସଂପର୍କରେ ସୂଚନା ଦେଉଛି। ଅତୀତରେ ଅନେକଥର ଭାରତ ମହାସାଗର ଭାରତକୁ 'ଏଲ୍ ନିନୋ'ର ପ୍ରଭାବରୁ ସୁରକ୍ଷା ପ୍ରଦାନ କରିଛି। ମାତ୍ର ଏଥର ସମସ୍ତ ଆକଳନ କିଛି ଭଲ ଖବର ଦେଉନାହିଁ। ଦେଶବାସୀମାନେ ଏ ପରିସ୍ଥିତିର ସାମ୍ନା କରିବାକୁ ଏବେ ପ୍ରସ୍ତୁତି ଆରମ୍ଭ କରି ଦେଲେଣି।


+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮


## ଫଳ ଖାଇବା ଅଭ୍ୟାସ କରି

### କୀର୍ତ୍ତନ ସାହୁ

କାକୁଡି ଖାଅ ପିଜୁଳି ଖାଅ
ଖାଅ ଖଜୁରୀ କୋଳି
ସପୁରୀ ଖାଅ କମଳା ଖାଅ
ମିଠା ମମତା ବୋଳି।

ପଣସ ଖାଅ ସୁଆଦ ଭାରି
ଖରା ଦିନର ମଜା
ପାଚିଲା ଆମ୍ବ ଖାଅରେ ଖାଅ
ଫଳ ଭିତରେ ରଜା।

ତରଭୂଜକୁ ଖାଇବା ଭଲ
ହିତ ଯେ ଦେହ ପାଇଁ
ପଇଡ଼ ପାଣି ପିଇବା ଭଲ
ମନ ଖୁସିରେ ଥାଇ ।

ଅଙ୍ଗୁର ଖାଅ ସେଓ ବି ଖାଅ
କେଡେ ବଢିଆ ଫଳ
ଡାଳିମ୍ବ ଖାଅ କଦଳୀ ଖାଅ
ଦେହେ ବଢ଼ଇ ବଳ ।

ନାସପାତି ଖାଅ ସପେଟା ଖାଅ
ଜାମୁକୋଳି ବି ଖାଅ
ଲିଚୁକୁ ଖାଅ ତାଳ ବି ଖାଅ
ଭିଟାମିନ ଯେ ପାଅ।

ଅଭ୍ୟାସ କରି ପ୍ରତ୍ୟେକ ଦିନ
ଫଳ ଖାଇବା ଆମେ
ବିଭିନ୍ନ ଫଳ ଖାଇଲେ ସିନା
ଲାଗି ଯିବରେ କାମେ ।

ଶରୀର ସିନା ରହିଲେ ସୁସ୍ଥ
ମନ ବି ସୁସ୍ଥ ରହେ
ଏଥି ପାଇଁକି ଫଳ ହିଁ ଲୋଡା
ଶାସ୍ତ୍ର ଆମର କହେ ।


+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


## ନୂଆ କିଛି କରିବା

### ନୀଳମଣି ଚାନ୍ଦ



ଜୀବନରେ ଆମେ ପୁରଣାକୁ ଛାଡ଼ି
କଲେ କାମ କିଛି ନୂଆ
ଏକଥାଟି ସତ ପ୍ରଶଂସା ଆସିରେ
ଆପେ ହୋଇଯାଏ ଥୁଆ ।

ସିଏରେ ସରସ, ସିଏରେ ସୁନ୍ଦର
ନୂଆ ସ୍ଥାନ ମିଳିଥାଏ
ବାଃ ବାଃ ବାଃ ଆହା କି ବଢ଼ିଆ
ଏକଥାଟି କୁହାଯାଏ ।

ସେହି ସେହି କାମ ଯାଉଥିଲେ କରି
ନୂତନତ୍ୱ ତହିଁ ନାହିଁ
ସିଏ ଏକାପରି ସତେ ସ୍ୱାଦହୀନ
କେହି ରହନ୍ତିନି ଚାହିଁ।

ନୂଆ ଭାବ ନେଇ ଯଦି ଲେଖେ କବି
ଚିତ୍ରକର ଛବି ଆଙ୍କେ
ରହେରେ ବିଶେଷ ଆକର୍ଷଣ ତା'ର
ସତେ ସେ ସଭିଙ୍କୁ ଡାକେ ।

ବୈଜ୍ଞାନିକମାନେ କଲେ କିଛି ନୂଆ
କୁହାଯାଏ ଉଦ୍ଭାବନ
କାଳ କାଳ ପାଇଁ ମାନବ କରଇ
ତା'ର ଜୟ ଜୟ ଗାନ ।

ନୂଆଟିର ନାମ ରହିଥାଏ ସଦା
ସ୍ୱର୍ଣ୍ଣାକ୍ଷରେ ଲେଖା ହୋଇ
ଆସି କିଛି ନୂଆ କରିବା ଆମେରେ
ପୁରୁଣାକୁ ଦୂରେ ଥୋଇ ।


+ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭


## ପ୍ରଭୁଙ୍କର ଇଚ୍ଛାମତେ

### କବିତା ମିଶ୍ର

ରଥ ତିଆରିରେ ଲାଗିଛନ୍ତି କେତେ
ବଡ଼ ବଡ଼ କାରିଗର
ଜଗତ ଠାକୁର ବସି ବୁଲିଯିବେ
ତାଙ୍କ ମାଆଙ୍କର ଘର।

ବାଟରେ ଖାଇବେ ପୋଡ଼ପିଠା ମିଶି
ମାଉସୀମାଆଙ୍କ ଘରେ
ଭକତ ଜନଙ୍କ ଗୁହାରି ଶୁଣିବେ
ରହି ସେମାନଙ୍କ ପୁରେ।

କରୁଣା ବରଷି ଦେବେ ଅବିଳମ୍ବେ
ବିଶ୍ୱର କଲ୍ୟାଣ ପାଇଁ
ଏମିତି ଠାକୁର ନାହିଁ ଏ ଜଗତେ
ଆସନ୍ତି ଯିଏ ସେ ଧାଇଁ।

ନିଜର ସଂସାର ପରିତ୍ୟାଗ କରି
ଭକତ ସେବାରେ ମନ
ସେଥିପାଇଁ ସିଏ ଜଗତର ନାଥ
ସମସ୍ତଙ୍କ ଗଣ୍ଠିଧନ।

ସାନବଡ଼ ନାହିଁ ତାଙ୍କ ପାଖେ କିଛି
ସଭିଙ୍କର ହିତ ପାଇଁ
ସବୁରି ଖୁସିରେ ଖୁସି ସେ ହୁଅନ୍ତି
ଏହି ବାରତାକୁ ଦେଇ।

ବରଷକେ ଥରେ ବାହାରି ଆସନ୍ତି
ଭେଟିବାକୁ ସବୁ ଭକ୍ତ
ଧନୀ ଗରିବଙ୍କ ଭେଦାଭେଦ ନାହିଁ
ସଭିଙ୍କର ଏକ ରକ୍ତ।

ତାଙ୍କରି ଆଶିଷେ ହୋଇବା ସମସ୍ତେ
ଭଲ ଲୋକ ଏ ଜଗତେ
ସବୁରି କଲ୍ୟାଣେ କରିଯିବା କାମ
ପ୍ରଭୁଙ୍କର ଇଚ୍ଛାମତେ।


+ ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨/ସା/ପୋ-ଦୁର୍ଗାଦାସପୁର, ପିପିଲି,
ଜି. ପୁରୀ, ପିନ୍-୭୫୨୧୦୪
ମୋ: ୮୭୬୩୩୦୩୮୦୨


## ସଂଯମ ଆଉ ସଂସ୍କାର..

### ମନୋଜ କୁମାର ବେହେରା



ସଂଯମ, ନିଜର ବିଚାର, ବ୍ୟବହାର, ବାଣୀ ଆଉ କର୍ମ ଉପରେ ନିୟନ୍ତ୍ରଣ ରଖି ପାରିବାର କ୍ଷମତା ଥାଏ । ଏହାର ମୁଖ୍ୟ ବାଧା ହେଲା ଧୈର୍ଯ୍ୟ,ଯିଏ ଆମକୁ ଆମ ନିଜର ସଂସ୍କାରରୁ ମିଳିଥାଏ । ଏବେ କଥା ହେଲା ସଂସ୍କାରର । ଯାହାର ଅର୍ଥ ହେଲା କି ବିଭିନ୍ନ ପରିବେଶରେ ବିପରୀତ ପରିସ୍ଥିତି ହୋଇକରି ମଧ ଆମେ କେଉଁ ପ୍ରକାର ବ୍ୟବହାର କରିଥାନ୍ତି । ଯଦି ସଂଯମ ରଖିବାର ପାଇଁ ଆମକୁ ସଂସ୍କାରରେ ପ୍ରେରଣା ମିଳିଥାଏ, ତା'ହେଲେ ସଂସ୍କାରର ପାଳନ କରିବାରେ ସଂଯମ ସହାୟକ ହୋଇଥାଏ । ଏହି ସଂସ୍କାର ଆମର ନିଜର ଭିତରେ ହି ବସିଥାନ୍ତି । ଆମର ବାଲ୍ୟକାଳରେ ହିଁ ଯାହା କିଛି ଆମେ ନିଜର ପରିବାର ଏବଂ ଆଖ-ପାଖର ସାମାଜିକ ପରିବେଶରେ ଲୋକଙ୍କଠୁ ବିଭିନ୍ନ ପରିସ୍ଥିତିରେ ଯେମିତି ପ୍ରତିକ୍ରିୟା କରିବାର ଦେଖିଥାନ୍ତି, ସେହି ସବୁର ଆକଳନ ଆମର ଅନ୍ତର୍ମନରେ ନିରନ୍ତର କରି ଚାଲିଥାଏ। ସେହି ଆକଳନର ନିଷ୍କର୍ଷ ଆମର ସ୍ୱୟଂର ଆଚରଣ ଆଉ ବ୍ୟବହାରରେ ପରିଲକ୍ଷିତ ହୋଇଥାଏ । ଏହାକୁ କୁହାଯାଏ ଆମର ସଂସ୍କାର । ଏହି ପରି ଏହା ସିଦ୍ଧ ହେଇଛି କି ବ୍ୟକ୍ତିର ସଂସ୍କାର ତାହାର ପରିବାର, ସାମାଜିକ ପରିବେଶ ଆଉ ଜୀବନ ଶୈଳୀ ଉପରେ ନିର୍ଭର କରିଥାଏ ।

ଅଧିକାଂଶ ମାତା-ପିତାଙ୍କର ଇଚ୍ଛା ଥାଏକି ତାଙ୍କର ଛୁଆମାନଙ୍କୁ ଭଲ ସଂସ୍କାର ଆଉ ଭଲ ସୁବିଧା ଦେଇ ସେମାନେ କେମିତି ଆନନ୍ଦରେ ରହିବେ ସେଇଆ ଚାହାନ୍ତି । ସେମାନେ ନିଜର ଛୁଆମାନଙ୍କର ଇଚ୍ଛା ପୂର୍ତ୍ତି ତୁରନ୍ତ କରିବାକୁ ଚାହାନ୍ତି । ତାଙ୍କୁ ଲାଗିଥାଏ କି ଏହା ନିଜ ଛୁଆଙ୍କ ପ୍ରତି ଅସୀମିତ ପ୍ରେମର ବର୍ଷା ହେଉ । ତାଙ୍କର ମାନିବା କଥା ଯେ ସଂଯମ ଆଉ ଧୈର୍ଯ୍ୟ ଭଳି ଶବ୍ଦ ଛୁଆମାନଙ୍କ ପାଇଁ ହୋଇ ନାହିଁ । ସେଥିପାଇଁ ସେମାନେ ଛୁଆଙ୍କୁ ନିଜର ଇଚ୍ଛା ଉପରେ ସଂଯମ ରଖିବା ଶିଖାନ୍ତି ନାହିଁ । ଏହି ଛୁଆ ବାଲ୍ୟକାଳର ପରେ ଯେତେବେଳେ କିଶୋରବସ୍ଥାରେ ପହଞ୍ଚନ୍ତି, ଆଉ ନିଜର ବିଦ୍ୟାଳୟରେ କିମ୍ବା ଅନ୍ୟ ସାମାଜିକ ସମୂହରେ ଟିକିଏ ବି ପ୍ରତିକୂଳ ପରିସ୍ଥିତି ଆସିଲା ପରେ ସମୟ ଆଉ ମର୍ଯ୍ୟାଦା ପୂର୍ବକ ଆଚରଣ କରିପାରନ୍ତି ନାହିଁ। ଆଉ କୁହାଯାଏ କି ଆଜିକାଲି ଛୁଆଙ୍କ ଭିତରେ ସଂସ୍କାରର ଅଭାବ ରହୁଛି । ପ୍ରଶ୍ନ ଉଠେ କି ସଂସ୍କାରର ଏହି ଅଭାବ କେଉଁଠୁ ଆସିଲା ? ଉତ୍ତର ହେଲା,ତାଙ୍କର ପ୍ରଥମ ଗୁରୁଜନ ତାଙ୍କର ମାତା-ପିତା ଏହି ଗୁଣ ଶିଖେଇବାର ଅବସର ଦେଇ ନଥିଲେ ।

ଯୁବାବସ୍ଥାରେ ପହଞ୍ଚୁ-ପହଞ୍ଚୁ ଏହି ସମସ୍ୟା ଆହୁରି ଉଗ୍ର ହୋଇଯାଏ । ଅଧିକାଂଶ ଯୁବା ଏହାର ସାମନା କରିବାରେ ସ୍ୱୟଂକୁ ଅକ୍ଷମ ପାଇଥାନ୍ତି । ପ୍ରାୟଃ ଧୈର୍ଯ୍ୟ ଆଉ ବିବେକ ପୂର୍ଣ୍ଣ ନିୟମ ନେବା ସେମାନଙ୍କୁ କଷ୍ଟ ଲାଗିବାକୁ ଲାଗିଥାଏ । ଏହି କାରଣ ହେଲା କି ଛାତ୍ରଙ୍କ ଠାରେ ଆତ୍ମହତ୍ୟାର ପ୍ରବୃତ୍ତି ନିରନ୍ତର ବଢି ଚାଲିଛି । ଜୀବନରେ ଆଗକୁ ବଢି ବ୍ୟବସାୟିକ ଏବଂ ବୈବାହିକ ଜୀବନରେ ସାମଞ୍ଜସ୍ୟ ସ୍ଥାପିତ କରିବାରେ ମଧ ସେମାନଙ୍କୁ କଠିନ ଲାଗିଥାଏ । ଧୈର୍ଯ୍ୟର ସହିତ ବୁଝାମଣା କରିବାର ଅଭ୍ୟାସ ନହେବାରୁ ଅଂଶୀଦାର ଭାଙ୍ଗୁଛି ନିରନ୍ତର, ଛାଡପତ୍ରର ସଂଖ୍ୟା ମଧ ଦିନକୁ ଦିନ ବଢି ଚାଲିଛି । ଏମିତି ଖବରକୁ ଦେଖି ଶୁଣିକରି ଆଜୀବନ ବିବାହ ବନ୍ଧନରେ ନବାନ୍ଧି ହେବାର ନିର୍ଣ୍ଣୟ ନେବାବାଲା ଯୁବକ-ଯୁବତୀଙ୍କର ସଂଖ୍ୟା ଆଜି ବଢି-ବଢି ଚାଲିଛି। ଯାହା କି ଆମର ସାମାଜିକ ଢାଞ୍ଚା ପାଇଁ ଗୋଟିଏ ବିପଦର ସଂକେତ ଅଟେ । ଘର ହେଉ ଅବା ବାହାର,ଛୁଆ ମାନଙ୍କ ସାମାନରେ ବଡମାନଙ୍କୁ ସଂଯମିତ ବ୍ୟବହାର ହିଁ ତାଙ୍କୁ ସଠିକ୍ ସଂସ୍କାର ଶିଖେଇବାରେ ସହାୟକ ହୋଇଥାଏ । ନିଜର ସନ୍ତାନଙ୍କୁ ସୁସଂସ୍କୃତି ନାଗରିକ ରୂପରେ ବଡ କରିବା ଅଭିଭାବକଙ୍କର ନୈତିକ ଦାୟିତ୍ୱ ଅଟେ । ସେଥିପାଇଁ କୁହାଯାଇଛି ସନ୍ତାନର ସଠିକ୍ ଭାବରେ ପାଳନ କରିବା ଗୋଟିଏ ତପସ୍ୟା ଅଟେ ।


+ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ମୋ: ୭୯୭୮୮୩୦୬୧୧

# ବୌଦ୍ଧ ଜିଲାରେ ଶାଳମଞ୍ଜିର ଅଭାବୀ ବିକ୍ରି: ନାହିଁ ବଜାର ଓ ନାହିଁ ମଣ୍ଡି ବ୍ୟବସ୍ଥା

ବୌଦ୍ଧ, ୫/୦୬ (ନି.ପ୍ର): କୃଷିପ୍ରଧାନ ବୌଦ୍ଧ ଜିଲାରେ ଦେଖା ଦେଇଛି ଶାଳମଞ୍ଜିର ଅଭାବୀ ବିକ୍ରି । ଜିଲାରେ ହଜାର ହଜାର କୁଇଂଟାଲ ଶାଳମଞ୍ଜି ସଂଗ୍ରହ କରାଯାଉଛି, ମାତ୍ର ଜିଲାରେ ବଜାର କିମ୍ବା ମଣ୍ଡିର ବ୍ୟବସ୍ଥା ନାହିଁ । ମୁଣ୍ଡଝାଳ ତୁଣ୍ଡରେ ମାରି ସକାଳୁ ରାତି ପର୍ଯ୍ୟନ୍ତ ଶାଳମଞ୍ଜି ସଂଗ୍ରହ କରୁଥିବା ନିରୀହ ଆଦିବାସୀମାନେ ଦଲାଲ ମାନଙ୍କୁ ଶାଗମାଛ ମୂଲ୍ୟରେ ବିକ୍ରି କରୁଛନ୍ତି । ସବୁ ଜାଣି ମଧ୍ୟ ପ୍ରଶାସନ ନିଦ୍ରାରେ ରହିଥିବା ଅନୁମାନ କରାଯାଉଛି । ବୌଦ୍ଧ ଜିଲାରେ ଅନେକ ଘଂଚ ଜଙ୍ଗଲ ରହିଛି । ଧାନ ଫସଲକୁ ଛାଡି ଦେଲେ ଜଙ୍ଗଲଜାତ ଲଘୁଦ୍ରବ୍ୟ ସଂଗ୍ରହ ଲୋକଙ୍କ ଜୀବିକା ନିର୍ବାହର ଅନ୍ୟତମ ମାଧ୍ୟମ ଅଟେ । ବୌଦ୍ଧ ଜିଲାରେ ଅନ୍ୟତମ ଜଙ୍ଗଲଜାତ ଲଘୁଦ୍ରବ୍ୟ ଶାଳମଞ୍ଜି ପ୍ରଚୁର ପରିମାଣରେ ଉତ୍ପାଦନ ହୋଇଥାଏ । ମାତ୍ର ଏନେଇ ଜିଲା ପ୍ରଶାସନ ପାଖରେ କୌଣସି ତଥ୍ୟ ଥିବା ପରି ମନେ ହେଉନାହିଁ । ରାଜ୍ୟ ସରକାର ଜଙ୍ଗଲଜାତ ଲଘୁଦ୍ରବ୍ୟର କ୍ରୟବିକ୍ରୟର ଅନୁମତି ଦେବା ଓ ତଥ୍ୟ ରଖିବା ଅଧିକାର ପଂଚାୟତରାଜ ବିଭାଗ ଓ ପଂଚାୟତ ଗୁଡିକୁ ଦେଇଦେଇଛନ୍ତି । ଜିଲାର ପଂଚାୟତରାଜ ବିଭାଗ ବାର୍ଷିକ ଏକ ରିପୋର୍ଟ ବନବିଭାଗକୁ ଦେବାର ନିୟମ ରହିଥିଲେ ମଧ୍ୟ ସେମାନେ ତାହା ଦେଉନଥିବାରୁ ବନ ବିଭାଗ ପାଖରେ ମଧ୍ୟ କୌଣସି ସଠିକ୍ ଖବର ନଥିବା କହିଛନ୍ତି ବନଖଣ୍ଡ ଅଧିକାରୀ । ଅନ୍ୟପକ୍ଷରେ ଜିଲାରେ ଚଳିତ ବର୍ଷ ଶାଳମଞ୍ଜି ଭଲ ଉତ୍ପାଦନ ହୋଇଥିବା ଓ ଶହଶହ ଲୋକେ ସଂଗ୍ରହ କରୁଥିବା କହିଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ । ବୌଦ୍ଧ ଜିଲାର ହରଭଂଗା ଓ କଂଟାମାଳ ବ୍ଲକରେ ବିଶେଷ ଭାବେ ଏହା ସଂଗ୍ରହ ହୋଇଥାଏ । ସେଥିମଧ୍ୟରେ ମାଧପୁର, ପୁରୁଣାକଟକ, ନାରାୟଣଃପ୍ରସାଦ, ବଲମତୁାା, ମାଳତୀ ଗୋଛାପଡା ଭଳି ଅନେକ ବନାଚଂଳ ରହିଛି । ବଜୁନାହିଁ ଶାଳମଞ୍ଜିର ସରକାରୀ ଦର, ଶାଗମାଛ ମୂଲ୍ୟରେ ବିକ୍ରି କରୁଛନ୍ତି ଲୋକେ । ବଜାର ଓ ମଣ୍ଡି ବ୍ୟବସ୍ଥା ନଥିବାରୁ ଦଲାଲମାନେ ଏମାନଙ୍କଠୁ କମ୍ ଦରରେ କିଣି ଅଧିକ ଦରରେ ବିକ୍ରି କରୁଛନ୍ତି । ଅର୍ଥାତ ଘରେ ବସି ଦଲାଲ ମାଲାମାଲ୍ । କୋଟି କୋଟି ଟଙ୍କାର ଜଙ୍ଗଲୀ ଫୁଲ । ଜଙ୍ଗଲ ଓ ରାସ୍ତା ସାରା ପଡ଼ିଛି, ଲୋକେ ଗୋଟାଇବାରେ ବ୍ୟସ୍ତ । ଯେଉଁଥିରୁ ମଞ୍ଜି ବାହାର କରି ବିକ୍ରି କରିବେ ଏବଂ ଦୁଇ ପଇସା ରୋଜଗାର କରିବେ । ସରକାର ଶାଳମଞ୍ଜି ଏମ୍ଏସପି କିଲୋ ପିଛା ୨୦ ଟଙ୍କା ଧାର୍ଯ୍ୟ କରିଛନ୍ତି । କିନ୍ତୁ ସରକାର ଜିଲାରେ କ୍ରୟ କରୁନଥିବାରୁ ଗାଁ ଗାଁରେ ମାତିଲେଣି ଦଲାଲ୍ । ୫ ବର୍ଷ ହେଲାଣି ସରକାର ବଢ଼ାଇ ନାହାନ୍ତି ଶାଳ ମଞ୍ଜିର ସର୍ବନିମ୍ନ ସହାୟକ ମୂଲ୍ୟ । ୨୦୨୦ରେ ଯେଉଁ ୨୦ ଟଙ୍କା ପ୍ରତି କିଲୋ କିଣାଯାଉଥିଲା ଏବେ ବି ସେହି ଦାମ୍ । କିନ୍ତୁ ବସ୍ତା ଧରି ଶାଳ ମଞ୍ଜି ସଂଗ୍ରହ କରୁଥିବା ଲୋକମାନଙ୍କୁ କିଲୋ ପିଛା ମିଳିବ ୮ ରୁ ୧୦ ଟଙ୍କା । ଶାଳମଞ୍ଜି ଆଦିବାସୀମାନଙ୍କ ଏକ ପ୍ରମୁଖ ଉପାର୍ଜନର ମାଧ୍ୟମ ସାଜିଛି । ଆଦିବାସୀମାନେ ସପରିବାରେ ଏକ ମାସ ଧରି ଶାଳଫୁଲରୁ ମଞ୍ଜି ସଂଗ୍ରହ କରୁଛନ୍ତି । ମାତ୍ର ମଞ୍ଜି ସଂଗ୍ରହ ପରେ ବଜାର ଅଭାବରୁ ସ୍ଥାନୀୟ ବ୍ୟବସାୟୀଙ୍କ ହାତରେ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ମଞ୍ଜି ସଂଗ୍ରହକାରୀ ପରିଶ୍ରମ ତୁଳନାରେ ମୂଲ୍ୟ ପାଉ ନଥିବା ବେଳେ ବ୍ୟବସାୟୀ ମାଲାମାଲ ହେଉଛନ୍ତି । ପରିବାରର ମହିଳା ପୁରୁଷ ବହୁ ପରିଶ୍ରମ କରି ମଞ୍ଜି ସଂଗ୍ରହରେ ଲାଗିଥାଆନ୍ତି । ପରେ ଦଲାଲ ମାନଙ୍କୁ ଏହାକୁ କିଲୋ ପ୍ରତି ୮ ରୁ ୧୦ ଟଙ୍କା ଦରରେ ବିକ୍ରି କରିଥାଆନ୍ତି । କେତେକ ସ୍ଥାନରେ ଟିଣ ପ୍ରତି ୧୫୦ ରୁ ୨୦୦ ଟଙ୍କାରେ ମଧ ଦଲାଲମାନେ କିଣିଥାଆନ୍ତି । ଜିଲାରେ ପ୍ରଚୁର ଶାଳ ଗଛ ଥିବାରୁ ଆଦିବାସୀମାନେ ଶାଳମଞ୍ଜିକୁ ମୁଖ୍ୟ ଉପାର୍ଜନର ମାଧ୍ୟମ କରିଛନ୍ତି । ମାତ୍ର ସରକାରଙ୍କ ପକ୍ଷରୁ ଶାଳ ମଞ୍ଜି କିଣିବାର କୌଣସି ବ୍ୟବସ୍ଥା ନ ଥିବାରୁ ସଂଗ୍ରହକାରୀମାନେ ବାଧ ହୋଇ ବ୍ୟବସାୟୀଙ୍କ ହାତରେ ମଞ୍ଜିକୁ କମ ଦରରେ ଟେକି ଦେଉଛନ୍ତି । ଶାଳମଞ୍ଜି ଆଦିବାସୀମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରୁଥିବାରୁ ଏଥିପ୍ରତି ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ସ୍କୁଟି ସହ ୮୦ ଲିଟର ଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

ଭୁବନ, ୫/୦୬ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ଆଜି ଗୁରୁବାର ଜୁପିଟର ସ୍କୁଟି ସମେତ ୮୦ ଲିଟର ଦେଶୀ ମଦ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଥିବା ସୂଚନା ମିଳିଛି ।

ପ୍ରାପ୍ତ ସୂଚନାନୁଯାୟୀ, ଅବକାରୀ ନିରୀକ୍ଷକ ବୁଲୁ ପାତ୍ର ଗୁରୁବାର ସକାଳ ୭ଟା ସମୟରେ ସଦଳ ବଳେ ପାଟ୍ରୋଲିଂରେ ଯାଇଥିବା ବେଳେ ରଗଡ଼ି ଛକ ଠାରେ ଭୁବନ ଥାନା ଅନ୍ତର୍ଗତ ଚନ୍ଦାର ଗ୍ରାମର ଶତ୍ରୁଘ୍ନ ସାହୁଙ୍କ ଠାରୁ ତାଙ୍କ ଓଡ଼ି ୦୬ ଏଲ ୬୨୨୬ ନମ୍ବର ବିଶିଷ୍ଟ ଜୁପିଟର ସ୍କୁଟି ସମେତ ୮୦ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ । ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଲ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନା ସହଯୋଗ କରିଥିଲେ । ଏ ସମ୍ପର୍କରେ କେଶ୍ ନଂ ୩୩/ ୨୦୨୬-୨୭ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଭୁବନ ଜେ ଏମ ଏଫ୍ ସି କୋର୍ଟକୁ ପଠାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ୨୦୨୫-୨୬ ପରୀକ୍ଷାଫଳ ପ୍ରକାଶିତ

ବଲାଙ୍ଗୀର, ୫/୦୬ (ନି.ପ୍ର): ରାଜେନ୍ଦ୍ର ବଶ୍ୱିବିଦ୍ୟାଳୟର ଯୁକ୍ତ ତିନି ଓ ସ୍ନାତରକାତର ଶେଷବର୍ଷ କଳା, ବଜ୍ଞିାନ ଓ ବାଣିଜୟ ଏବଂ ତ୍ରିବାର୍ଷିକ ସମନିତ ବି. ଏଡ୍ – ଏମ୍ .ଏଡ୍ ପରୀକ୍ଷାଫଳ ପ୍ରକାଶିତ ହୋଇଯାଇଛି । ସ୍ନାତରକାତର କଳା ରେଣୀରର ୩୧୯ , ବିଜ୍ଞାନରର ୧୫୩ ଓ ବାଣିଜ୍ୟରେ ୩୩ ଜଣ ପରୀକ୍ଷା ଦେଇଥିବାବେଳେ ୨୭୬, ୧୩୩ ଓ ୧୯ ଜଣ ଯଥାକ୍ରମ ଉତୀର୍ଣ୍ଣେ ର ।ଇଛନ୍ତି । ପାସ ।ର କଳାରର ୮୬.୫ , ବିଜ୍ଞାନରର ୮୬.୯ ଓ ବାଣିଜୟରର ୫୭.୬ ପ୍ରତିେତ ର ଛିଁ । ରସ ପିର୍ି ଯୁକ୍ତ ତର୍ନି ରେଣୀରର ୬୧୧୪ , ବିଜ୍ଞାନରର୧୨୪୫, ବାଣିଜୟରର ୪୨୫ ଏବଂ କଳା (ପାସ) ରର ୮୦ ଜଣ ପରୀକ୍ଷା ରଦ୍ଇଥିବା ରବରଳ ୨୪୪୭ , ୫୩୧,୧୩୫ ଏବଂ ୧୦ ଜଣ ଯଥାକ୍ରମ ଉତୀର୍ଣ୍ଣ ହୋଇଛନ୍ତି । ପାସ୍ର କଳାରର ୪୦.୦୨, ବିଜ୍ଞାନରର ୪୨.୬୫, ବାଣିଜୟରର ୩୧.୭୬ କଳା (ପାସ) ହାର ୧୨.୫୦ ପ୍ରତିେତ ର୍ଛି । ତ୍ରିବାର୍ଷିକ ସମନିତ ବି. ଏଡ୍ – ଏମ୍ .ଏଡ୍ ପରୀକ୍ଷାରର ୪୫ ଜଣ ପରୀକ୍ଷା ରଦ୍ଇଥିବା ରବରଳ ୪୪ ଜଣ ଉତୀର୍ଣ୍ଣ ହୋଇଛନ୍ତି । ପାସ ।ର ର୍ଛି ୯୭. ୭୮ ପ୍ରତିଷ୍ଠିତ । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତରକାତର ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରୀ ରରବତୀ ସ୍ୱାଇଁ ବିଶ୍ୱବିଦ୍ୟାଳୟର ଟପର ର ଇଥିବା ରବରଳ କଳା ରରାତରର ଭୂରଗାଳ ବଭିାଗର ଛାତ୍ରୀ ସର୍ଷ୍ଟି ସଚୁରତିା ମିେ, ବିଜ୍ଞାନ ରରାତରର ପ୍ରାଣୀବିଜ୍ଞାନର ଛାତ୍ରୀ ରରବତୀ ସ୍ୱାଇଁ ଏବଂ ବାଣିଜୟ ବଭିାଗରର ଚମନଲାଲ ଅଗ୍ରୱାଲ ଓ ରଶ୍ମିତା ପଧାନ ଯୁଗମ ଟପର ହୋଇଛନ୍ତି । ରସ ଭିର୍ ଯୁକ୍ତ ତର୍ନି ରରାତରର ଯରବାଦ୍ୟ କରଲଜ ଅଫ୍ ଏଡଭାନସ ରଟରକନାରଲାଜି, ସକମାର ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରୀ ରଦ୍ୱଯାନୀ ଖମାରୀ ବିଶ୍ୱବିଦ୍ୟାଳୟର ଟପର ହୋଇଥିବା ରବରଳ କଳା ରରାତରର ମନସ୍ତତ୍ୱ ବିଜ୍ଞାନ ବିଭାଗର ଛାତ୍ରୀ ରମର କ ପାତ୍ର, କଳା ରରାତରର ପ୍ରାଣୀବିଜ୍ଞାନର ଛାତ୍ରୀ ରଦ୍ୱଯାନୀ ଖମାରୀ, ବାଣିଜୟ ରରାତରର ଗ୍ରୀଷମା ମହାନା ଟପର ହୋଇଛନ୍ତି ।

# ପାଣି ପାଉଚରେ ରହୁନି ଏକ୍ସପାରୀ ଡେଟ୍

ଜୟପୁର, ୫/୦୬ (ନି.ପ୍ର): ଗ୍ରୀଷ୍ମ ପ୍ରବାହରେ ଜଳୁଛି ସାରା ରାଜ୍ୟ, ଖରା ତାତିରୁ ତ୍ରାହି ପାଇବା ପାଇଁ କୋରାପୁଟ ଜିଲାରେ ଥଣ୍ଡା ପାନୀୟରେ ବେଶ ଚାହିଦା ମଧ୍ୟ ବୃଦ୍ଧି ପାଇଛି । ଏହାର ସୁଯୋଗ ନେଇ କୋରାପୁଟ, ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡରେ ବହୁ ଅସାଧୁ ବ୍ୟବସାୟୀ ଯାବତୀୟ ବେନାମୀ ଥଣ୍ଡା ପାନୀୟ ବିକ୍ରି କରୁଥିବାର ନଜରକୁ ଆସିଛି । ପାଣି ବୋତଲ ହେଉ କିମ୍ବା ପାଣି ପାଉଚ ଗୁଡିକରେ କୌଣସି ବି ଏକ୍ସପାରି ଲେବୁଲ ମଧ୍ୟ ରହୁନାହିଁ । ଏହାର ଶୁଦ୍ଧତା ନେଇ ଗ୍ରାହକ ମାନେ ମଧ ସନ୍ଦେହରେ ପଡୁଛନ୍ତି । ପ୍ରଶାସନ ପକ୍ଷରୁ ଏହାକୁ ଜମା ଯାଂଚ୍ କରାଯାଉ ନଥିବାରୁ ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ଦେଖା ଦେଇଛି । ଗ୍ରାମାଚଂଳର ଛୋଟ ଛୋଟ ଦୋକାନରୁ ଆରମ୍ଭ କରି ସହରାଚଂଳ ପର୍ଯ୍ୟନ୍ତ ନକଲି ଥଣ୍ଡା, ପାନୀୟ ସୋଡ଼ା, ପାଣି ପାଉଚରେ ଅପମିଶ୍ରିତ ସାମଗ୍ରୀର ଚାହିଦା ସହ ବିକ୍ରି ମଧ୍ୟ ବୃଦ୍ଧି ପାଇଛି । ଯାହାକି ଜନସାଧାରଣ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ବିନା ଲାଇସେନ୍ସରେ ଏକାଧିକ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀ ଲୋଗରେ ନକଲି ସୋଡ଼ା, ପାଣି ବୋତଲ, ପାଣି ପାଉଚ, ବେଧଡକ ବିକ୍ରି ଚାଲିଛି । ଏମାନଙ୍କ ଉପରେ ଜିଲ୍ଲା ପ୍ରସାଶନ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଅଙ୍କୁଶ ନଥିବା ହେତୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଜିଲ୍ଲା ଖାଦ୍ୟ ନିରାପତା ଓ ଜନସ୍ୱାସ୍ଥ୍ୟ ବିଭାଗର ସ୍ଥାଣୁତା ପାଲଟି ଯାଇଥିବା ମଧ୍ୟ ଅଭିଯୋଗ ହେଉଛି । ନିମ୍ନମାନର ପାଣି ବୋତଲ, ପାଣି ପାଉଚ, ପାନୀୟ ଜଳ ପିଇବା ଦ୍ୱାରା ଲୋକେ ଚର୍ମ ଓ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ପରିଲକ୍ଷିତ ହେଉଛି । ବଜାରରେ ବିକ୍ରି ହେଉଥିବା ପାଣି ବୋତଲ, ପାଣି ପାଉଚ, ଥଣ୍ଡା ବୋତଲରେ ବ୍ୟବହାର ବିଧି ସମ୍ପର୍କରେ କୌଣସି ସୂଚନା ନାହିଁ । ଏହି ସବୁ ପ୍ରସ୍ତୁତ ଓ ବିକ୍ରି ପାଇଁ ଲାଇସେନ୍ସ ଓ ଅନେକ ନିୟମ ରହିଛି । କିଛି ବେନାମୀ ପାଣି କମ୍ପାନୀ ଯେ କୌଣସି ଉପାୟରେ ଫ୍ରଡ ଲାଇସେନ୍ସ ହାତେଇ ଦୀର୍ଘ ଦିନ ଧରି ବେପାର କରୁଛନ୍ତି । ଉକ୍ତ ଥଣ୍ଡା ଜାତୀୟ ପାଣି ବୋତଲ, ପାଣି ପାଉଚ ଗୁଡ଼ିକ କିଛି ଦିନ ରହିଯିବା ପରେ ଗନ୍ଧ ବାହାରୁଥିବା ବେଳେ ତାହା ଅନ୍ୟ ପ୍ରକାରର ସ୍ୱାଦ ହେଉଛି । ଅନ୍ୟପଟେ ଦେଖିବାକୁ ଗଲେ ପାଣି ବୋତଲର ଦାମ୍ ମଧ୍ୟ ଭିନ୍ନ ଭିନ୍ନ କେଉଁଠି ୧୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କେଉଁଠି ୨୦ ଟଙ୍କାରେ ମଧ୍ୟ ମନଇଚ୍ଛା ବିକ୍ରୀ ହେଉଥିବା ଦେଖିବାକୁ ମିଳୁଛି । ଜିଲ୍ଲା ଖାଦ୍ୟ ନିରାପତା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଏହି କ୍ଷେତ୍ରରେ ଜଳର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛି । ବେଧଡକରେ ଚାଲିଛି ନକଲି ଥଣ୍ଡା, ପାଣି ବୋତଲ, ପାଣି ପାଉଚ କାରବାର । ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜନସଚେତନତା କରିବାକୁ ମଧ୍ୟ ସାଧାରଣରେ ଦାବି ଜୋର ଧରିଛି ।

# ନିଲାବାଡ଼ି ଗ୍ରାମରେ ଅଜଣା ରୋଗ ଆତଙ୍କ: ଶତାଧିକ ଘୁଷୁରୀ ମୃତ

ଜୟପୁର, ୫/୦୬ (ନି.ପ୍ର): କୋରାପୁଟ ଜିଲ୍ଲାର ନିଲାବାଡ଼ି ଗ୍ରାମରେ ଅଜଣା ରୋଗର ପ୍ରକୋପ ଯୋଗୁଁ ଶତାଧିକ ଘୁଷୁରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବାରୁ ସମଗ୍ର ଅଂଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ପ୍ରାୟ ୪୦ରୁ ୪୫ ଜଣ ଚାଷୀଙ୍କ ୪୦୦ରୁ ୫୦୦ ଘୁଷୁରୀ ମୃତ୍ୟୁବରଣ କରିଥିବା ବେଳେ ଏହାର ଆନୁମାନିକ କ୍ଷତି ୪୫ରୁ ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରଥମେ ଗୋଟିଏ କିମ୍ବା ଦୁଇଟି ଘୁଷୁରୀର ମୃତ୍ୟୁ ଘଟିଥିଲା । କିନ୍ତୁ ସମୟରେ ରୋଗ ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା ନ ହେବାରୁ ଏହା ଧୀରେ ଧୀରେ ମହାମାରୀର ରୂପ ନେଇଥିବା ଅଭିଯୋଗ ହୋଇଛି । ଚାଷୀମାନେ ବନ୍ଧୁଗାଁ ପ୍ରାଣୀ ଚିକିତ୍ସା ବିଭାଗର ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଏପଟେ ମୃତ ଘୁଷୁରୀମାନଙ୍କୁ ସଠିକ୍ ଭାବେ ନିଷ୍କାଷନ କରାଯାଇନଥିବାରୁ ଗ୍ରାମରେ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି ହୋଇଛି । ପଚିସଢ଼ି ଯାଉଥିବା ମୃତ ପଶୁମାନଙ୍କ ଦେହରୁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ଦେଖାଦେଇଛି । ଏହା ଫଳରେ ଗ୍ରାମବାସୀମାନେ ଭୟଭୀତ ହୋଇପଡ଼ିଛନ୍ତି ।

ଘୁଷୁରୀ ପାଳନ କରି ଜୀବିକା ନିର୍ବାହ କରୁଥିବା ଅନେକ ଚାଷୀଙ୍କ ୧୦ରୁ ୧୨ଟି ଲେଖାଏଁ ଘୁଷୁରୀ ମୃତ୍ୟୁ ହୋଇଥିବାରୁ ସେମାନେ ଆର୍ଥିକ ଭାବେ ଭାଙ୍ଗି ପଡ଼ିଛନ୍ତି । ଏହି ଅପୂରଣୀୟ କ୍ଷତି ପାଇଁ ସରକାରୀ ସହାୟତା ଓ କ୍ଷତିପୂରଣ ଦାବି କରିଛନ୍ତି ପ୍ରଭାବିତ ଚାଷୀମାନେ । ଗ୍ରାମବାସୀମାନେ ପ୍ରଶାସନ, ପ୍ରାଣୀ ଚିକିତ୍ସା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତୁରନ୍ତ ଘଟଣାସ୍ଥଳରେ ପହଂଚି ପରିସ୍ଥିତିର ସମୀକ୍ଷା କରିବା, ରୋଗର ପ୍ରକୃତ କାରଣ ଖୋଜିବା ଏବଂ ମୃତ ଘୁଷୁରୀମାନଙ୍କର ବୈଜ୍ଞାନିକ ନିଷ୍କାଷନ କରିବାକୁ ଦାବି କରିଛନ୍ତି । ଗ୍ରାମରେ କୌଣସି ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହେବା ପୂର୍ବରୁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଅବସରପ୍ରାପ୍ତ ବନ କର୍ମଚାରୀ ସଂଘ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ

ବଲାଙ୍ଗୀର, ୦୫ ଜୁନ୍(ହି.ସ.) – ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅବସରପ୍ରାପ୍ତ ବନ କର୍ମଚାରୀ ସଂଘ ତରଫରୁ ସଭାପତି ବିଜୟ କୁମାର ଖୁଂଟିଆଙ୍କ ଅଧ୍ୟକ୍ଷତାରେ ତଣ୍ଡାମୁଣ୍ଡା ଗ୍ରାମରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜଙ୍ଗଲ ସୁରକ୍ଷା, ଜଳବାୟୁ ପରିବର୍ତନ ଓ ତତ୍ ସମ୍ବନ୍ଧିୟ ସମସ୍ୟା ଏବଂ ତାର ସମାଧାନ ଉପରେ ଆଲୋଚନା ହୋଇଥିଲା । ଗ୍ରାମବାସୀ ମାନଙ୍କ ସହଯୋଗ ବିନା ଜଙ୍ଗଲ ସୁରକ୍ଷା ସମ୍ଭବ ନୁହେଁ ବୋଲି ବକ୍ତାମାନେ ମତ ଦେଇଥିଲେ । ଏ ଦିଗରେ ଜଙ୍ଗଲକର୍ମଚାରୀମାନଙ୍କୁ ନିଷ୍ଠିତ ସାହାଯ୍ୟ ସହଯୋଗ କରିବେ ବୋଲି ଉପସ୍ଥିତ ଗ୍ରାମବସୀମାନେ ସମ୍ମତି ଦେଇଥିଲେ । ଏହି ସଭାରେ ଗ୍ରାମର ବିରଂଚି ସାହୁଙ୍କ ସମେତ ପ୍ରାୟ ପଚାଶ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବନ କର୍ମଚାରୀ ରଘୁନାଥ ପାଢ଼ି, ହୃଦରଞ୍ଜନ ତ୍ରିପାଠୀ,ରସରାଜ ସା, ବାସୁଦେବ ନାଥ ଉପସ୍ଥିତ ଥିଲେ ।

# ବଲାଙ୍ଗୀର ମୁରିବାହାଲରେ ଜଳ ପ୍ରକଳ୍ପ ନାଁରେ ଜଳଜଳ ଦୁର୍ନୀତି: କୂଅ କାନ୍ଥରେ ସିମେଣ୍ଟ ବଦଳରେ କୁଟା ଓ ବସ୍ତା

ବଲାଙ୍ଗିର, ୫/୦୬ (ନି.ପ୍ର): ରାଜ୍ୟ ସରକାର ପ୍ରତିଟି ଗାଁକୁ ପାନୀୟ ଜଳ ଯୋଗାଇବା ପାଇଁ ପାଣି ପରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ସରକାରୀ ଯୋଜନାକୁ ବାଟମାରଣା କରାଯାଉଥିବାର ଏକ ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି । ଚଲକି ଗ୍ରାମପଂଚାୟତର ବାଙ୍କେଲ ଗାଁରେ ନିର୍ମାଣାଧୀନ ଜଳ ପ୍ରକଳ୍ପରେ ଯେଉଁଭଳି ଦୁର୍ନୀତି ହୋଇଛି, ତାହା ଶୁଣିଲେ ଆପଣଙ୍କ ହୋସ୍ ଉଡ଼ିଯିବ ।

ପାଇପ୍ ଯୋଗେ ଗ୍ରାମ୍ୟ ଜଳ ଯୋଗାଣ ପାଇଁ ନିର୍ମାଣ ହେଉଥିବା କୂଅରେ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ସବୁ ସୀମା ପାର୍ କରିଯାଇଛି । କୂଅର କାନ୍ଥ ମଧ୍ୟରେ ସିମେଣ୍ଟ ଓ ବାଲିର ମିଶ୍ରଣ ବଦଳରେ ପୁରୁଣା ସିମେଂଟ ବସ୍ତା ଏବଂ କୁଟା ଭର୍ତି କରାଯାଇ ତା' ଉପରେ ପ୍ଲାଷ୍ଟରିଂ କରି ଦୁର୍ନୀତିକୁ ଲୁଚାଇବାକୁ ପ୍ରୟାସ କରାଯାଇଛି । କଂକ୍ରିଟରେ ସିମେଂଟର ଭାଗ ଏତେ ନଗଣ୍ୟ ଯେ, କାଠିରେ ଘଷିଲେ ବାଲି ଓ ସିମେଂଟ ଝଡ଼ି ପଡ଼ି ଭିତରେ ଥିବା ଲୁହାଛଡ଼ ଦେଖାଯାଉଛି ।

ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଠିକାଦାର ସୁକଦେବ ତାଣ୍ଡି ନିଜ ମନମାନିରେ ଅତି ନିମ୍ନମାନର କାମ କରୁଛନ୍ତି । କାର୍ଯ୍ୟର ମାନକୁ ନେଇ ଲୋକେ ପ୍ରଶ୍ନ କଲେ, ଠିକାଦାର ଓ ଶ୍ରମିକମାନେ ଓଲଟା ଯୁକ୍ତିତର୍କ କରି ଗ୍ରାମବାସୀଙ୍କୁ ଅପମାନିତ କରୁଛନ୍ତି । ଧଳା ହାତୀ ସାଜିଥିବା ଏହି ପ୍ରକଳ୍ପ ସ୍ଥଳରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ । ପ୍ରଶ୍ନ ଉଠୁଛି, କାମ ଚାଲିଥିବା ବେଳେ ବିଭାଗୀୟ ଯନ୍ତ୍ରୀ କିମ୍ବା ଏସଡିଓ କୁଆଡ଼େ ଯାଇଥିଲେ ? ସେମାନଙ୍କ ଅନୁପସ୍ଥିତି ଓ ନିରବତା କ'ଣ ପିସି କାରବାରର ସଙ୍କେତ କି ? ଏହି ଦୁର୍ନୀତି ବାବଦରେ ମୁରିବାହାଲ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ବିଶ୍ୱଜିତ୍ ଜେନାଙ୍କୁ ପଚାରିବାରୁ ସେ ଅଜବ କଥା କହିଛନ୍ତି । ପ୍ରକଳ୍ପ ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି ତାହା ତାଙ୍କର 'ମନେ ନାହିଁ' ବୋଲି ସେ କହିଛନ୍ତି । ସେହିପରି ଏସଡିଓ ରାକେଶ କୁମାର ମଧ୍ୟ ଅଟକଳ ପରିମାଣ ଜାଣିନାହାନ୍ତି ଏବଂ ଏବେ ସୂଚନା ଫଳକ ଲଗାଇବା ପାଇଁ ଠିକାଦାରଙ୍କୁ କହିବେ ବୋଲି କହି ନିଜ ଦାୟିତ୍ୱ ସାରିଦେଇଛନ୍ତି । ବିଭାଗୀୟ ଅଧିକାରୀଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇଛି, ତାହା ସ୍ପଷ୍ଟ କରୁଛି ।

"ଏହା କେବଳ ଅବହେଳା ନୁହେଁ, ବରଂ ଜନସାଧାରଣଙ୍କ ଜୀବନ ସହ ଖେଳ । ଠିକାଦାର ଏବଂ ବିଭାଗୀୟ ଅଧିକାରୀ ନିଜ ପକେଟ ଗରମ କରିବା ପାଇଁ ଗାଁ ଲୋକଙ୍କୁ ମରଣ ଯନ୍ତାକୁ ଠେଲି ଦେଉଛନ୍ତି ।" ବାଙ୍କେଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏହି ମହାଦୁର୍ନୀତିର ନିରପେକ୍ଷ ତଦନ୍ତ ସହ ଠିକାଦାର ସୁକଦେବ ତାଣ୍ଡି ଏବଂ ଦାୟିତ୍ୱରେ ଅବହେଳା କରିଥିବା ଯନ୍ତ୍ରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଯଦି ତୁରନ୍ତ ଏହାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ବାଙ୍କେଲ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବିଶିଷ୍ଟ ଧର୍ମପରାୟଣ ମହିଳା ଅମୃତ ମହାନ୍ତଙ୍କ ପରଲୋକ

ଚମ୍ପୁଆ, ୫/୦୬ (ନି.ପ୍ର): ଚମ୍ପୁଆ ବ୍ଲକ ଭଣ୍ଡା ପଂଚାୟତ ଅନ୍ତର୍ଗତ ଭଣ୍ଡା ଗ୍ରାମ ବାଙ୍କିସାହିର ଜଣେ ଧର୍ମପରାୟଣା ତଥା ପରୋପକାରୀ ମହିଳା ଅମୃତ ମହାନ୍ତ ଙ୍କର ୯୧ ବର୍ଷ ବୟସରେ ଆକସ୍ମିକ ପରଲୋକ ହୋଇଯାଇଛି । ସେ ଗ୍ରାମର ଲୋକପ୍ରିୟ ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ମହାନ୍ତଙ୍କ ଧର୍ମପତ୍ନୀ ଥିଲେ । ସୂଚନା ଅନୁଯାୟୀ, ଗତକାଲି ସେ ଗାଧୁଆଘରକୁ ନିତ୍ୟକର୍ମ ପାଇଁ ଯାଇଥିବା ସମୟରେ ହଠାତ ସଜ୍ଞାହୀନ ହୋଇପଡ଼ିଥିଲେ । ତାଙ୍କୁ ପ୍ରଥମେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର (୩ ଜୁନ) ରାତି ପ୍ରାୟ ୮ଟା ୩୦ ମିନିଟ ସମୟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ସ୍ୱର୍ଗତ ମହାନ୍ତ ଜଣେ ଅତ୍ୟନ୍ତ ଦୟାଳୁ ମହିଳା ଥିଲେ । ଦୀନ-ଦୁଃଖୀ ଓ ଅଭାବୀ ଲୋକେ ଅସୁବିଧାରେ ପଡ଼ି ତାଙ୍କ ପାଖକୁ ଆସିଲେ, ସେ କାହାରିକୁ ଖାଲି ହାତରେ ଫେରାଉ ନଥିଲେ । ଲୋକ ସେବାରେ ନିଜକୁ ସର୍ବଦା ଆଗଭର ରଖୁଥିଲେ । ତେଣୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଉମ୍ବରୁଧର ମହାନ୍ତ, ଇଂ. ମହେନ୍ଦ୍ର କୁମାର ମହାନ୍ତ ଓ ସୁଶାନ୍ତ ମହାନ୍ତ (ରୁଷି), ବୋହୂ ଜାନକୀ, ଅତସୀ ଓ ଉଷାରାଣୀ, ଝିଅ ମଞ୍ଜୁଲତା ମହାନ୍ତ, ନାତି ଓ ନାତୁଣୀ ବୋହୂ ହେମନ୍ତ ମହାନ୍ତ (ସୁନ୍ଦରା), କଳ୍ପନା, ପ୍ରତୀକ ରଞ୍ଜନ, ନିଶାନ୍ତ, ବିକାଶ, ଯତୀନ୍ଦ୍ର କୁମାର ଓ ତରଣୀସେନ, ନାତୁଣୀ ଓ ନାତିଜ୍ୱାଇଁ ଚନ୍ଦିନୀ, ସାଗରୀକା, ଛୋଟରାୟ ଓ ଦିବାକର , ଅଣନାତି ଏଚ. କେ. ଅମିତ ଅନୁରାଗ ଓ ପ୍ରିତମ ପ୍ରୀତିରାଜଙ୍କ ସମେତ ସମସ୍ତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଖବର ପାଇ ଗ୍ରାମ ତଥା ଆଖପାଖ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ 'ଡାକୁଆ ବନ୍ଧ' ନିକଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସ୍ୱର୍ଗତ ମହାନ୍ତଙ୍କ ବଡ଼ ପୁଅ ଉମ୍ବରୁଧର ମହାନ୍ତ ମୁଖାଗ୍ନି ଦେଇଥିଲେ ।

# ଏସଆଇଆର୍ ସଚେତନତା ରଥ ବ୍ଲକ ସାରା ବୁଲି ଜନସାଧାରଣଙ୍କୁ ସଚେତନ କରିବ

କେନ୍ଦ୍ରାପଡା, ୫/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ୨୭ଗୋଟି ପଂଚାୟତରେ ସଚେତନତା ରଥ ପ୍ରତ୍ୟକ ପଂଚାୟତର ପ୍ରତ୍ୟକ ଗ୍ରାମ ଗୁଡିକ ବୁଲି ଏସ୍ଆଇଆର୍ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ । କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଚ୍ଛାପୁର ରଥଦାଣ୍ଡରେ କେନ୍ଦ୍ରାପଡା ବ୍ଲକ ତରଫରୁ ଆୟୋଜିତ ଏସ୍.ଆଇ.ଆର୍ ସମ୍ପର୍କରେ ଏକ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଯୋଗଦେଇ ଏକ ସଚେତନତା ରଥକୁ ଉଦ୍ଘାଟନ କରିବା ସହ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଏସ୍.ଆଇ.ଆର୍ ଲେଖାଥିବା ଗୁଡି ଉଡାଯାଇଥିଲା । କେନ୍ଦ୍ରାପଡା ବ୍ଲକ ବିଡିଓ ଅଭିଶେକ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏଲ୍ଓ ମାନେ ପ୍ରତ୍ୟେକ ଘର ଘର ବୁଲି ଘର ଗୁଡିକରେ ପରିଗଣନା ଫର୍ମ ପ୍ରଦାନ କରିବେ । ଫର୍ମ ପୂରଣ କରିବାରେ ସହଯୋଗ କରିବେ (ମାର୍ଗଦର୍ଶନ କରିବେ) ଆପଣମାନଙ୍କ ଦ୍ୱାରା ସମସ୍ତ ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରିବେ । ଏବଂ ଆପଣଙ୍କୁ ଏକ ସ୍ୱିକୃତି ପତ୍ର ପ୍ରଦାନ କରିବେ । ଯାଇ ଜନସାଧାରଣଙ୍କ ଠାରୁ ତଥ୍ୟ ସଂଗ୍ରହ କରି ଏଥିସହିତ ସମସ୍ତଙ୍କୁ ପରିଗଣନା ଫର୍ମ ପ୍ରଦାନ କରିବେ । ତଥ୍ୟ ସଂଗ୍ରହ ସମୟରେ ବିଏଲ୍ଓ ସୁପର ଭାଇଜର୍ ମାନଙ୍କୁ ଜନସାଧାରଣ ପୁନଃମାତ୍ରାରେ ସହଯୋଗ କରିବା ପାଇଁ ଉପଜିଲ୍ଲାପାଳ ନିବେଦନ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଡିଓ ଙ୍କ ସହିତ ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ଡେପୁଟି କଲେକ୍ଟର ଶାନ୍ତିଲତା ବୁଢ଼ିଆଳ, ସହକାରୀ ଜିଲ୍ଲାପାଳ, ଡବ୍ଲ୍ୟୁଓ ଶୁବ୍ରଜିତ ରାଉତଙ୍କ ସହ ରୁଦ୍ର ନାରାୟଣ ଦାସ, ମିର୍ ସଲ୍ଲିମୁଦ୍ଦିନ, ସଂଗୀତା ବେହେରା, ସ୍ୱର୍ଣ୍ଣପ୍ରଭା ସେଠୀଙ୍କ ସହ ଜିପିଓ, ବିଏଲ୍ଓ ସୁପରଭାଇଜରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ହୀରାକୁଦ ଅଂଚଳରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ : ଜଣେ ଗିରଫ

ସମ୍ବଲପୁର, ୫/୦୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ଅନ୍ତର୍ଗତ ଆଇଟିଆଇ ଗୁଜାତାଲ ଛକ ନିକଟରେ ଗତକାଲି ସକାଳ ୮ଟା ବେଳେ ଜଣେ ୧୯ ବର୍ଷୀୟ ଯୁବକଙ୍କୁ କିଛି ଦୁର୍ବୃତ ସଂଘବଦ୍ଧ ଭାବେ ଛୁରାମାଡ଼ କରିଥିଲେ । ରକ୍ତାକ୍ତ ଅବସ୍ଥାରେ ଆହତ ଯୁବକଙ୍କୁ ତୁରନ୍ତ ବୁର୍ଲା ଭୀମସାରରେ ଚିକିତ୍ସା ପାଇଁ ଭର୍ତି କରା ଯାଇଥିଲା । ଗୁରୁତର ଯୁବକ ଜଣକ ହେଲେ ଗଗନ କୁମାର ଜଗଦୀଶ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ଗଗନ ସଉଦା ଆଣିବା ପାଇଁ ଘର ପାଖରେ ଥିବା ଏକ ତେଜରାତି ଦୋକାନକୁ ଯାଉଥିଲେ । ଏହି ସମୟରେ ପୂର୍ବ ପ୍ରସ୍ତୁତିରେ ଛକି ରହିଥିବା ମନୋରଞ୍ଜନ ଦୋରା ଓ ତା'ର କିଛି ସହଯୋଗୀ ମିଳିତ ଭାବେ ହଠାତ୍ ଗଗନଙ୍କୁ କିଛି ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏଭଳି ମରଣାନ୍ତକ ଆକ୍ରମଣରେ ଗଗନ ଶରୀରରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଆହତ ଗଗନକୁ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମସାର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏସମ୍ପର୍କରେ ଗଗନଙ୍କ ବାପା କରୁଣାକର ଜଗଦୀଶ ହୀରାକୁଦ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏସଂକ୍ରାନ୍ତରେ ୧୨୧/ ୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଏହି ସମ୍ବେଦନଶୀଳ ଘଟଣାକୁ ଗମ୍ଭୀରତାର ସହ ନେଇ ସମ୍ବଲପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମ୍ରୁ ଙ୍କର ନିର୍ଦ୍ଦେଶକ୍ରମେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ବୁର୍ଲା ପୋଲିସ ଏସଡିପିଓ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୀରାକୁଦ, ବୁର୍ଲା ଏବଂ ଅଇଁଠାପାଲି ଥାନାର ଥାନାଧିକାରୀ ମାନଙ୍କୁ ନେଇ ଏହି ସ୍ପେଶାଲ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତ ମନୋରଞ୍ଜନ ଦୋରାକୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି । ଏହା ସହିତ ଅପରାଧରେ ବ୍ୟବହୃତ ହୋଇଥିବା ଏକ ବୁଲେଟ୍ ମୋଟର ସାଇକେଲକୁ ମଧ୍ୟ ଜବତ କରାଯାଇଥିବା ଜଣାପଡ଼ିଛି ।

# ବ୍ରାହ୍ମଣୀ ନଦୀରେ ବୁଡି ଛାତ୍ରୀ ମୃତ୍ୟୁକୁ ନେଇ ଅଂଚଳରେ ଶୋକ

ଧର୍ମଶାଳା, ୫/୦୬ (ନି.ପ୍ର): ଯାଜପୁର ଜିଲ୍ଲାରେ ଅଘଟଣ । ନଦୀରେ ଗାଧୋଇବା ହେଲା କାଳ । ବ୍ରାହ୍ମଣୀ ନଦୀରେ ବୁଡି ଛାତ୍ରୀ ମୃତ । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଅଧିନ ଚନ୍ଦନପୁର ଗ୍ରାମରେ । ମୃତକ ଚନ୍ଦନପୁର ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଝିଅ ଶୁଭଲକ୍ଷ୍ମୀ ବୋଲି ଜଣାପଡିଛି । ସେ ତିନି ଜଣ ସାଙ୍ଗଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନଦୀରେ ବୁଡି ଯାଇଥିଲେ କ୍ଷ ଖବର ପାଇ ବରୀ ଅଗ୍ନିଶମ ବାହିନୀ ପହଁଚି ନଦୀରୁ ଶୁଭଲକ୍ଷ୍ମୀଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ୧୮ ତମ ବାର୍ଷିକ ବରୁଣେଇ ରଜମହୋତ୍ସବ -୨୦୨୬ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା , ୦୫/୬ (ନି.ପ୍ର): ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ୧୮ ତମ ବାର୍ଷିକ ବରୁଣେଇ ରଜ ମହୋତ୍ସବ -୨୦୨୬ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନାଦି ଚରଣ ସେଠୀ, ଶ୍ରୀ ନିକୁଞ୍ଜ କୁମାର ପଟ୍ଟନାୟକ ମଞ୍ଚାଷିନ ଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରି ସଭା ସଂଯୋଜନା କରିଥିଲେ। ସଭାର ସଭାପତି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ବରୁଣେଇ ରଜମହୋତ୍ସବ କୁ ବିଗତବର୍ଷ ମାନଙ୍କ ପରି ଶାନ୍ତି, ମୈତ୍ରୀ, ସମ୍ପ୍ରିତି ଓ ଭାଇଚାରା ସହ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ଗୁରୁତ୍ୱାରୋପ କରି ପାନୀୟଜଳ ଯୋଗାଣ, ଆଲୋକିକରଣ, ମନ୍ଦିର ସୌନ୍ଦର୍ଜିକରଣ, ଅଗ୍ନିଶମ ସେବା, ପ୍ରାଥମିକ ଚିକିତ୍ସା ସେବା ଓ ପରିମଳ ସେବାକୁ ତ୍ୱରାନିତ ଉପଲବ୍ଧ ଦିଗରେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ରଜମହୋତ୍ସବ ସଭାପତି ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ମିତ୍ର ପ୍ରତିବର୍ଷ ଜିଲ୍ଲା ପ୍ରଶାସନର ସହଯୋଗ ରେ ବରୁଣେଇ ରଜ ମହୋତ୍ସବ ସଫଳ ଭାବେ ପାଳିତ ହେଉଥିବାରୁ ପ୍ରଶାସନକୁ ଧନ୍ୟବାଦ ପ୍ରଦାନ କରି ଚଳିତ ୧୮ ତମ ରଜ ମହୋତ୍ସବ ସଫଳତା ଦିଗରେ ମଧ ପୂର୍ବ ବର୍ଷ ପରି ସହଯୋଗ ପାଇଁ ଅତିରିକ୍ତ ଜିଲ୍ଲାପାଳ ଏବଂ ବୈଠକର ସଭାପତି ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଜିଲ୍ଲା ସଂସ୍କୃତି ଅଧିକାରୀ ମହୋତ୍ସବର ବିଭିନ୍ନ କାର୍ଯ୍ୟସୂଚୀ ସମ୍ବନ୍ଧରେ ପ୍ରସ୍ତାବ ରଖିଥିଲେ । ଚଳିତ ବର୍ଷ ଜୁନ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବରୁଣେଇ ରଜ ମହୋତ୍ସବ ପାଳିତ ହେବ । ଏଥି ନିମନ୍ତେ ଓ୍ୱାଟକୋ ପକ୍ଷରୁ ୮ ଗୋଟି ସିନ ଟେଙ୍କ ମାଧମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅଗ୍ନି ନିର୍ବାପକ ଯନ୍ତ୍ର ତଥା ଫାୟାର ଏକ୍ସଟିନ ଗୁଇସର୍ ଓ ଅଗ୍ନିଶମ ଭ୍ୟାନ ରଖିବା,ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କୁ ତ୍ୱରାନିତ ଭାବେ ତିନିଦିନ ଧରି ମହୋତ୍ସବରେ ଯୋଗାଇ ଦେବାକୁ ଅଧକ୍ଷ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଓ ପାନୀୟ ଜଳ ଯୋଗାଣ ପାଇଁ ଖୋର୍ଦ୍ଧା ପୌରପରିଷଦ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟି ପି ସି ଓ ଡି ଏଲ, ତ୍ୱରଣ ନିର୍ମାଣ,ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ଓ ଟ୍ରାଫିକ ସେବା ଯୋଗାଣ,ଅତିଥି ମାନଙ୍କୁ ମହୋତ୍ସବରେ ସନ୍ଧ୍ୟା ସମୟରେ ଯୋଗଦାନ ପାଇଁ ନିମନ୍ତ୍ରଣ, ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ରୂପରେଖ ପ୍ରଦର୍ଶନ ନିମନ୍ତେ ଜିଲ୍ଲା ପରିଷଦ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଶିକ୍ଷା ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ, ମୃର୍ତ୍ତିକା ସଂରକ୍ଷଣ, ଜଙ୍ଗଲ ବିଭାଗ, ବ୍ୟାଙ୍କ୍, ଇନ୍ସୁରାନ୍ସ କମ୍ପାନୀ ଷ୍ଟଲ, ଓଡ଼ିଶା ପର୍ଯ୍ୟଟନ ବିଭାଗ, ବୈଷୟିକ ଅନୁଷ୍ଠାନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଷ୍ଟଲ ଖୋଲା ଯିବା ଓ ଭାରତ ସରକାରଙ୍କ ସଙ୍ଗୀତ ନାଟକ ଏକାଡେମୀ ଆନୁକୁଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ସେହିପରି ପାରମ୍ପାରିକ ରଜ ପାଳନ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରିବାକୁ ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ତଥ୍ୟ ପ୍ରଦାନ ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ବୈଠକର ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ସମସ୍ତ ସଂପୃକ୍ତ ସରକାରୀ ଅଧିକାରୀ ମାନେ ସେମାନଙ୍କ ନ୍ୟସ୍ତ ଦାୟିତ୍ୱକୁ ସୁଚାରୁ ରୁପେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ମହୋତ୍ସବ କମିଟି ସଭାପତି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ମିତ୍ର ସମସ୍ତଙ୍କ ଅକୁଣ୍ଠ ସହଯୋଗ କାମନା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ଆଇ ଆଇ ସି, ଶିଖାଞ୍ଚଳ ଥାନା ଉମେଶ କୁମାର ସାହୁ, ସହକାରୀ ପରିଚାଳିକା, ଓ୍ୱାଟକୋ, ଖୋର୍ଦ୍ଧା, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଲିପ୍ସା ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଆସିଷ୍ଟାଣ୍ଟ କଲେକ୍ଟର ରିଶବ୍ ତ୍ରିପାଠୀ,ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ପୌର ପରିଷଦ କାବେରୀ ମୁଦୁଲି, ସହକାରୀ ଅଗ୍ନି ଶମସେବା ଅଧିକାରୀ ଗୌତମ ସାମନ୍ତରା, ସ୍ୱେଚ୍ଛାସେବୀ ସଂଗଠନ ଦିଶାନ୍ତ ସମ୍ପାଦକ ଓ କର୍ମକର୍ତ୍ତା ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପୁଣି ଚାଞ୍ଚଲ୍ୟ ଖେଳାଇଲା ...

ମେ ୨୮ରେ ଏକ ଗାଡ଼ିକାଚ ଭଙ୍ଗାକୁ ନେଇ, କିଛି ଯୁବକ ଗୌରାଙ୍ଗଙ୍କୁ ବ୍ରାହ୍ମଣୀ ନଦୀ ପାଖରେ ଟେକିଆଣି ହାତ ଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ତାପରଠୁ ଗୌରାଙ୍ଗଙ୍କ ପତ୍ତା ମିଳୁନଥିଲା। ଏନେଇ ୨୯ରେ ପରିବାରଲୋକେ ଥାନାରେ ଅଭିଯୋଗ ଦେଇଥିଲେ । ୪ ଦିନ ପୁଲିସ ଚୁପ୍ ବସିବା ଅଭିଯୋଗ କରି, ୧ ତାରିଖରେ ଥାନା ଘେରାଉ ହୋଇଥିଲା । ଏହାପରେ ପୁଲିସ ଦେଖାଇଥିଲା ତତ୍ପରତା । ହେଲେ ଗୌରାଙ୍ଗଙ୍କ ପତ୍ତା ମିଳିବା ବେଳକୁ ସବୁକିଛି ଶେଷ । ଆଜି ଘଟଣାର ୯ ଦିନ ପରେ ବାରମାଣିଆରୁ ମିଳିଛି ୪ଟି ହାଡ଼, ଖପୁରି, କିଛି ଚୁଟି ଓ ଅଖାରେ ଏକ ନୀଳ ଗଞ୍ଜି । ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ତନାଘନା କରିଛି ପୋଲିସ ।କେନ୍ଦ୍ରାପଡ଼ା ଏସପି କହିଛନ୍ତି ଯେ, ଏହି ମାମଲାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ନାଲି ବୋଲେରୋ ଜବତ ହେବା ସହ ଅନ୍ୟ ୪ ଜଣ ଅଟକ ଅଛନ୍ତି । ଅଭିଯୁକ୍ତଙ୍କ ସୂଚନା ଆଧାରରେ ସେହି ସ୍ଥାନରେ ଖୋଜାଖୋଜି ବେଳେ ଅସ୍ଥି ଅବଶେଷ ଉଦ୍ଧାର ହୋଇଛି । ସେପଟେ ପୁଲିସ ପ୍ରଥମରୁ ତତ୍ପରତା ଦେଖାଇଥିଲେ ହୁଏତ ଗୌରାଙ୍ଗଙ୍କୁ ରକ୍ଷା କରାଯାଇପାରନ୍ତା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ମାତ୍ର ୯ ଦିନରେ ମୃତଦେହ ସମ୍ପୂର୍ଣ୍ଣ ଗାୟବ ହୋଇଯିବା ଓ କେବଳ କେଇଖଣ୍ଡ ହାଡ଼ ମିଳିବା, ମାମଲାକୁ ଆହୁରି ରହସ୍ୟାବୃତ କରିଛି ।

### ଗଙ୍ଗୱାରଙ୍କୁ ଜେରା...

ତୃତୀୟ ଦିନ ପୀଡ଼ିତାଙ୍କ ଠାରୁ ଆରମ୍ଭ କରି ଡାକ୍ତରୀ ଟିମ୍, ଆମ୍ବୁଲାନ୍ସ ଚାଳକ, ଓମ୍ ପ୍ରକାଶ ରାଉତ, ବାଲିଅନ୍ତା ଥାନାର ପୂର୍ବତନ ଆଇଆଇସିଙ୍କୁ ମିଶାଇ ୧୨ଜଣ କର୍ମଚାରୀଙ୍କୁ ମାରାଥନ ଜେରା କରିଥିଲେ। ଚତୁର୍ଥ ଦିନରେ ସୌମ୍ୟଙ୍କ ବାନ୍ଧବୀ, ଏସିପି ଅଭିମନ୍ୟୁ ନାୟକ, ବାଲିଅନ୍ତା ଥାନା ପୂର୍ବତନ ଆଇଆଇସି ଶ୍ରୀ ପରିଡ଼ା ଏବଂ ୪ ନିଲମ୍ବିତ ପୁଲିସ କର୍ମଚାରୀଙ୍କୁ ମାରାଥନ ଜେରା କରିଥିଲେ। ୫ଦିନ ତଦନ୍ତରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଏନ୍ଏଚ୍ଆରସି ଟିମ୍ ପ୍ରତିକ୍ରିୟାରେ କହିଛନ୍ତି। ଟିମ୍ ତଦନ୍ତ ରିପୋର୍ଟ ଦେବା ପରେ ଏନ୍ଏଚ୍ଆରସିଙ୍କ ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରାଯାଇଛି।

### ଘରୋଇ ସ୍କୁଲକୁ ...

ମୁତାବକ ୧୦ ହଜାର ଟଙ୍କା ଲାଞ୍ଚ ଦେବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା । ପୂର୍ବ ଯୋଜନା ଅନୁଯାୟୀ ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଆଖ ପାଖରେ ଜଗି ରହିଥିଲେ । ତେବେ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଧରିବା ସହ କାଗଜପତ୍ର ଯାଞ୍ଚ କରିଛି । ଏହା ପରେ ଭିଜିଲାନ୍ସ ଟିମ୍ ଘର , ଅଫିସ ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ହେଉଥିବା ସୂଚନା ମିଳିଛି ।

# ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ

ବୈଶିଙ୍ଗା, ୦୫/୬ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବିଦୁକୁଡିଆ ଗ୍ରାମର ଜନୈକା ମହିଳା ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ବାହାରେ ଥିବା ବେଳେ ବଜ୍ରାଘାତ ହେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରରୁ ପ୍ରକାଶ ବିଦୁକୁଡିଆ ଗ୍ରାମର ବଂଶୀଧର ପାତ୍ରଙ୍କର ଅବିବାହିତା କନ୍ୟା ଝୁନୁ ପାତ୍ର (୩୭) ବର୍ଷା ଆସିବାରୁ ନିଜ ଗାଇଟିକୁ ଆଣୁଥିବା ସମୟରେ ବଜ୍ରପାତ ହୋଇଥିଲା । ସଙ୍ଗେ ସଙ୍ଗେ ସେହିଠାରେ ହିଁ ଟଳି ପଡ଼ିଥିଲେ । ପରିବାର ବର୍ଗ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଅସିଥିଲେ । ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ବୈଶିଙ୍ଗା ଥାନାରେ ୨୭/୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରାଯାଇଛି।

# ହେଲଦି ଲାଇଫ୍‌ର ଡା. ଚିତ୍ତରଂଜନ ସାହୁଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନ



ବାଲେଶ୍ୱର, ୦୫/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ହେଲଦି ଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଅରର ମୁଖ୍ୟ ଡାକ୍ତର ଚିତ୍ତରଞ୍ଜନ ସାହୁଙ୍କୁ ୨୦୨୫/୨୬ ପାଇଁ ରେମୁଣା ବ୍ଲକର ବିଶିଷ୍ଟ ପ୍ରାକୃତିକ ଚିକିତ୍ସକଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ ବାଲେଶ୍ୱର କଲେକ୍ଟର ଅଫିସ ଗ୍ରିଭେନ୍ସ ପ୍ରକୋଷ୍ଠରେ ଏଡିଏମ୍ ତପନ କୁମାର ଖୁଣ୍ଟିଆ ଓଡ଼ିଶା ବନ ବିଭାଗ ମୁଖ୍ୟ ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଜୁନ୍ ୫ ପରିବେଶ ଦିବସରେ ପ୍ରଦାନ କରାଯାଇଥିଲା । ଡାକ୍ତର ସାହୁ, ୩ ବର୍ଷ ଧରି ଜାତୀୟ ସେବା ଯୋଜନା ମାଧ୍ୟମରେ ରେମୁଣା ବେଗମପୁର ଗ୍ରାମରେ ୬ ଏକର ଜମରେ ବାଡ଼ଘେରି ୫ ହଜାର ଅଧିକ ଗଛ ଲଗାଇ ବଞ୍ଚାଇ ଯତ୍ନରେ ରଖି ଥିବାରୁ ପରିବେଶ ପାଇଁ ଜଙ୍ଗଲ ସୁରକ୍ଷା, ସମୁଦ୍ର କୂଳ ଚାନ୍ଦିପୁର ସଫେଇ, ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛ ଭାରତ ପାଇଁ ବିଭିନ୍ନ କାର୍ଯ୍ୟ ତଥା ପ୍ରାକୃତିକ ଚିକିତ୍ସା, ମାଟି, ପାଣି, ଆକାଶ, ବାୟୁର ଶୁଦ୍ଧିକରଣ ଓ ଚିକିତ୍ସା ଉପରେ କାର୍ଯ୍ୟ ତଥା ଦୀର୍ଘଦିନ ଧରି ଚିକିତ୍ସା କରିଆସୁଥିବାରୁ ଏହି ସମ୍ମାନ ମିଳିପାରିଛି । ତାଙ୍କ ଭାଷାରେ ସମସ୍ତେ ପ୍ରକୃତିକୁ ଫେରିବାକୁ ପଡ଼ିବ ତେବେ ଯାଇ ମାନବ ସଭ୍ୟତା ବଞ୍ଚି ପାରିବ ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନମଜୁରିଆ ମୁଣ୍ଡା ଦମ୍ପତି



ଉଦଳା, ୦୫/୬ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ବାଲିନାଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ଜଷ୍ଟେନ ମୁଣ୍ଡା ଓ ତାଙ୍କର ସହଧର୍ମିଣି ରଇବାରି ମୁଣ୍ଡା ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡ ପିଛା ୫କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ଦମ୍ପତି ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଖବର ନେବାରୁ ଏହି ଦୁଇ ଦମ୍ପତିଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସେମାନେ ଚାଉଳ ପାଇପାରୁ ନଥିବାର ଜଣାଯାଇଛି । ତେବେ ଆଧାର ପାଇଁ ସେମାନେ ବାରମ୍ବାର ଫଟୋ ଉଠାଇଥିଲେ ମଧ ତାଙ୍କର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା କହିଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବହୁ ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ଆଧାର ନଥିବା ଯୋଗୁଁ ସେ ବ୍ୟାଙ୍କରେ ପାସବୁକ ଖୋଲି ପାରୁ ନାହାଁନ୍ତି କିମ୍ବା ଆବାସ ଯୋଜନାରେ ଘର ପାଇପାରୁ ନଥିବାର ଜଣାଇଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।

# ବିଷ୍ଣୁ ସେଠୀ ଚିରସ୍ମରଣୀୟ ହୋଇ ରହିଥିବେ: ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର, ୦୫/୬ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ମରଣ କରିଛନ୍ତି। ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବିଶିଷ୍ଟ ସାହିତ୍ୟିକ, ପୂର୍ବତନ ବିଧାୟକ ଓ ପୂର୍ବତନ ବିରୋଧୀ ଦଳ ଉପ ନେତା ବିଷ୍ଣୁ ସେଠୀଙ୍କ ଜୟନ୍ତୀରେ ଭକ୍ତିପୂତ ପ୍ରଣାମ। ଜଣେ ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱ, ସାହିତ୍ୟ ଜଗତର ଉଜ୍ଜ୍ୱଳ ତାରକା, ସାମ୍ବାଦିକ ଏବଂ ନିର୍ଭୀକ ରାଜନେତା ଭାବେ ସେ ଓଡ଼ିଶାରେ ସୃଷ୍ଟି କରିଥିଲେ ଏକ ସ୍ୱତନ୍ତ୍ର ପରିଚୟ ।

# ପଲ୍ଲୀଠାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଧର ସେନାପତିଙ୍କ ସମ୍ବର୍ଦ୍ଧନାରେ ବୃକ୍ଷ ରୋପଣ ଓ ପୂଜ୍ୟପୂଜା କାର୍ଯ୍ୟକ୍ରମ




ଭଦ୍ରକ, ୦୫/୬ (ନି.ପ୍ର): ଭଦ୍ରକ ବ୍ଲକର କୋଡ଼ବରୁଆଁ ପଂଚାୟତ ର ପଲ୍ଲୀ ଠାରେ ସାବରଙ୍ଗ ଫିଡ଼ର ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ସେନାପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ପୂଜ୍ୟ ପୂଜା କାର୍ଯ୍ୟକ୍ରମ ଗତ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଦଲ କିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆର. ଏସ. ଏସ. ଜୋନ ର ସହ ବିଭାଗ ପ୍ରମୁଖ ପାର୍ଥ ସାରଥୀ ଦାସ, ମୁଖ୍ୟ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ କିଶୋର ପାଣିଗ୍ରାହୀ, ଦାମୋଦର ସଂସ୍କୃତ ବିଦ୍ୟାଳୟ ର ଅଧକ୍ଷ ନିତ୍ୟାନନ୍ଦ ମିଶ୍ର, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ଅବସରପ୍ରାପ୍ତ ବିଇଓ ଶମ୍ଭୁନାଥ ପାଣିଗ୍ରାହୀ, ଖବରଦାତା ଉତ୍ତମ ମିଶ୍ର ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦେଇ କହିଥିଲେ, ଶିକ୍ଷକ ମାନେ ହେଉଛନ୍ତି ସମାଜ ଗଠନରେ ମୁଖ୍ୟ କର୍ଣ୍ଣଧାର। ଶିକ୍ଷକଙ୍କ ବିନା ସମାଜ ଗଠନ କରିବା ଅସମ୍ଭବ । ଭାରତୀୟ ସଂସ୍କୃତିକୁ ଜାଗ୍ରତ ଓ ସଶକ୍ତ କରିବା ତଥା ଅବସର ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ପୂଜ୍ୟପୂଜାର ବିଧିବିଧାନରେ ବିଦ୍ୟାଧର ସେନାପତିଙ୍କ ଉଦ୍ଦେଶ୍ୟରେ ତାଙ୍କର ପଲ୍ଲୀସ୍ଥିତ ପୈତୃକ ବାସଭବନରେ ପରିସରରେ ପ୍ରଥମେ ବୃକ୍ଷ ରୋପଣ ଓ ପ୍ରଧାନ ଶିକ୍ଷକ ବିଦ୍ୟାଧର ସେନପତିଙ୍କ ମା ଙ୍କୁ ପୂଜନ କରାଯାଇଥିଲା ପରେ ଅବସରରେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଶିକ୍ଷକ ଡମ୍ବରୁ ଧର ବାରିକ ମଞ୍ଚ ଆମନ୍ତ୍ରଣ, ଶିକ୍ଷୟତ୍ରୀ ମନୋରମା ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବସର ପ୍ରାପ୍ତ ବ୍ୟାଙ୍କ ଡେପୁଟି ମ୍ୟାନେଜର ନିରଞ୍ଜନ ସେନାପତି ଧନ୍ୟବାଦ ଦେଇଥିଲେ।

# ଅନ୍ତରୀକ୍ଷର ରଜ ଉତ୍ସବ



କଟକ, ୦୫/୬ (ନି.ପ୍ର): ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ଓ ତ୍ରୟ ମାସିକ ସାହିତ୍ୟପତ୍ରିକା ଅନ୍ତରୀକ୍ଷ ପକ୍ଷରୁ ତାର ଅଷ୍ଟମ ବାର୍ଷିକ ରଜ ଉତ୍ସବ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନ ରେ ସଫଳତାର ସହିତ ପାଳିତ ହୋଇଯାଇଛି। ଆୟୋଜିତ ଏହି ଉତ୍ସବରେ ଦୁଇ ପର୍ଯ୍ୟାୟ ବିଶିଷ୍ଟ ଏକ ସଭାର ଆୟୋଜନ କରାଯାଇଥିଲା। ସଭାର ପ୍ରଥମାର୍ଦ୍ଧରେ ବରିଷ୍ଠ କବି ଶ୍ରୀଯୁକ୍ତ ଚିନ୍ତାମଣି ମହାଳିକ ଙ୍କ ସଭାପତିତ୍ୱ ରେ ଶତାଧିକ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ , ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି , ସମାଜ ସେବୀ , ସୁସଂଘଠିକା ପ୍ରାକ୍ତନ ଶିକ୍ଷୟତ୍ରୀ ଡ. ଗୀତାଞ୍ଜଳି ମହାପାତ୍ର , ମୁଖ୍ୟ ବକ୍ତା କବି ସମାଜସେବୀ ସଂଘଠକା ଶ୍ରୀମତୀ କୌଶଲ୍ୟା ବେଉରିଆ , ସମ୍ମାନୀତ ବକ୍ତା ସୁପରିଚିତ କବି , ଗାଳ୍ପିକା ଶ୍ରୀମତୀ ସନ୍ତୋଷିନୀ ଦାଶ (ଗିରି) , ସମ୍ମାନୀତ ଅତିଥି ସୁଲେଖିକା ଶ୍ରୀମତୀ ହେମାଙ୍ଗିନୀ ପଟ୍ଟନାୟକ ଯୋଗଦେଇଥିବା ବେଳେ କଟକ ରୁ ଶୁଲେଖିକା ଶ୍ରୀମତୀ ସ୍ନିଗ୍ଧା ନାୟକ ଓ କନ୍ଧମାଳ ନ୍ୟାୟିକ ମାନବାଧିକାର ପରିଷଦର ରାଜ୍ୟ ସଭାପତି ଶ୍ରୀଯୁକ୍ତ ନିଳାଦ୍ରୀ କେଶରୀ ସାହାଣୀ ଆବୃତ୍ତି ହୋଇଥିବା କବିଙ୍କର୍ କବିତା ସମସ୍ତ ସଂଯୋଜନା କରିଥିଲେ। ସଭାର ଦ୍ୱିତୀୟ ପର୍ଯ୍ୟାୟ ରେ ବରିଷ୍ଠ କବି , ସମାଲୋଚକ ଓ ପ୍ରାକ୍ତନ ସହାୟକ ମହାପ୍ରବନ୍ଧକ ଏସ ବି ଆଇ ର ଶ୍ରୀଯୁକ୍ତ ହିମାଂଶୁ ପରିଡ଼ା ଙ୍କ ପାଇରୋହିତ୍ୟ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ସରକାରଙ୍କ ପ୍ରାକ୍ତନ ନଗର ଉନ୍ନୟନ ଅଧିକାରୀ , ବରିଷ୍ଠ କବି ଶ୍ରୀଯୁକ୍ତ ମୀନକେତନ ଦାସ , ମୁଖ୍ୟ ବକ୍ତା ବରିଷ୍ଠ , ଚର୍ଚ୍ଚିତ ବ୍ୟଙ୍ଗ କବି , ଅଭିନେତା ଶ୍ରୀ ଯୁକ୍ତ ଜ୍ଞାନ ହୋତା, ସମ୍ମାନୀତ ବକ୍ତା ଭାବରେ ଯୋଗ ଦେଇଥିଲେ ବରିଷ୍ଠ ସାହିତ୍ୟିକ , ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ସମ୍ମାନୀତ ଅତିଥି ବରିଷ୍ଠ ଭେଷଜ ବିଶେଷଜ୍ଞ, କଟକ ଡାକ୍ତର ବିଶ୍ୱଜିତ୍ କର, ବରେଣ୍ୟ ଅତିଥି ବ୍ୟଙ୍ଗ କବି, ନାଟ୍ୟକାର, ଅଭିନେତା, ଡ. ବୈରାଗୀ ଚରଣ ମଲ୍ଲିକ , ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ ବରିଷ୍ଠ ଅଧ୍ୟାପକ , ଇଂରାଜୀ ବିଭାଗୀୟ ମୁଖ୍ୟ ପୁଷ୍ପଗିରି ମହାବିଦ୍ୟାଳୟ ରୁ ଡ. ମନୋରଞ୍ଜନ ବୁହୁରା ଓ ଉକ୍ତ ପର୍ଯ୍ୟାୟ ସଭାକୁ ସଞ୍ଚାଳନ , ପରିଚାଳନା , ସଂଯୋଜନା କରିଥିଲେ ବିଶିଷ୍ଟ ବରେଣ୍ୟ ପ୍ରବୀଣ ସାମ୍ବାଦିକ, ସମାଜସେବୀ ଓ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର ର ସଭାପତି ଇଞ୍ଜିନିୟର ଅକ୍ଷୟ କୁମାର ପାଣି । ଉକ୍ତ ସଭାରେ ଅନ୍ତରୀକ୍ଷ ସାହିତ୍ୟ ପତ୍ରିକାର ବିଷୁବ ଓ ରଜ ସଂଖ୍ୟା ଉନ୍ମୋଚନ ହେବା ସହିତ କବୟିତ୍ରୀ ଶ୍ରୀମତୀ ସବିତା କର ( ତ୍ରିପାଠୀ) ଙ୍କ ଦ୍ୱିତୀୟ କବିତା ସଂକଳନ ତୁମ ପାଇଁ, ଉନ୍ମୋଚନ ହୋଇଥିଲା , ଯାହା ଅନ୍ତରୀକ୍ଷ ପ୍ରକାଶନ ରୁ ପ୍ରକାଶିତ। ତତ୍ସହିତ ୧୩ ଜଣ ପ୍ରତିଭା ଙ୍କୁ ଅନ୍ତରୀକ୍ଷ ପତ୍ରିକା ତରଫରୁ ମାନପତ୍ର ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଟ୍ରଷ୍ଟ ର ମେନେଜିଂ ଟ୍ରଷ୍ଟି ଓ ପତ୍ରିକାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତି ସ୍ୱାଗତ ଭାଷଣ ଦେଇଥିଲେ , ମଞ୍ଚଷିନ ଅତିଥି ବୃନ୍ଦ ଓଡ଼ିଆ ସଂସ୍କୃତି ରେ ରଜ ପର୍ବ ଓ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଇତ୍ୟାଦି ସମ୍ବେଦନଶୀଳ ବିଷୟ ଉପରେ ଏକ ମନୋଜ୍ଞ ଆଲୋଚନା କରିଥିଲେ । ଟ୍ରଷ୍ଟ ର ସହଯୋଗୀ ବନ୍ଧୁ , ବାନ୍ଧବୀ ଭାବେ ଶ୍ରୀଯୁକ୍ତ ସୁଧାଂଶୁ ଲେଙ୍କା ଓ ସୁଶ୍ରୀ ଅନୁପମା ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଓ ଶାନ୍ତି ପୂର୍ଣ୍ଣ ଭାବେ ସମାପନ କରିବା ପାଇଁ ସମସ୍ତ ଦାୟିତ୍ୱ ବହନ କରିଥିଲେ। ଶେଷରେ ଅନ୍ତରୀକ୍ଷ ର ସହ ସମ୍ପାଦିକା ଶ୍ରୀମତୀ ସ୍ନେହଲତା ଧୀର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ସାହିତ୍ୟ ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୦୫/୬ (ନି.ପ୍ର): ଗୀତଗୋବିନ୍ଦ ସଦନରେ ଠାରେ ଜାତୀୟ କବି ଲେଖକ ସଂଗଠନ ଭଦ୍ରକ ତରଫରୁ ଏକ ରାଜ୍ୟ ସ୍ତରୀୟ ସାହିତ୍ୟ ସମାବେଶ ସାହିତ୍ୟ ସମ୍ବର୍ଦ୍ଧନା ଓ ମୁଖପତ୍ର ଆମ ଅଙ୍ଗୀକାର-୨୦୨୬ ବିଷୁବ ପତ୍ରିକା ଉନ୍ମୋଚନ ସଭା ଅନୁଷ୍ଠିତ ହୋଇ ଯାଇଛି ।ଏହି ସଭାକୁ ପ୍ରତିଷ୍ଠାତା ସଂପାଦକ ଶ୍ରୀଯୁକ୍ତ ଦୀନବନ୍ଧୁ ବେଜ ପ୍ରଥମେ ଅତିଥିଙ୍କୁ ସଅବାହାନ କରିଥିଲେ ପରେ ସଭାପତି ଶ୍ରୀଯୁକ୍ତ ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ର ସଭାପତିତ୍ୱରେ କରିଥିଲେ । ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ରଜନୀ ରଂଜନ, ବଳିଷ୍ଠ ସିନେ ସଂଳାପକାର ଓ ଅଧ୍ୟାପକ, ମୁଖ୍ୟ ବକ୍ତା ଭାବେ ବିଜୟ ଦାଶ ବରିଷ୍ଠ କବି ନାଟ୍ୟକାର ଓ ଫିଲ୍ମ ନିର୍ଦ୍ଦେଶକ୍ ସମ୍ମାନିତ ଅତିଥି ଭାବେ ରକ୍ଷକ ନାୟକ, ବରିଷ୍ଠ କବି ଓ ପ୍ରଶାସକ, ବିଶିଷ୍ଟ ସମ୍ମାନିତ ଅତିଥି ବିଜୟ ଜେନା ଅବସର ପ୍ରାପ୍ତ ପ୍ରାଧ୍ୟାପକ ଓ ସୁ ସାହିତ୍ୟିକ ଯୋଗ ଦେଇଥିଲେ । ଏହି ସାହିତ୍ୟ ମହୋତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ଲେଖକ ଓ ଲେଖିକା ମାନେ ହେଲେ କୁଳମଣି ବାରିକ, କଟକ -ଆମ ଅଙ୍ଗୀକାର ବାଣୀପୁତ୍ର ୨୦୨୬ ବାବାଜୀ ଚରଣ ଦାସ, ଭୁବନେଶ୍ୱର ଆମ ଅଙ୍ଗୀକାର ପ୍ରବନ୍ଧ ସମ୍ମାନ-୨୦୨୬, କବି ଜଗଦୀଶ ମହାନ୍ତି, ଭଦ୍ରକ ଆମ ଅଙ୍ଗୀକାର ଶ୍ରେଷ୍ଠ ସଂଗଠକ ସମ୍ମାନ- ୨୦୨୬ ଦେବଯାନୀ ଆଚାର୍ଯ୍ୟ, ବାଲେଶ୍ୱର ଆମ ଅଙ୍ଗୀକାର ପ୍ରଜ୍ଞା ଭାରତ ସମ୍ମାନ-୨୦୨୬, ରବିନ୍ଦ୍ରନାଥ ବାହିନୀପତି, ନବରଙ୍ଗପୁର ଆମ ଅଙ୍ଗୀକାର ସାହିତ୍ୟ ଉଦ୍ୟୋକ୍ତା ସମ୍ମାନ ୨୦୨୬, ପଙ୍କଜ ରାଉତ, ଆଠଗଡ଼, କଟକ - ଆମ ଅଙ୍ଗୀକାର ଗୀତିକବି ସମ୍ମାନ-୨୦୨୬ ସୌଦାମିନୀ ତ୍ରିପାଠୀ, ଭୁବନେଶ୍ୱର-ଆମ ଅଙ୍ଗୀକାର କବିତା ସମ୍ମାନ ୨୦୨୬ ସୀତାଂଶୁ ଜେନା, ଯାଜପୁର ଆମ ଅଙ୍ଗୀକାର ନବ ସର୍ଜନା ସମ୍ମାନ ୨୦୨୬, ଗୋଲୋକ ବିହାରୀ ବେହେରା ,ଢେଙ୍କାନାଳ ଆମ ଅଙ୍ଗୀକାର ସାହିତ୍ୟ ଗୌରବ ସମ୍ମାନ ୨୦୨୬, ସୀମା କାନୁନଗୋ, ଭୁବନେଶ୍ୱର ଆମ ଅଙ୍ଗୀକାର ସାହିତ୍ୟ ସୈକତ ସମ୍ମାନ ୨୦୨୬, ଅନ୍ତର୍ଯ୍ୟାମୀ ବେଜ, କେନ୍ଦ୍ରାପଡା ଆମ ଅଙ୍ଗୀକାର ଶିକ୍ଷା ଜାଗୃତୀ ସମ୍ମାନ ୨୦୨୬ ରେ ସମ୍ମାନିତ କରା ଯାଇଥିଲା ।ଏହି ଅବସରରେ ଉନ୍ମୋଚନ ହୋଇଥିଲା। ବିଷୁବ ବିଶେଷାଙ୍କ 'ଆମ ଅଙ୍ଗୀକାର - ୨୦୨୬' ଏହି ସାହିତ୍ୟ ଉତ୍ସବରେ ସାରା ରାଜ୍ୟରୁ ପ୍ରତ୍ୟେକ ଜିଲ୍ଲାରୁ ପ୍ରାୟ ଏକଶତ ଷାଠିଏ ଜଣ କବି କାୟିତ୍ରୀ ସାମିଲ ହୋଇ ଥିଲେ, ଉପଦେଷ୍ଟା କୁଳମଣି ବାରିକ ସଂଯୋଜକ ଜଗଦୀଶ ମହାନ୍ତି, କା ସଂପାଦିକା ଦେବଯାନୀ ଆଚାର୍ଯ୍ୟ, ସ ସମ୍ପାଦକ ଅନନ୍ତ କୁମାର, ପଙ୍କଜ ରାଉତ / ସାଗର ପରିଡ଼ା, ମୃତ୍ୟୁଞ୍ଜୟ ସାହୁ ସଂଗ୍ରାମ ତ୍ରିପାଠୀ, ସଭାପତି ଯଜ୍ଞେଶ୍ୱର ପଣ୍ଡା ଓ ସଂପାଦକ ଦୀନବଂଧୁ ବେଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

# ବିଶ୍ୱ ପରିବେଶ ଦିବସ ପାଳିତ

ବଲାଙ୍ଗୀର, ୦୫/୬ (ନି.ପ୍ର): ବଲାଙ୍ଗୀର ବନଖଣ୍ଡ ମୁରିବାହାଲ ରେଞ୍ଜ ଅଧୀନସ୍ଥ ତେନ୍ତୁଳିଖୁଂଟି ଟିଖାରୀ ସଂରକ୍ଷିତ ଜଙ୍ଗଲ ପରିସରରେ ଆଜି "ବିଶ୍ୱ ପରିବେଶ ଦିବସ" ବେଶ୍ ଧୂମଧାମରେ ପାଳିତ ହୋଇଯାଇଛି। ତେନ୍ତୁଳିଖୁଂଟି ବନ ସଂରକ୍ଷଣ ସମିତି(ଠଝଝ) ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା ଓ ପରିବେଶର ସନ୍ତୁଳନ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସମାରୋହରେ ମୁରିବାହାଲ ବନ ବିଭାଗ ପକ୍ଷରୁ ଫରେଷ୍ଟର ଶ୍ରୀ ଧ୍ରୁବଚରଣ ବଗର୍ତୀଙ୍କ ସମେତ ଫରେଷ୍ଟ ଗାର୍ଡ ଶ୍ରୀ ଅଜିତ ବେହେରା, ଧରିତ୍ରୀ ବାରିକ, ନିଲୁ ବରିହା ଏବଂ ଆଇପିସିଏ ସ୍କ୍ୱାଡ୍(ଓକ୍ତ୍ରମରବ ଝକ୍ତଙ୍କବୟ)ର ସଦସ୍ୟମାନେ ଯୋଗଦେଇ ସ୍ଥାନୀୟ ଅଂଚଳରେ ସବୁଜିମା ବୃଦ୍ଧି ଏବଂ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ। ଏଥିସହିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପରିବେଶବିତ୍‌ମାନେ ଉପସ୍ଥିତ ରହି ଜଙ୍ଗଲ ନଷ୍ଟ ନକରିବା ଏବଂ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ସମସ୍ତଙ୍କୁ ସଚେତନ କରାଇଥିଲେ।

# ଗୋ ଗ୍ରୀନ୍ ଗୋ କ୍ଲିନ୍ ଆହ୍ୱାନ ନେଇ ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ

ପାରାଦୀପ, ୦୫/୬ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ଆହ୍ୱାନକୁ ଗ୍ରହଣ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା । ଏସିପି-୩ ପରିସରରେ ଏହି ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପାରାଦୀପ ବନ୍ଦର ପରିବେଶ ସୁରକ୍ଷା ଦିଗରେ ନାନାବିଧ କାର୍ଯ୍ୟକ୍ରମମାନ ଗ୍ରହଣ କରିଥିବା ସୂଚନା ଦେଇଥିଲେ । ନୂତନ ଜ୍ଞାନକୌଶଳ ମାଧ୍ୟମରେ ପରିବେଶର ସୁରକ୍ଷା ହେଲେ ସମସ୍ତେ ସୁରକ୍ଷିତ ଭାବେ ରହି ପାରିବା ବୋଲି ମତବ୍ୟକ୍ତ କରିଥିଲେ । ଆମ ପ୍ରକୃତି ସ୍ୱତନ୍ତ୍ର ଭାବେ ପରିବେଶ ସୁରକ୍ଷା ଦିଗରେ ଆମକୁ ବହୁତ କିଛି ଶିକ୍ଷା ଦିଏ, ପାରାଦୀପ ବନ୍ଦର ଏସଟିପି-୩ ରେ ପ୍ରଦୂଷିତ ଜଳକୁ ନୂତନ ଜ୍ଞାନକୌଶଳ ମାଧ୍ୟମରେ ଶୋଧନ କରି ବ୍ୟବହାର ଉପଯୋଗୀ କରିପାରିଛି । ପାରାଦୀପ ବନ୍ଦର ଗ୍ରୀନ ପୋର୍ଟ ଇକୋ ସିଷ୍ଟମର ଉପଯୋଗ କରି ପରିବେଶ ପରିଚାଳନାର ଦକ୍ଷତା ପ୍ରତିପାଦିତ କରୁଛି । ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ବ୍ୟପକ ଭାବେ ଜନ ସଚେତନତା ସୃଷଟି କରୁଛି ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଟି. ଭେନୁ ରୋପାଳଙ୍କ ସମେତ ବିଭାଗୀୟ ମୁଖ୍ୟ, ଅଧିକାରୀ, ସାକ୍ଷରତା ସମିତିର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ ।



# ଜନଜାଗୃତି ମଂଚ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ



ଉଦଳା, ୦୫/୬ (ନି.ପ୍ର): ମୟୂରଭଂଜରେ କାର୍ଯ୍ୟରତ ଲୋକ ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଆଜି ଜୁନ ୫ ତାରିଖ ଶୁକ୍ରବାର ଦିନ ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଭଣ୍ଡଗାଁସ୍ଥିତ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ସାଧାରଣ ସଭାର ପର୍ବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସରପଂଚ ସାବିତ୍ରୀ ହେମ୍ବ୍ରମ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଆଜିର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗଦେଇଥିବାରୁ କୃତଜ୍ଞତା ଜଣାଇଥିଲେ । ଆତ୍ମଶକ୍ତି ଟ୍ରଷ୍ଟର ସାମାଜିକ କର୍ମୀ ପଂଚାନନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରତିବର୍ଷ ଏହାକୁ ପାଳନ କରିବା ପାଇଁ ୧୯୭୨ ମସିହା ଜୁନ ୫ ତାରିଖ ଦିନ ସ୍ୱେଡ଼େନର ଷ୍ଟକହୋମ ଠାରେ ମିଳିତ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମିତି ସଭ୍ୟା ସଂଯୁକ୍ତା ନାୟକ, ନାଏବ ସରପଂଚ ଶତୃଘ୍ନ ନାୟକ, ଜନଜାଗୃତି ମଂଚର ଟିମ୍ ଲିଡ଼ର ଗଦାଧର ଦାଶ, ସ୍ୱେଚ୍ଛାସେବି ସୁବ୍ରତ ମହନ୍ତି ଓ କୈଳାଶ ଚନ୍ଦ୍ର ନାୟକ ପ୍ରମୁଖ ଆଲୋକ ଭାବରେ ଅଂଶ ଗ୍ରହଣ କରି ପ୍ଲାଷ୍ଟିକ ଓ ପଲିଥିନର ବହୁଳ ବ୍ୟବହାର ପରିବେଶ ପ୍ରତି କିପରି ଭୟଙ୍କର ବିପଦକୁ ଡ଼ାକି ଆଣୁଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏଡ଼ିଓ ପ୍ରଦିପ୍ତ କିଶୋର ଉପାଧ୍ୟାୟ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ସୀମା ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ ପୁର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ନିରୁପମା, କାରୁକର , ବାସନ୍ତି , ରଶ୍ମିତା, ରେବତି ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ, ୦୫/୬ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ବଉଳପୋଖରୀ ସରକାରୀ ବିଦ୍ୟାଳୟ, ଚରମ୍ପା, ଭଦ୍ରକ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ରାମଚନ୍ଦ୍ର ନାୟକ, ସମ୍ପାଦକ, ଭଦ୍ରକ ମୋହରିର ସଙ୍ଘ ତଥା ସାମାଜିକ କର୍ମୀ, ଭଦ୍ରକ, ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ ଭଦ୍ରକ, ପ୍ରୀତିରଣୀ ଦାସ, ବନରକ୍ଷୀ ବିଭାଗ, ସାତଭଉଣୀ , ଭଦ୍ରକ ସସ୍ମିତା ଦୀକ୍ଷିତ, ପ୍ରଧାନଶିକ୍ଷୟିତ୍ରୀ, ବଉଳପୋଖରୀ ସରକାରୀ ବିଦ୍ୟାଳୟ ତଥା ବନରକ୍ଷୀ କର୍ମଚାରୀ ଗଣ ଏବଂ ୬୦ରୁ ଉର୍ଦ୍ଧ୍ୱ ଜନସାଧାରଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତାର ବାର୍ତ୍ତା ଦିଆଯାଇଥିଲା ଯେ ଅଧୁନା ଆମର ଏହି ସୁନ୍ଦର ପରିବେଶ ଦୂଷିତ ହେବାରେ ଲାଗିଛି । ଏଣୁ ଏହାର ସୁରକ୍ଷା ନିତାନ୍ତ ଆବଶ୍ୟକ । ପରିବେଶକୁ ରକ୍ଷା କରିବା ଆମର କର୍ତ୍ତବ୍ୟ । ଏହା ସହିତ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜରିଆରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଶେଷ ଲୋକ ଅଦାଲତ ( ସମାଧାନ ସମାରୋହ) -୨୦୨୬ ବାବଦରେ ମଧ ସଚେତନତା କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ତଥା ସ୍ୱେଚ୍ଛାସେବୀ ଗଣ ସସ୍ମିତା ସାହୁ, ପ୍ରମିଳା ପ୍ରଧାନ, ଚାରୁଲତା ବେହେରା, ଶକୁନ୍ତଳା ପାତ୍ର, ମଧୁସ୍ମିତା ମଲ୍ଲିକ, ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରକୃତି ମିତ୍ର ଏବଂ ପ୍ରକୃତି ବନ୍ଧୁମାନଙ୍କର ସମ୍ବର୍ଦ୍ଧନା ଉତ୍ସବ ପାଳିତ ହେଲା




ବାଲେଶ୍ୱର, ୦୫/୬ (ନି.ପ୍ର): ଜିଲ୍ଲା ପରିବେଶ ସମିତି, ବାଲେଶ୍ୱର ଦ୍ୱାରା ବିଶ୍ୱ ପରିବେଶ ଦିବସ ଅବସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆୟୋଜନ କରାଯାଇଥିଲା । ଯୋଉଥିରେ ଚଳିତ ବର୍ଷ ୨୦୨୫-୨୬ ମସିହା ପାଇଁ ଜିଲ୍ଲା ସ୍ତରରେ ୧୦ଜଣ ପ୍ରକୃତି ବନ୍ଧୁ ଏବଂ ୫ଜଣ ପ୍ରକୃତି ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ପରିବେଶ ସମିତିର ସମ୍ପାଦକ ତଥା ବନ ସଂରକ୍ଷକ କାର୍ଯ୍ୟ ଯୋଜନା ଅଧିକାରୀ ଶ୍ରୀଯୁକ୍ତ ତପନ କୁମାର ପରିଡାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଜିଲ୍ଲା ସ୍ତରୀୟ ଅଫିସର ବୃନ୍ଦ ଯଥା ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗର ଶ୍ରୀଯୁକ୍ତ ପ୍ରଦୀପ କୁମାର ଭୋଳ, ପ୍ରକଳ୍ପ ନିର୍ଦ୍ଦେଶକ ଜଳାଶୟ ବିଭାଗ ଶ୍ରୀଯୁକ୍ତ ରଶ୍ମି ରଞ୍ଜନ ପାତ୍ର, ଡକ୍ଟର ମନୋଜ କୁମାର ସାହୁ ଜିଲ୍ଲା ଯକ୍ଷ୍ମା ଅଫିସର, ଅତିରିକ୍ତ କୃଷି ଅଧିକାରୀ ଶ୍ରୀଯୁକ୍ତ ଶୁଭମ୍ବା ଭୂୟାଁ ଏବଂ ବେସରକାରୀ ସଂଗଠନର ସମ୍ପାଦକ ଶ୍ରୀଯୁକ୍ତ ଜୀବନ କୁମାର ମଲ୍ଲିକ ପ୍ରଭୃତି ଯୋଗ ଦେଇ ସଭା କାର୍ଯ୍ୟକୁ ଆଗକୁ ନେଇଥିଲେ । ସରକାରଙ୍କ ତରଫରୁ ପୁରସ୍କାର ପାଇଁ ବିବେଚିତ ହୋଇଥିବା ୫ଜଣ ପ୍ରକୃତି ମିତ୍ର ଏବଂ ୧୦ଜଣ ପ୍ରକୃତି ବନ୍ଧୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ସହିତ ପ୍ରତ୍ୟେକ ପ୍ରକୃତି ବନ୍ଧୁଙ୍କୁ ୧୦୦୦୦/- ଏବଂ ପ୍ରକୃତି ମିତ୍ରଙ୍କୁ ୨୦୦୦୦/- ଅର୍ଥ ରାଶି ସେମାନଙ୍କ ବ୍ୟାଙ୍କ ଏକାଉଣ୍ଟକୁ ପ୍ରେରଣ କରାଗଲା । ପ୍ରତ୍ୟେକ ପ୍ରକୃତି ବନ୍ଧୁ ଏବଂ ପ୍ରକୃତି ମିତ୍ର ସେମାନଙ୍କର ନିଜର ଅଭିଜ୍ଞତା ସଭାରେ ଉପସ୍ଥାପନ କଲାପରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ବିଶ୍ୱ ପରିବେଶ ଦିବସ ହେଉଛି ' ପରିବେଶ ସଚେତନତା ପ୍ରୋତ୍ସାହନ ପାଇଁ ପ୍ରତି ବର୍ଷ ୫ଜୁନରେ ପାଳିତ ହେଉଥିବା ଏକ ଅନ୍ତର୍ଜାତୀୟ ଦିବସ' । ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଦ୍ୱାରା ପରିଚାଳିତ ଏବଂ ୧୯୭୩ ମସିହାରୁ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଏହି ଦିବସ ପରିବେଶ ପ୍ରସାର ପାଇଁ ସର୍ବ ବୃହତ ବିଶ୍ୱ ପ୍ଲାଟଫର୍ମ ଭାବରେ ବିକଶିତ ହୋଇଛି । ପ୍ରତି ବର୍ଷ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଏହି ବିଶ୍ୱ ସ୍ତରୀୟ ଦିବସ ପାଳନ ଆୟୋଜନ କରେ । ୨୦୨୬ ମସିହା ଆଜିର ଦିବସର ଆୟୋଜକ ହେଉଛନ୍ତି ଆଜରବୈଜାନ ଦେଶର 'ବାକୁ' ପ୍ରଦେଶ । ଏ ବର୍ଷର ବିଷୟ ବସ୍ତୁ ହେଉଛି ପ୍ରକୃତି ଦ୍ୱାରା ଅନୁପ୍ରାଣିତ ଜଳବାୟୁ ପାଇଁ ଏବଂ ଆମ ଭବିଷ୍ୟତ ପାଇଁ ।

# ବିଜେଡି ଏବେ ବିଲୟ ମୁହାଁ: ସୁରେଶ ପୂଜାରୀ

ଭୁବନେଶ୍ୱର, ୦୫/୬ (ନି.ପ୍ର): ବିଜେଡି ଏବେ ବିଲୟ ମୁହାଁ ବୋଲି କହି ଟାର୍ଗେଟ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, ରାଜ୍ୟରେ ପୂର୍ବରୁ ମଧ ଅନେକ ଦଳ ଜନ୍ମ ନେଇ ସମାପ୍ତ ହୋଇଛନ୍ତି । ଯେଉଁଭଳି ନେତା ମାନେ ବିଜେଡି ଛାଡୁଛନ୍ତି ଏହା ଏବେ ବିଲୟ ମୁହାଁ ।ଗୋଟିଏ ପରେ ଗୋଟିଏ ୱିକେଟର ପତନ ଘଟୁଛି, ଖୁବ୍ ଶୀଘ୍ର ଅଲ୍‌ଆଉଟ୍ ହେବ । ବିନା ବିଚାରଧାରାରେ କ୍ଷମତା ସର୍ବସ୍ୱ ଦଳ କେବେ ଦୀର୍ଘାୟୁ ହୋଇନାହିଁ ବୋଲି ସେ କହିଛନ୍ତି ।

# ଏସଆଇଆର ପରିଗଣନା କାର୍ଯ୍ୟକ୍ରମ

ବସ୍ତା , ୦୫/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସ୍ୱତନ୍ତ୍ର ସଂଘନ ସଂଶୋଧନ ପରିଗଣନା (ଏସଆଇଆର ଏନୁମୁରେସନ) କାର୍ଯ୍ୟ କ୍ରମ ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକ ଶନିବାର ଶୁଭାରମ୍ଭ କରିଛନ୍ତି । ମେ ୩୦ ତାରିଖ(ଶନିବାର) ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ଏସ ଆଇ ଆର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟକ୍ରମ ଚାଲିବ । ସ୍ୱତନ୍ତ୍ର ସଂଘନ ସଂଶୋଧନ(ଏସ ଆଇଆର) କାର୍ଯ୍ୟକ୍ରମ ଅଧୀନରେ ଗୁରୁବାର ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ନଟାକଟା ପଞ୍ଚାୟତରେ ବୁଥ ପରି ଦର୍ଶନ କରି ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ତଦାରଖ କରିବା ଓ ଫର୍ମ ବଣ୍ଟନ କରିବା ସହ ନଟାକଟା ପଞ୍ଚାୟତ ସ୍ଥିତ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ରଘୁନାଥ ମହାନ୍ତି ବାସଭବନରେ ପହଁଞ୍ଚି ବସ୍ତା ତାହସିଦାର ଶ୍ରୀ ପଟ୍ଟନାୟକଙ୍କ ଉପ ସ୍ଥିତିରେ ବିଏଲଓ ହୃଶିକେସ ଜେନା,ସୁପରଭାଇଜର ସୁଦୀପ କୁମାର ପ୍ରଧାନ,ସୁପରଭାଇଜର ଅରବିନ୍ଦ ପାଣିଗ୍ରାହୀ ଫର୍ମ ବଣ୍ଟନ କରିବା ସହ ଫର୍ମ ପୂରଣ କରିବା ଓ ଫର୍ମ ସମ୍ପର୍କରେ ବୁଝାଇ ଥିଲେ । ଏଥି ସହ ନଟାକଟା ପଞ୍ଚାୟତର ଘର ଘର ବୁଲି ଭୋଟର ଙ୍କୁ ପରିଗଣନା ଫର୍ମ ବିତରଣ,ଫର୍ମ ପୂରଣ ଓ ଆବଶ୍ୟକ ପ୍ରମାଣ ପତ୍ର ବିଷୟରେ ଅବଗତ କରାଇଥିଲେ । ବସ୍ତା ତହସିଲଦାର ବିଏଲଓ ମାନଙ୍କୁ ନିଷ୍ଠାର ସହ ଘରକୁ ଘର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇ ସମସ୍ତ ଭୋଟରମାନଙ୍କୁ ବିଏଲଓଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ ।



# ବିମଳା ବାଳା ବେହୁରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ସ୍ମୃତି ଶ୍ରଦ୍ଧାଞ୍ଜଳି ପୁସ୍ତକ ଉନ୍ମୋଚନ

ଭଦ୍ରକ , ୦୫/୬ (ନି.ପ୍ର): ବିମଳା ବାଳା ବେହୁରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ସ୍ଥାନୀୟ ସତ୍ୟସାଇ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସ୍ମୃତି ଶ୍ରଦ୍ଧାଞ୍ଜଳି ପୁସ୍ତକ ଉନ୍ମୋଚନ ହୋଇଯାଇଛି । ସତ୍ୟସାଇ ସେବା ସେବା ସଂଗଠନ ର ସଭାପତି ଡାକ୍ତର ରଂଜିତ ଖଟୁଆଙ୍କ ସଭାପତିତ୍ୱରେ ପ୍ରଜ୍ଞା ପୁରୁଷ ଅନିରୁଦ୍ଧ ଦାସ ମୁଖ୍ୟ ଅତିଥି, ସଂଯୋଜକ ଜୟଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କହିଲେ ବିମଳା ବାଳା ବେହୁରା ଜଣେ ସୁଗୃହିଣୀ ଥିବା ସହିତ ସତ୍ୟସାଇ ସେବା ସଂଗଠନ ର ବାଳ ବିକାଶ ଗୁରୁମା ହିସାବରେ ଦାୟିତ୍ୱ ନେଇ ସୁଚାରୁରୂପେ ତୁଲାଇଥିଲେ ସେ ଜଣେ ଦରଦୀ, ସଚୋଟ, ଧର୍ମ ପରାୟଣ ମହିଳା ଥିଲେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସକାଳେ ତାଙ୍କ ସାହାଡ଼ା ସ୍ଥିତ ପାଟଣା ସାହି ଠାରେ ସମାଧି ପୀଠ ରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଥିଲା ସ୍ୱାମୀ ବରିଷ୍ଠ ହିସାବ ରକ୍ଷକ କବି ତଥା ସୁଲେଖ ଦୟାନିଧି ବେହୁରା ଏ ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଶେଷରେ ସତ୍ୟସାଇ ସେବା ସଂଗଠନର ଆବାହକ ପଙ୍କଜ ନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ




ନୀଳଗିରି, ୦୫/୬ (ନି.ପ୍ର): ବିଶ୍ୱ ପରିବେଶଦିବସ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ଦ୍ୱାରା ନୀଳଗିରି ବ୍ଲକ୍ ମଛୁଆ ଗ୍ରାମ ଏବଂ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସ ମଧବର୍ତ୍ତୀ ଅଞ୍ଚଳରେ ଏକ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ୨୦୦ରୁ ଅଧିକ ପଣସ, ନିମ୍ବ, ଅର୍ଜୁନ, ଶିଶୁ, ଆମ୍ବ, ବେଲ ଏବଂ ଜାମୁ ପ୍ରଜାତିର ଚାରାଗଛ ରୋପଣ କରାଯାଇଥିଲା । ମଛୁଆ ଗ୍ରାମର ସରପଞ୍ଚ ଏବଂ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ପତିତ ଭୂମିରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିବା ବେଳେ କୁଳପତିଙ୍କ ଦ୍ୱାରା ଏକ 'ପଲ୍ଲୀ ତୋଟା' ଯୋଜନାର ମଧ ଶୁଭାରମ୍ଭ କରାଯାଇଥିଲା । ଆଗାମୀ ଦିନରେ ଏହି ପଲ୍ଲୀ ତୋଟାରେ ନିୟମିତ ବ୍ୟବଧାନରେ ଚାରାରୋପଣ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ନେଇ ମଧ୍ୟ ସୂଚୀତ କରାଯାଇଛି । ଏହି ପଦକ୍ଷେପ ଗ୍ରାମାଞ୍ଚଳର ସବୁଜିମା ବୃଦ୍ଧି ଓ ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ମତ ପ୍ରକାଶ କରିଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ସୁଚିନ୍ତିତ ଯୋଜନା ଅନୁଯାୟୀ ରୋପିତ ଚାରାଗଛଗୁଡ଼ିକୁ ତାରବାଡ଼ ଦ୍ୱାରା ସୁରକ୍ଷିତ କରାଯିବା ସହ ସେଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ଓ ସମ୍ପୂର୍ଣ୍ଣ ଯତ୍ନର ଦାୟିତ୍ୱ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ନିର୍ବାହ କରିବ । କାର୍ଯ୍ୟକ୍ରମ ସମୟରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଏଥିସହ ଜୈବିକ ସାର ଓ ମାଟି ମିଶାଇ ପ୍ରସ୍ତୁତ କରାଯାଇଥିବା ମଞ୍ଜି ଗୁଳାଗୁଡ଼ିକୁ ଅପହଞ୍ଚ ଅଞ୍ଚଳରେ କ୍ଷେପଣ କରାଯାଇ ପ୍ରାକୃତିକ ବନୀକରଣକୁ ଉତ୍ସାହିତ କରାଯାଇଥିଲା । ଏହି ବିଶାଳ ଚାରାରୋପଣ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।ଅଂଶଗ୍ରାହୀ ମାନେ ନିଜ ମତବ୍ୟକ୍ତ କରି କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ଏକ ଦିନର କାର୍ଯ୍ୟକ୍ରମ ନୁହେଁ; ବରଂ ଏହା ଏକ ନିରନ୍ତର ସାମାଜିକ ଦାୟିତ୍ୱ । ବୃକ୍ଷରୋପଣ ଓ ସେଗୁଡ଼ିକର ସଠିକ୍ ଯତ୍ନ ମାଧ୍ୟମରେ ଆସନ୍ତା ପିଢ଼ି ପାଇଁ ଏକ ସବୁଜ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବା ସମ୍ଭବ ବୋଲି ସେମାନେ ଆହ୍ୱାନ ଜଣାଇଥିଲେ ।

# ଭଦ୍ରକରେ ଆରମ୍ଭ ହେବ ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି-୨୨.୦: ସାତ ଜିଲ୍ଲାର ୨୨୦ କ୍ରୀଡ଼ାବିତ୍‌ଙ୍କ ଅଂଶଗ୍ରହଣ

ଭଦ୍ରକ, ୦୫/୬ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଆସନ୍ତା ୬ ଓ ୭ ଜୁନ ତାରିଖରେ ଭଦ୍ରକ କଲେଜ ପଡ଼ିଆଠାରେ ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି-୨.୦ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ । ଏହି ଦୁଇଦିନିଆ ପ୍ରତିଯୋଗିତାରେ ଫୁଟବଲ, ଭଲିବଲ, ଖୋ-ଖୋ ଓ କବାଡ଼ି ଖେଳ ଅନୁଷ୍ଠିତ ହେବ ।ଏହି ପ୍ରତିଯୋଗିତାରେ ସାତଟି ଜିଲ୍ଲାରୁ ପ୍ରାୟ ୧୧୦ ଜଣ ବାଳକ ଓ ୧୧୦ ଜଣ ବାଳିକା କ୍ରୀଡ଼ାବିତଙ୍କ ସହ ପ୍ରାୟ ୨୦ ଜଣ ଅଧିକାରୀ ଯୋଗଦେବେ । ପ୍ରତିଯୋଗୀ ଓ ଅଧିକାରୀମାନେ ୫ ଜୁନରେ ଭଦ୍ରକରେ ପହଞ୍ଚିବେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ବିଭିନ୍ନ ବିଭାଗକୁ ଆବଶ୍ୟକ ଦାୟିତ୍ୱ ପ୍ରଦାନ କରାଯାଇଛି । କ୍ରୀଡ଼ାବିତମାନଙ୍କ ରହଣି, ଖାଦ୍ୟ, ପରିବହନ, ସୁରକ୍ଷା ଓ ଚିକିତ୍ସା ସେବା ସମେତ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରାଯାଇଛି ।ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଜୋନାଲ ସ୍ତରୀୟ କ୍ରୀଡ଼ା ମହୋତ୍ସବକୁ ନେଇ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଥିବା ବେଳେ କ୍ରୀଡ଼ାପ୍ରେମୀ ଏବଂ ସାଧାରଣ ଜନତାଙ୍କୁ ଖେଳ ଦେଖିବା ସହ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବାକୁ ଅନୁରୋଧ କରାଯାଇଛି । ଏହି ପ୍ରତିଯୋଗିତା ଜିଲ୍ଲାର କ୍ରୀଡ଼ା ପରିବେଶକୁ ଆହୁରି ସୁଦୃଢ଼ କରିବା ସହ ଯୁବ ପ୍ରତିଭାମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନର ସୁଯୋଗ ପ୍ରଦାନ କରିବ ।

# ପାରାଦୀପ ପୌରପାଳିକା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ




ପାରାଦୀପ, ୦୫/୬ (ନି.ପ୍ର): ପାରାଦୀପ ପୌରପାଳିକା ପକ୍ଷରୁ ଆଜି ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ଏହି ଅବସରରେ ଅଠରବାଙ୍କୀ ନିକଟସ୍ଥ ବିଜୟଚାନ୍ଦପୁର ମହାନଦୀ ଘାଟରେ ବୃକ୍ଷରୋପଣ କରାଯାଇଥିଲା । ମହାନଦୀ କୂଳରେ ବ୍ୟାପକ ଭାବେ ହେନ୍ତାଳ ବନ ସୃଷ୍ଟି କରିବା ପାଇଁ ପୌରପାଳିକା ପକ୍ଷରୁ ହେନ୍ତାଳ ଚାରା ରୋପଣ କରାଯାଇଥିଲା । ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ପରିବେଶବିତ୍ ଅମରେଶ ନରେଶ ସାମନ୍ତ, ବିଶ୍ୱଜିତ ସାମଲ, କାଉନସିଲର ସୁବ୍ରତ ପ୍ରଧାନ, ପ୍ରତାପ କୁମାର ନାୟକ, ଅଜିତ କୁମାର ଷଡଙ୍ଗୀ, ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇ ଚାରା ରୋପଣ କରିଥିଲେ । ଏହି ଚାରା ରୋପଣ କାର୍ଯ୍ୟକ୍ରମ ରେ ପାରାଦୀପ ଅଞ୍ଚଳ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସାତ୍ୱିକ ସୋଲ ଫାଉଣ୍ଡେସନ୍, ନୀଳଚକ୍ର ୟୁଥ କ୍ଲବ୍, ବିବେକାନନ୍ଦ ୟୁଥ କ୍ଲବ୍‌ର ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida